

যা দেবী সর্বভূতেষু...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ଶନିବାର ୧୫ ଅଗଷ୍ଟ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 15 August 2026

Vol.No. 36 ■ No.214 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା

ସାଗରିକା

(ରଥ ସଂଖ୍ୟା)

ଡିଜିଟାଲ ଫର୍ମାଟରେ

ମଧ୍ୟ ଉପଲବ୍ଧ...

ପ୍ରାପ୍ତିସ୍ଥାନ: ନଲେଜ ସେଣ୍ଟର, ବସଷ୍ଟାଣ୍ଡ ସାମ୍ନା, ବାଲେଶ୍ୱର

website : sagarika.in.net


## ସ୍ୱାଧୀନତାର ପ୍ରକୃତ ଅର୍ଥ ସମାନ ସୁଯୋଗ ଓ ସମାବେଶୀ ବିକାଶ: ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ

ନୂଆଦିଲ୍ଲୀ,୧୪/୮ : ସ୍ୱାଧୀନତାର ପ୍ରକୃତ ଅର୍ଥ କେବଳ ବିଦେଶୀ ଶାସନରୁ ମୁକ୍ତି ନୁହେଁ, ବରଂ ପ୍ରତ୍ୟେକ ନାଗରିକ ନିଜର ସାମର୍ଥ୍ୟ ଓ ଆକାଂକ୍ଷା ପୂରଣ କରିବା ପାଇଁ ସମାନ ସୁଯୋଗ ପାଇବା ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି। ସ୍ୱାଧୀନତା ଦିବସର ପୂର୍ବସନ୍ଧ୍ୟାରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇ ସେ ରାଷ୍ଟ୍ର ଉଦ୍ଦେଶ୍ୟରେ ବାର୍ତ୍ତା ଦେଇଛନ୍ତି । ରାଷ୍ଟ୍ରପତି ଉଲ୍ଲେଖ କରିଛନ୍ତି ଯେ ଭାରତୀୟ ସମ୍ବିଧାନରେ ନ୍ୟାୟ, ସ୍ୱାଧୀନତା, ସମାନତା ଓ ଭାଇଚାରା ଭଳି ମୂଳ ମୂଲ୍ୟବୋଧକୁ ସର୍ବୋଚ୍ଚ ସ୍ଥାନ ଦିଆଯାଇଛି । ଏହି ଆଦର୍ଶଗୁଡ଼ିକ ପ୍ରତ୍ୟେକ ନାଗରିକଙ୍କୁ ଆତ୍ମବିଶ୍ୱାସର ସହ ଆଗକୁ ବଢ଼ିବା, ସମାଜ ପାଇଁ ନିଷ୍ଠାର ସହ ଅବଦାନ ରଖିବା ଏବଂ ନିଜ ସ୍ୱପ୍ନକୁ ସାକାର କରିବା ପାଇଁ ଏକ ସୁସ୍ଥ ପରିବେଶ ଯୋଗାଇ ଦେଇଥାଏ । ଦେଶର ଉଜ୍ଜ୍ୱଳ ଭବିଷ୍ୟତ ଗଠନରେ



ଯୁବପିଢ଼ିଙ୍କ ଭୂମିକା ଉପରେ ରାଷ୍ଟ୍ରପତି ବିଶେଷ ଗୁରୁତ୍ୱାରୋପ କରିଛନ୍ତି । ସେ କହିଛନ୍ତି ଯେ ଭାରତର ପ୍ରଗତି ପଥରେ ଯୁବକ-ଯୁବତୀଙ୍କ ଉତ୍ସାହ, ଶକ୍ତି ଓ ଅନ୍ତର୍ନିହିତ ପ୍ରତିଭା ମୁଖ୍ୟ ଚାଳିକା ଶକ୍ତି ସାଜିବ । ଶିକ୍ଷା, ଦକ୍ଷତା ବିକାଶ, ନିଯୁକ୍ତି ଏବଂ ନୂତନ ଉଦ୍ୟମିତା କ୍ଷେତ୍ରରେ ଅଧିକରୁ ଅଧିକ ସୁଯୋଗ ସୃଷ୍ଟି କରାଗଲେ ଯୁବପିଢ଼ି ନିଜର ଆକାଂକ୍ଷା ପୂରଣ କରିପାରିବେ । ଏହା ଦ୍ୱାରା ଯୁବସମାଜ ଆତ୍ମନିର୍ଭରଶୀଳ ହେବା ସହ ଜାତୀୟ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବାରେ ବଡ଼ ଯୋଗଦାନ ଦେଇପାରିବେ । ସେହିପରି ଦେଶର ସାମଗ୍ରିକ ଉନ୍ନତି ପାଇଁ ସମାବେଶୀ ବିକାଶର ଆବଶ୍ୟକତା ଉପରେ ସେ ଆଲୋକପାତ କରିଛନ୍ତି । ରାଷ୍ଟ୍ରପତି କହିଛନ୍ତି ଯେ ବିକାଶର ସୁଫଳ ଯେପରି ସମାଜର ଶେଷ ଧାଡ଼ିରେ ଥିବା ପ୍ରତ୍ୟେକ ବର୍ଗଙ୍କ ପାଖରେ ପହଞ୍ଚିପାରିବ, ତାହା ସୁନିଶ୍ଚିତ ହେବା ଆବଶ୍ୟକ । ବିଶେଷକରି ସମାଜର ଦୁର୍ବଳ, ଶୋଷିତ ଓ ବଞ୍ଚିତ ବର୍ଗଙ୍କୁ ମୁଖ୍ୟସ୍ରୋତରେ ସାମିଲ କରି ଆଗକୁ ବଢ଼ିବାର ସମାନ ସୁଯୋଗ ପ୍ରଦାନ କରିବା ହିଁ ପ୍ରକୃତ ସମାବେଶୀ ବିକାଶର ମୂଳ ଲକ୍ଷ୍ୟ। ସର୍ବୋପରି, ରାଷ୍ଟ୍ରପତିଙ୍କ ଏହି ମାର୍ଗଦର୍ଶୀ ବାର୍ତ୍ତାରେ ସ୍ୱାଧୀନତାକୁ ନାଗରିକଙ୍କ ସମ୍ମାନ, ସମାନ ଅଧିକାର ଓ ସର୍ବାଙ୍ଗୀନ ଉନ୍ନତିର ସୁଯୋଗ ସହିତ ଯୋଡ଼ି ଦେଖାଯାଇଛି । ସମାଜର ପ୍ରତ୍ୟେକ ବ୍ୟକ୍ତି ସାମ୍ବିଧାନିକ ନୀତି ଓ ମୂଲ୍ୟବୋଧକୁ ଆନ୍ତରିକତାର ସହ ଅନୁସରଣ କରି ଦେଶକୁ ଏକ ସମୃଦ୍ଧ, ବିକଶିତ ଏବଂ ସମାବେଶୀ ରାଷ୍ଟ୍ର ଭାବେ ଗଢ଼ି ତୋଳିବାକୁ ରାଷ୍ଟ୍ରପତି ସମଗ୍ର ଦେଶବାସୀଙ୍କୁ ଏକଜୁଟ୍ ହେବା ପାଇଁ ଆହ୍ୱାନ ଜଣାଇଛନ୍ତି ।

## ସୁପ୍ରିମକୋର୍ଟଙ୍କ ରୋକ୍ ପରେ ରାଜ୍ୟର ଭାରପ୍ରାପ୍ତ ଡିଜିପି ହେଲେ ବିନୟତୋଷ ମିଶ୍ର

ଭୁବନେଶ୍ୱର, ୧୪/୮ (ନି.ପ୍ର): ୧୯୯୩ ବ୍ୟାଚ ଆଇପିଏସ୍ କ୍ରାଇମବ୍ରାଂଚ ଡିଜି ବିନୟତୋଷ ମିଶ୍ରଙ୍କୁ ରାଜ୍ୟ ପୁଲିସ ଡିଜି ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ପୁଲିସ ଡିଜି ୱାଇବି ଖୁରାନିଆ ଆସନ୍ତା ୧୬ ତାରିଖରେ ଅବସର ଗ୍ରହଣ କରୁଥିବାରୁ ତାଙ୍କ ସ୍ଥାନରେ ଶ୍ରୀ ମିଶ୍ର ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଏହି ଅତିରିକ୍ତ ଦାୟିତ୍ୱ ତୁଲାଇବେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଏହି ପ୍ରସ୍ତାବକୁ ଅନୁମୋଦନ ଦେଇଛନ୍ତି। ପୁଲିସ ଡିଜି ଚୟନ ବିବାଦ ଯୋଗୁ ମାମଲା ଏବେ ସୁପ୍ରିମକୋର୍ଟରେ ରହିଛି ଓ ପରବର୍ତ୍ତୀ ଶୁଣାଣି ୧୮ତାରିଖ ପର୍ଯ୍ୟନ୍ତ ନୂଆ ଡିଜିପି ଚୟନ ପ୍ରକ୍ରିୟା ନକରିବାକୁ ୟୁପିଏସସିକୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟରେ ଡିଜିପି ଚୟନ ପ୍ରକ୍ରିୟା ଉପରେ ଗୁରୁବାର ସୁପ୍ରିମକୋର୍ଟ ରୋକ୍ ଲଗାଇବା ପରେ ଶ୍ରୀ ମିଶ୍ର ରାଜ୍ୟର ପରବର୍ତ୍ତୀ ଭାରପ୍ରାପ୍ତ ଡିଜି ହେବେ ବୋଲି



ଚର୍ଚ୍ଚା ହେଉଥିଲା। ବିହାରର ମଧୁବନୀ ଜିଲ୍ଲାରେ ୧୯୬୬ ନଭେମ୍ବର ୩ତାରିଖରେ ଜନ୍ମ ଗ୍ରହଣ କରିଥିବା ଜନ୍ମଗ୍ରହଣ କରିଥିବା ଶ୍ରୀ ମିଶ୍ର ପୁଲିସ ମ୍ୟାନେଜମେଣ୍ଟରେ ମାଷ୍ଟରଡିଗ୍ରୀ ହାସଲ କରିଛନ୍ତି । ସେ ଗତ ୨୦୨୫ ଜାନୁୟାରୀରୁ ରାଜ୍ୟରେ ଡିଜି ପାହ୍ୟାରେ କାର୍ଯ୍ୟ କରୁଛନ୍ତି।

## ପୁଣି ଆସୁଛି ଆଉ ଏକ ଲଘୁଚାପ: ୪ ଜିଲ୍ଲାକୁ ଅରେଞ୍ଜ୍ ଓ ୧୩ ଜିଲ୍ଲାକୁ ୟେଲୋ ଆଲର୍ଟ

ଭୁବନେଶ୍ୱର, ୧୪/୮ (ନି.ପ୍ର): ରାଜ୍ୟରେ ବର୍ଷା ବିପ୍ୱାତରୁ ନିସ୍ତାର ମିଳୁନଥିବା ବେଳେ ପୁଣି ଏକ ନୂଆ ସିଷ୍ଟମ୍ ମୁଣ୍ଡ ଟେକୁଛି । ସିରିଜ୍ ଲଘୁଚାପ ପରେ ଏବେ ଅବପାତ (ଡିପ୍ରେସନ୍) ପ୍ରଭାବରେ ସାରା ଓଡ଼ିଶା ଭିଜୁଥିବା ବେଳେ ଆସନ୍ତା ୨୦ ଅଗଷ୍ଟ ବେଳକୁ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ ସୃଷ୍ଟି ହେବାକୁ ଯାଉଛି । ବର୍ତ୍ତମାନ ଝାଡ଼ଖଣ୍ଡ ଓ ସଂଲଗ୍ନ ଗାଙ୍ଗେୟ ପଶ୍ଚିମବଙ୍ଗ ଉପରେ ସକ୍ରିୟ ଥିବା ଅବପାତଟି ପଶ୍ଚିମ-ଉତ୍ତରପଶ୍ଚିମ ଦିଗରେ ଗତି କରୁଛି ଏବଂ ଆଗାମୀ ୧୨ ଘଣ୍ଟା ମଧ୍ୟରେ ଝାଡ଼ଖଣ୍ଡ ତଥା ଉତ୍ତର ଛତିଶଗଡ଼ ଦେଇ ଗତି କରି କ୍ରମଶଃ ଦୁର୍ବଳ ହୋଇଯିବ । ଏହାର ପ୍ରଭାବରେ ବିଶେଷ କରି ଉତ୍ତର ଓ ପଶ୍ଚିମ ଓଡ଼ିଶାରେ ପ୍ରବଳ ବର୍ଷା ଜାରି ରହିଛି, ଯେଉଁଥିରେ ସୁନ୍ଦରଗଡ଼ର ଲାଠିକଟାରେ ସର୍ବାଧିକ ୧୮ ସେମି ବର୍ଷା ରେକର୍ଡ ହୋଇଛି । ଆଗାମୀ ୨୪ ଘଣ୍ଟାରେ ରାଜ୍ୟର ସମସ୍ତ ଜିଲ୍ଲାରେ ବର୍ଷା ସମ୍ଭାବନା ଥିବା ବେଳେ ପାଣିପାଗ ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି । ପଶ୍ଚିମ ଓଡ଼ିଶାର ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼ ଓ ସମ୍ବଲପୁର ଭଳି ୪ଟି ଜିଲ୍ଲାରେ ଭାରୀରୁ ଅତିଭାରୀ ବର୍ଷା ଆଶଙ୍କା ଥିବାରୁ ଅରେଞ୍ଜ୍ ଆଲର୍ଟ ଜାରି ହୋଇଛି ।

## ବିଜୟଙ୍କୁ ଆଶ୍ୱସ୍ତି : କରୁର ଦଳାଚକଟା ମୃତକଙ୍କ ପରିବାରକୁ ଚାକିରି ବାତିଲ ନିର୍ଦ୍ଦେଶ ସ୍ଥଗିତ


ନୂଆଦିଲ୍ଲୀ,୧୪/୮ : ସେପ୍ଟେମ୍ବର ୨୦୨୫ କରୁର ଦଳାଚକଟାରେ ମୃତ୍ୟୁ ହୋଇଥିବା ୪୧ ଜଣଙ୍କ ପରିବାର ସଦସ୍ୟଙ୍କୁ ଅନୁକମ୍ପା ଭିତ୍ତିରେ ଚାକିରି ଦେବା ପାଇଁ ତାମିଲନାଡୁ ସରକାରଙ୍କ ନିଷ୍ପତ୍ତିକୁ ବାତିଲ କରିବା ପାଇଁ ମାଡ୍ରାସ ହାଇକୋର୍ଟଙ୍କ ନିଷ୍ପତ୍ତିକୁ ସୁପ୍ରିମକୋର୍ଟ ଶୁକ୍ରବାର ସ୍ଥଗିତ ରଖିଛନ୍ତି । ରାଜ୍ୟ ସରକାରଙ୍କ ଦ୍ୱାରା ଆଗତ ଏକ ଆବେଦନ ଉପରେ ବିଚାରପତି ଜେବି ପାରଦିୱାଲା ଓ ବିଚାରପତି କେ ବିନୋଦ ଚନ୍ଦ୍ରନଙ୍କ ଖଣ୍ଡପୀଠ ଏହି ମଧ୍ୟବର୍ତ୍ତୀକାଳୀନ ନିର୍ଦ୍ଦେଶ



ଦେଇଛନ୍ତି। ସୁପ୍ରିମକୋର୍ଟ ରାଜ୍ୟ ସରକାରଙ୍କୁ କହିଛନ୍ତି, ନୋଟିସ ଜାରି କରନ୍ତୁ। ହାଇକୋର୍ଟ ଦେଇଥିବା ରାୟ ସ୍ଥଗିତ ରହିବ। ହାଇକୋର୍ଟଙ୍କ ରାୟକୁ ଚ୍ୟାଲେଞ୍ଜ କରି କରାଯାଇଥିବା ଆବେଦନ ଉପରେ ସୁପ୍ରିମକୋର୍ଟ ତାମିଲନାଡୁ ମୁଖ୍ୟ ସଚିବ ଓ ଅନ୍ୟମାନଙ୍କୁ ମଧ ନୋଟିସ ଜାରି କରିଛନ୍ତି।

## ଭୁବନେଶ୍ୱରରେ କୋଭିଡ୍ ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୧୪/୮ (ନି.ପ୍ର): ରାଜଧାନୀ ଭୁବନେଶ୍ୱରରେ ଚିହ୍ନଟ ହେଲେ କୋଭିଡ୍ ଆକ୍ରାନ୍ତ। ଏକ ଘରୋଇ ହସ୍ପିଟାଲରେ ସେ ଭର୍ତ୍ତି ହୋଇଛନ୍ତି। ଏ ନେଇ ସୂଚନା ଦେଇଛନ୍ତି ଉକ୍ତ ହସ୍ପିଟାଲ କର୍ତ୍ତୃପକ୍ଷ। ଏହି କୋଭିଡ୍ ଆକ୍ରାନ୍ତଙ୍କ ଘର ବରମୁଣ୍ଡା ଅଞ୍ଚଳରେ। ତାଙ୍କୁ ୫୦ ବର୍ଷ ହୋଇଛି। ଏହା ପୂର୍ବରୁ ଗତ ମାସରେ ଗଞ୍ଜାମ ଜିଲ୍ଲାରେ ଜଣେ ମହିଳା କୋଭିଡ୍ ପଜିଟିଭ ଚିହ୍ନଟ ହୋଇଥିଲେ। ତାଙ୍କ ରିପୋର୍ଟ ପଜିଟିଭ ଆସିବା ପରେ ତାଙ୍କୁ ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲରେ ଭର୍ତ୍ତି



କରାଯାଇଥିଲା। ତାଙ୍କୁ ଥଣ୍ଡାଜ୍ୱର ଲାଗି ରହିଥିବାରୁ ସେ ଏମକେସିଜିରେ ବେଶ୍ କିଛି ଦିନ ହେବ ଚିକିତ୍ସିତ ହେଉଥିଲେ। ସେଠାରେ ତାଙ୍କର କରୋନା ଟେଷ୍ଟ କରା ଯାଇଥିଲା। ତାଙ୍କ ଟେଷ୍ଟ ରିପୋର୍ଟ ପଜିଟିଭି ଆସିଥିଲା।

## ଲଗାଣ ବର୍ଷାରେ ଉବୁଟୁବୁ ସାରା ଓଡ଼ିଶା

ଭୁବନେଶ୍ୱର, ୧୪/୮ (ନି.ପ୍ର): ଜଳ ପ୍ରଳୟ , ଘରେ ପାଣି ବାହାରେ ପାଣି । ଯୁଆଡ଼େ ଦେଖିବା ଖାଲି ପାଣି ଆଉ ପାଣି । ଉତ୍ତର ଓଡ଼ିଶାରେ ସ୍ଥିତି ସଙ୍ଗିନ। ଏକାକାର ହୋଇଯାଇଛି ଜଳ ଆଉ ସ୍ଥଳ ଭାଗ। ଜଳକା ନଦୀର ବନ୍ୟା ଆସି ଉବୁଟୁବୁ ହେଉଛି ବସ୍ତା । ବ୍ଲକର ପାଖାପାଖି ୨୦ ଟି ପଞ୍ଚାୟତ ପ୍ରଭାବିତ ହୋଇଛି । ରାସ୍ତା ଉପରେ ପାଣି ଜମିବାରୁ ଯୋଗାଯୋଗ ବାଧାପ୍ରାପ୍ତ ହୋଇଛି । ଜଳବନ୍ଦୀ ହୋଇଯାଇଛନ୍ତି ଶହଶହ ପରିବାର । ଶିମିଳିପାଳ ଉପରମୁଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ବୁଢ଼ାବଳଙ୍ଗ ନଦୀର ଜଳସ୍ତର ବୃଦ୍ଧି ପାଇ ମୟୂରଭଞ୍ଜ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ବାରିପଦା ସହରରେ ବନ୍ୟାଜଳ କ୍ରମଶଃ କମୁଥିବା ବେଳେ ବଡ଼ସାହି ଓ ବେତନଟୀ ବ୍ଲକ୍ ଅଞ୍ଚଳରେ ସ୍ଥିତି ଏବେ ବି ଗମ୍ଭୀର। ପୋଲ ଉପରେ ପ୍ରାୟ ୩ ଫୁଟ ଉଚ୍ଚରେ ବନ୍ୟାଜଳ ଚାଲୁଛି। ଅନେକ ଗାଁ ଜଳବନ୍ଦୀ ହୋଇପଡ଼ିଥିବା ବେଳେ ହଜାର ହଜାର ଏକର ଚାଷଜମି ଜଳମଗ୍ନ ହୋଇଛି। ତଳିଆ ଅଞ୍ଚଳର ଲୋକଙ୍କୁ ସୁରକ୍ଷିତ ଭାବେ ସ୍ଥାନାନ୍ତର କରି ଆଶ୍ରୟସ୍ଥଳରେ ରଖାଯାଇଛି । ସେପଟେ ବୈତରଣୀ ନଦୀରେ ଚତୁର୍ଥ ବନ୍ୟା ଆସି ବୁଡ଼ିଛି ଯାଜପୁର ଓ ଦଶରଥପୁର ବ୍ଲକ। ଗାଁ ଦାଣ୍ଡରେ ପୁଣି ବନ୍ୟା ପାଣି ବଢୁଛି । ଲୋକଙ୍କ ମନରେ ଭୟ ବି ବଢ଼ିବାରେ ଲାଗିଛି।







# ସ୍ୱାଧୀନତା ଦିବସ ବିଶେଷାଙ୍କ

ଧ୍ୱନି ପ୍ରତିଧ୍ୱନି

୨

ବାଲେଶ୍ୱର ଶନିବାର, ୧୫ ଅଗଷ୍ଟ ୨୦୨୫


# ସ୍ୱାଧୀନତା ଦିବସ ୨୦୨୬-ସ୍ମୃତି, ସଂକଳ୍ପ ଓ ସମୃଦ୍ଧ ଭାରତର ସ୍ୱପ୍ନ


ଡକ୍ଟର ନିହାର ରଞ୍ଜନ ସାବତ






୧୫ ଅଗଷ୍ଟ ୨୦୨୬। ଭାରତୀୟ ଇତିହାସର ଦୀର୍ଘ ଯାତ୍ରାରେ ଆଉ ଏକ ଉଜ୍ଜ୍ୱଳ ପ୍ରଭାତ। ଏହା କେବଳ ଆଉ ଏକ ସ୍ୱାଧୀନତା ଦିବସ ନୁହେଁ; ଏହା ସ୍ୱାଧୀନ ଭାରତର ଅଶୀତମ ସ୍ୱାଧୀନତା ଦିବସ-ଏକ ଏମିତି ଐତିହାସିକ ସନ୍ଧିକ୍ଷଣ, ଯେଉଁଠାରେ ଅତୀତର ତ୍ୟାଗ, ବର୍ତ୍ତମାନର ସଫଳତା ଓ ଭବିଷ୍ୟତର ସ୍ୱପ୍ନ ପରସ୍ପରକୁ ଆଲିଙ୍ଗନ କରିବ। ୧୯୪୭ ମସିହାର ସେହି ସୁନ୍ଦର ସମ୍ଭାବନାମୟ ପ୍ରଭାତରୁ ଆଜି ପର୍ଯ୍ୟନ୍ତ ଭାରତ ଅନେକ ଝଡ଼, ଅନେକ ସଂଘର୍ଷ, ଅନେକ ସଫଳତା ଓ ଅନେକ ଆହ୍ୱାନକୁ ଅତିକ୍ରମ କରି ଆସିଛି। ଏହି ଦୀର୍ଘ ଯାତ୍ରାରେ ଦେଶ ଏକ ପରାଧୀନ ଭୂଖଣ୍ଡରୁ ବିଶ୍ୱର ଏକ ପ୍ରମୁଖ ଶକ୍ତିରେ ପରିଣତ ହେବାର ଯାତ୍ରା ଆରମ୍ଭ କରିଛି। ତେଣୁ ୨୦୨୬ ମସିହାର ସ୍ୱାଧୀନତା ଦିବସ କେବଳ ଏକ ସ୍ମୃତି ଦିବସ ନୁହେଁ, ଆତ୍ମସମୀକ୍ଷାର ଦିବସ ମଧ୍ୟ; ଏହା ଅତୀତକୁ ପ୍ରଣାମ କରି ଭବିଷ୍ୟତକୁ ଆହ୍ୱାନ କରିବାର ଏକ ମହାନ ଅବସର।

ଆଜି ଦିଲ୍ଲୀର ଲାଲକିଲ୍ଲା ପୁଣିଥରେ ଭାରତର ଜାତୀୟ ଚେତନାର ମହାମଞ୍ଚରେ ପରିଣତ ହେବ। ପ୍ରଭାତର ନିରବତା ଭେଦି ଯେତେବେଳେ ତ୍ରିରଙ୍ଗା ପତାକା ଆକାଶରେ ଉଡ଼ିବ, ଲାଲକିଲ୍ଲାର ରକ୍ତିମ ପ୍ରାଚୀର ମନେହେବ ଯେପରି ଗତ ଆଠ ଦଶକର ଅସଂଖ୍ୟ କାହାଣୀ ନିଜ ଭାଷାରେ କହୁଛି। ଏହି ପ୍ରାଚୀର କେବଳ ମୋଗଲ ଇତିହାସର ଏକ ସ୍ମାରକୀ ନୁହେଁ; ସ୍ୱାଧୀନ ଭାରତର ରାଜନୈତିକ ସ୍ୱାଭିମାନର ଏକ ଜୀବନ୍ତ ପ୍ରତୀକ। ୧୯୪୭ ମସିହାରେ ଯେଉଁଠାରେ ଏକ ନୂଆ ଦେଶ ନିଜ ଭାଗ୍ୟ ନିଜେ ଲେଖିବାର ଶପଥ ନେଇଥିଲା, ୨୦୨୬ ମସିହାରେ ସେହି ସ୍ଥାନରୁ ଭାରତ ନିଜ ଆଗାମୀ ଯାତ୍ରାର ନୂଆ ସଂକଳ୍ପ ନେବ। ତ୍ରିରଙ୍ଗା ପତାକାର କେଶରୀ ରଙ୍ଗ ଆମକୁ ତ୍ୟାଗ ଓ ସାହସର କଥା କହିବ, ଧଳା ରଙ୍ଗ ସତ୍ୟ ଓ ଶାନ୍ତିର ପଥ ଦେଖାଇବ, ସବୁଜ ରଙ୍ଗ ଜୀବନ, ପ୍ରକୃତି ଓ ସମୃଦ୍ଧିର ସ୍ୱପ୍ନ ଦେଖାଇବ ଏବଂ ଅଶୋକଚକ୍ର ଆମକୁ ସ୍ମରଣ କରାଇବ ଯେ ରାଷ୍ଟ୍ରର ଜୀବନରେ ଗତି ହିଁ ପ୍ରଗତିର ମୂଳମନ୍ତ୍ର।

୨୦୨୬ ମସିହାର ସ୍ୱାଧୀନତା ଦିବସର ଭାବନାକୁ ଆହୁରି ଗଭୀର କରିଛି 'ବନ୍ଦେ ମାତରମ୍' ସଙ୍ଗୀତର ୧୫୦ ବର୍ଷର ସ୍ମୃତି। ବଙ୍କିମଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ରଚିତ ଏହି ଗୀତ ଭାରତୀୟ ସ୍ୱାଧୀନତା ଆନ୍ଦୋଳନରେ କେବଳ ଏକ ସଙ୍ଗୀତ ନୁହେଁ, ଏକ ଜାଗରଣର ମନ୍ତ୍ର ଥିଲା। ଏହାର ପଦରେ ମାତୃଭୂମି ପ୍ରତି ଭକ୍ତି ଥିଲା, ଏହାର ସ୍ୱରରେ ଥିଲା ପରାଧୀନତା ବିରୋଧରେ ପ୍ରତିରୋଧର ଅଗ୍ନି। ଆଜି ଦେଢ଼ ଶତାବ୍ଦୀ ପରେ ସେହି ଗୀତ ସ୍ୱାଧୀନ ଭାରତର ନୂଆ ପିଢ଼ିର କଣ୍ଠରେ ଗୁଞ୍ଜରିତ ହେବା ଏକ ଅଦ୍ଭୁତ ଐତିହାସିକ ସଂଯୋଗ। ଏହା ମନେ ପକାଇବ ଯେ ଯେଉଁ ସ୍ୱର କେବେ ଶୃଙ୍ଖଳ ଭାଙ୍ଗିବାର ସ୍ୱପ୍ନ ଦେଖାଇଥିଲା, ସେହି ସ୍ୱର ଆଜି ଏକ ସ୍ୱାଧୀନ ଓ ଆତ୍ମବିଶ୍ୱାସୀ ଭାରତର ଭବିଷ୍ୟତକୁ ଆହ୍ୱାନ କରୁଛି।

ଏହି ବର୍ଷର ଆଉ ଏକ ମହତ୍ତ୍ୱପୂର୍ଣ୍ଣ ଅଂଶ ହେଉଛି ଯୁବଶକ୍ତିକୁ ରାଷ୍ଟ୍ରନିର୍ମାଣର କେନ୍ଦ୍ରସ୍ଥଳରେ ରଖିବା। ଭାରତର ଆଗାମୀ ଭବିଷ୍ୟତର ଅଧ୍ୟାୟ ଯୁବକମାନେ ଲେଖିବେ ବୋଲି ଯୁବଶକ୍ତିକେନ୍ଦ୍ରିତ ୨୦୪୭ ମସିହାର ବିକଶିତ ଭାରତର ପରିକଳ୍ପନା ତଥା ଭାବନା ଆମକୁ ସୂଚିତ କରେ। ଆଜିର ଛାତ୍ର, ଗବେଷକ, ଉଦ୍ୟୋଗୀ, ବୈଜ୍ଞାନିକ, କଳାକାର, କୃଷକ, ଇଞ୍ଜିନିୟର, ଶିକ୍ଷକ ଓ ଷ୍ଟାର୍ଟଅପ୍ ସ୍ୱପ୍ନଦର୍ଶୀମାନେ ହେଉଛନ୍ତି ୨୦୪୭ ମସିହାର ପରିକଳ୍ପିତ ଭାରତର ସ୍ଥପତି। ସେମାନଙ୍କ ହାତରେ କେବଳ ସ୍ମାର୍ଟଫୋନ୍ ନୁହେଁ, ଏକ ସ୍ମାର୍ଟ ଭାରତର ସମ୍ଭାବନା ରହିଛି; କେବଳ କୋଡ୍ ନୁହେଁ, ନୂଆ ସମାଧାନର ଭାଷା ରହିଛି; କେବଳ ଚାକିରିର ସ୍ୱପ୍ନ ନୁହେଁ, ଚାକିରି ସୃଷ୍ଟି କରିବାର ସାମର୍ଥ୍ୟ ରହିଛି। ସେହିପାଇଁ ଯୁବପିଢ଼ିକୁ ଦର୍ଶକ କରି ରଖିଲେ ଚଳିବ ନାହିଁ; ସେମାନଙ୍କୁ ରାଷ୍ଟ୍ରନିର୍ମାଣର ସକ୍ରିୟ ସହଭାଗୀ କରିବା ହେଉଛି ଏହି ସ୍ୱାଧୀନତା ଦିବସ ପାଳନର ଗଭୀର ବାର୍ତ୍ତା।

୨୦୪୭ ମସିହାରେ ସ୍ୱାଧୀନତାର ଏକ ଶତବର୍ଷ ପୂର୍ତ୍ତି ସମୟରେ ଭାରତ କେଉଁଠାରେ ରହିବ, ତାହାର ଭିତ୍ତିଭୂମି ଆଜି ଗଢ଼ାଯାଉଛି। ତେଣୁ 'ବିକଶିତ ଭାରତ' କେବଳ ଏକ ସରକାରୀ ସ୍ଲୋଗାନ୍ ନୁହେଁ; ଏହା ପ୍ରତ୍ୟେକ ନାଗରିକଙ୍କ ସ୍ୱପ୍ନ ଓ ଦାୟିତ୍ୱର ସମନ୍ୱୟ। ବିକାଶର ଅର୍ଥ କେବଳ ଉଚ୍ଚ ଅଟ୍ଟାଳିକା, ଦ୍ରୁତଗାମୀ ରେଳ, ଡିଜିଟାଲ୍ ସେବା କିମ୍ବା ଆଧୁନିକ ସହର ନୁହେଁ। ପ୍ରକୃତ ବିକାଶ ସେତେବେଳେ, ଯେତେବେଳେ ଶେଷ ଧାଡ଼ିର ମଣିଷଟି ମଧ୍ୟ ସୁଯୋଗ ପାଏ; ଯେତେବେଳେ ଶିକ୍ଷା ଜ୍ଞାନର ଦ୍ୱାର ଖୋଲେ, ସ୍ୱାସ୍ଥ୍ୟ ସମସ୍ତଙ୍କ ଅଧିକାର ହୁଏ, କୃଷକ ସମ୍ମାନରେ ବଞ୍ଚେ, ନାରୀ ନିର୍ଭୟରେ ସ୍ୱପ୍ନ ଦେଖେ, ଯୁବକଙ୍କୁ ଅବସର ମିଳେ ଏବଂ ସମାଜର ପ୍ରତ୍ୟେକ ଶ୍ରେଣୀ ନ୍ୟାୟ ଓ ସମାନତାର ଆଲୋକରେ ଆଗକୁ ବଢ଼ିପାରେ।

ଆଜିର ଭାରତ ବିଜ୍ଞାନ ଓ ପ୍ରଯୁକ୍ତିର ଅନେକ ନୂଆ ସୀମା ଅତିକ୍ରମ କରୁଛି। କୃତ୍ରିମ ବୁଦ୍ଧିମତ୍ତା, ସେମିକଣ୍ଡକ୍ଟର, ମହାକାଶ ଗବେଷଣା, ଡିଜିଟାଲ୍ ଅର୍ଥନୀତି, ଗ୍ରୀନ୍ ହାଇଡ୍ରୋଜେନ୍, ସୌରଶକ୍ତି, ନବୀକରଣଯୋଗ୍ୟ ଶକ୍ତି, କ୍ୱାଣ୍ଟମ୍ ପ୍ରଯୁକ୍ତି ଓ ନୂଆ ପିଢ଼ିର ଯୋଗାଯୋଗ ବ୍ୟବସ୍ଥା ଭାରତର ଭବିଷ୍ୟତକୁ ନୂଆ ଆକାର ଦେଉଛି। କିନ୍ତୁ ଏହି ବୈଜ୍ଞାନିକ ଅଗ୍ରଗତିର ସହିତ ମାନବିକ ମୂଲ୍ୟବୋଧର ସମନ୍ୱୟ ଆବଶ୍ୟକ। କୃତ୍ରିମ ବୁଦ୍ଧି ଯେତେ ଶକ୍ତିଶାଳୀ ହେଉ, ମାନବୀୟ ବିବେକ ତାହାଠାରୁ ଅଧିକ ଶକ୍ତିଶାଳୀ ହେବା ଦରକାର। ପ୍ରଯୁକ୍ତି ଯେତେ ଦ୍ରୁତ ଆଗକୁ ବଢ଼ୁ, ପ୍ରକୃତି ସେତେବେଳେ ପଛକୁ ନ ପଡ଼ୁ। ଉନ୍ନତିର ଗତି ଓ ପରିବେଶର ସନ୍ତୁଳନ ମଧ୍ୟରେ ଏକ ସୁନ୍ଦର ସମନ୍ୱୟ ହିଁ ହେବ ଆଗାମୀ ଭାରତର ପରିଚୟ।

ଏହି ପରିପ୍ରେକ୍ଷୀରେ ସ୍ୱାଧୀନତା ଦିବସ ଆମକୁ ଆଉ ଏକ ମହାନ ତଥା ଚିରନ୍ତନ ସତ୍ୟକୁ ସ୍ମରଣ କରାଏ ଯେ ସ୍ୱାଧୀନତା କୌଣସି ସ୍ଥିର ସମ୍ପତ୍ତି ନୁହେଁ; ଏହା ଏକ ନିରନ୍ତର ଦାୟିତ୍ୱ। ୧୯୪୭ ମସିହାରେ ଆମ ପୂର୍ବଜମାନେ ରାଜନୈତିକ ସ୍ୱାଧୀନତା ଅର୍ଜନ କରିଥିଲେ; ଆଜି ଆମ ପିଢ଼ିର କର୍ତ୍ତବ୍ୟ ହେଉଛି ଅଜ୍ଞାନତା, ଦାରିଦ୍ର୍ୟ, ଅସମାନତା, ଦୁର୍ନୀତି, ଅନ୍ଧବିଶ୍ୱାସ, ପରିବେଶ ପ୍ରଦୂଷଣ ଓ ସାମାଜିକ ବିଭାଜନ ରୂପୀ ଦାନବମାନଙ୍କ କବଳରୁ ଦେଶକୁ ସ୍ୱାଧୀନ କରିବା।

ସ୍ୱାଧୀନତା ଦିବସର ମହତ୍ତ୍ୱ ଏଥିରେ ନିହିତ। ଏହି ଦିନ ଆମକୁ ଆମର ମୂଳ ସହିତ ଯୋଡ଼ିଥାଏ। ମହାତ୍ମା ଗାନ୍ଧୀଙ୍କ ଅହିଂସା, ନେତାଜୀ ସୁଭାଷଚନ୍ଦ୍ର ବୋଷଙ୍କ ଅଦମ୍ୟ ଦେଶପ୍ରେମ, ଭଗତ ସିଂହଙ୍କ ଯୁବସୁଲଭ ଉଦ୍ଦାମତା, ସର୍ଦ୍ଦାର ପଟେଲଙ୍କ ଏକତାର ସଂକଳ୍ପ, ରାଣୀ ଲକ୍ଷ୍ମୀବାଈଙ୍କ ବୀରତା ଓ ଅସଂଖ୍ୟ ନାମହୀନ ସଂଗ୍ରାମୀଙ୍କ ତ୍ୟାଗ ଆମକୁ ବାର୍ତ୍ତାଦିଏ ଯେ ସ୍ୱାଧୀନତା କେବେ ସହଜରେ ମିଳିନଥିଲା। ଅନେକ ପରିବାରର ଅଶ୍ରୁ, ଅନେକ ମାଆଙ୍କ ଅପେକ୍ଷା, ଅନେକ ଯୁବକଙ୍କ ବଳିଦାନ ଓ ଅସଂଖ୍ୟ ନିରବ ତ୍ୟାଗର ଭିତ୍ତିଭୂମି ଉପରେ ଗଢ଼ି ଉଠିଛି ଆମର ଆଜିର ସ୍ୱାଧୀନତା।

ସ୍ୱାଧୀନତା ଦିବସ ଆମ ସମ୍ବିଧାନିକ ମୂଲ୍ୟବୋଧକୁ ମଧ୍ୟ ପୁନଃ ସ୍ମରଣ କରାଏ। ନ୍ୟାୟ, ସ୍ୱାଧୀନତା, ସମତା ଓ ଭାଇଚାରା କେବଳ ସମ୍ବିଧାନ ପ୍ରସ୍ତାବନାର ଶବ୍ଦ ନୁହେଁ; ଏଗୁଡ଼ିକ ଭାରତୀୟ ଗଣତନ୍ତ୍ରର ପ୍ରାଣ ଶକ୍ତି। ହଜାର ହଜାର ଭାଷା, ଅନେକ ଧର୍ମ, ଅସଂଖ୍ୟ ଜାତି-ସମ୍ପ୍ରଦାୟ, ଭିନ୍ନ ଖାଦ୍ୟ, ପୋଷାକ, ପରମ୍ପରା ଓ ଜୀବନଶୈଳୀର ଏହି ଦେଶରେ ଏକତା କୌଣସି ଏକରୂପତା ନୁହେଁ। ଭାରତର ସୌନ୍ଦର୍ଯ୍ୟ ହେଉଛି-ଭିନ୍ନତାକୁ ଧ୍ୱଂସ କରି ନୁହେଁ, ଭିନ୍ନତାକୁ ସମ୍ମାନ କରି ଏକତା ଗଢ଼ିବା।

୨୦୨୬ ମସିହାର ସ୍ୱାଧୀନତା ଦିବସ ଏକ ଅଦ୍ଭୁତ ସେତୁ—ଏକ ପାର୍ଶ୍ୱରେ ରହିଛି ୧୯୪୭ ମସିହାର ସ୍ୱାଧୀନତା ସଂଗ୍ରାମ, ଅନ୍ୟ ପାର୍ଶ୍ୱରେ ୨୦୪୭ ମସିହାର ବିକଶିତ ଭାରତର ସ୍ୱପ୍ନ। ମଝିରେ ଠିଆ ହୋଇଛି ୨୦୨୬ ମସିହାର ଭାରତ-ଏକ ଏମିତି ଭାରତ ଯାହା ନିଜ ଅତୀତକୁ ଭୁଲିବାକୁ ଚାହେଁ ନାହିଁ, କିନ୍ତୁ କେବଳ ଅତୀତରେ ବଞ୍ଚିବାକୁ ମଧ୍ୟ ଚାହେଁ ନାହିଁ। ସେ ଇତିହାସରୁ ଶକ୍ତି ନେଇ ଭବିଷ୍ୟତ ଆଡ଼କୁ ଦୌଡ଼ିବାକୁ ଚାହେଁ। ତେଣୁ ଏହି ସ୍ୱାଧୀନତା ଦିବସ ସ୍ମୃତି ଚାରଣର ଦିନ ନୁହେଁ, କେବଳ ଉନ୍ନତିର ଉତ୍ସବ ମଧ୍ୟ ନୁହେଁ; ଏହା ହେଉଛି ଏକ ଜାତିର ଆତ୍ମସମୀକ୍ଷାରେ ଦିନ - "ଆମେ କେଉଁଠାରୁ ଆସିଲୁ, ଆଜି କେଉଁଠାରେ ଅଛୁ ଏବଂ କାଲି କେଉଁଠାକୁ ଯିବୁ ?"

ଯେତେବେଳେ ସେହି ଦିନର ସନ୍ଧ୍ୟା ଧୀରେ ଧୀରେ ନଇଁ ଆସିବ, ଲାଲକିଲ୍ଲାର ପ୍ରାଚୀରରୁ ଉତ୍ସବର ଶବ୍ଦ ହୁଏତ ଧୀରେ ଧୀରେ ମିଳାଇଯିବ। ଆକାଶରେ ଫରଫର ହୋଇ ଉଡୁଥିବା ତ୍ରିରଙ୍ଗା ପତାକା ତା'ପରେ ଧୀରେ ଧୀରେ ତଳକୁ ଆସିବ। କିନ୍ତୁ ସ୍ୱାଧୀନତାର ଅର୍ଥ ତଳକୁ ଆସିବ ନାହିଁ। ସେ ରହିଯିବ ଆମ ମନରେ, ଆମ କାର୍ଯ୍ୟରେ, ଆମ ସ୍ୱପ୍ନରେ। ସେହି ମୁହୂର୍ତ୍ତରେ ହୁଏତ ଲାଲକିଲ୍ଲାର ନିରବ ପ୍ରାଚୀର ଆମକୁ ଏକ ମାତ୍ର ପ୍ରଶ୍ନ ପଚାରିବ- "ଯେଉଁ ସ୍ୱାଧୀନତା ତୁମ ପୂର୍ବଜମାନେ ରକ୍ତ ଦେଇ ଅର୍ଜନ କରିଥିଲେ, ତୁମେ ତାହାକୁ କେଉଁ ପ୍ରକାର ଭାରତରେ ପରିଣତ କରିବ ?"

ଏହି ପ୍ରଶ୍ନର ଉତ୍ତର ହିଁ ହେବ ୨୦୨୬ ମସିହାର ସ୍ୱାଧୀନତା ଦିବସ ପାଳନର ସାର୍ଥକତା। ଯଦି ଆମେ ଜ୍ଞାନକୁ ଶକ୍ତି, ବିଜ୍ଞାନକୁ ସୃଜନ, ଯୁବଶକ୍ତିକୁ ନେତୃତ୍ୱ, ପ୍ରକୃତିକୁ ସମ୍ପଦ ନୁହେଁ ସହଯାତ୍ରୀ, ସମ୍ବିଧାନକୁ ଦିଗଦର୍ଶକ ଏବଂ ମାନବିକତାକୁ ରାଷ୍ଟ୍ରନିର୍ମାଣର ଆତ୍ମାରେ ପରିଣତ କରିପାରିବା, ତେବେ ୨୦୪୭ ମସିହାର ଭାରତ ନିଶ୍ଚିତ ଭାବେ କେବଳ ବିକଶିତ ନୁହେଁ, ମହାନ ମଧ୍ୟ ହେବ। ସେହି ଭାରତ ହେବ ଏମିତି ଏକ ଭାରତ, ଯେଉଁଠି ଅତୀତର ଗୌରବ ଭବିଷ୍ୟତର ଅହଂକାର ହେବ ନାହିଁ, ବରଂ ପ୍ରେରଣା ହେବ; ଯେଉଁଠି ପ୍ରଯୁକ୍ତି ମାନବିକତାକୁ ପରାସ୍ତ କରିବ ନାହିଁ, ବରଂ ତାହାକୁ ସଶକ୍ତ କରିବ; ଏବଂ ଯେଉଁଠି ସ୍ୱାଧୀନତା କେବଳ ଇତିହାସର ଏକ ଅଧ୍ୟାୟ ନୁହେଁ, ପ୍ରତ୍ୟେକ ନାଗରିକର ଜୀବନର ଏକ ଜୀବନ୍ତ ଅନୁଭବ ହେବ।୨୦୨୬ ମସିହାର ଏହି ଅଶୀତମ ସ୍ୱାଧୀନତା ଦିବସରେ ତେଣୁ ଆମେ କେବଳ ତ୍ରିରଙ୍ଗା ପତାକାକୁ ପ୍ରଣାମ କରିବା ନୁହେଁ; ତାହାର ତିନୋଟି ରଙ୍ଗରେ ନିଜ ତିନୋଟି ଦାୟିତ୍ୱ ଦେଖିବା—ସାହସରେ ଆଗକୁ ବଢ଼ିବା, ସତ୍ୟରେ ଅଟଳ ରହିବା ଏବଂ ସବୁଜ ଭବିଷ୍ୟତ ପାଇଁ ପୃଥିବୀକୁ ସୁରକ୍ଷିତ ରଖିବା। କେବଳ ମାତୃଭୂମିକୁ ସ୍ମରଣ କରିବା ପାଇଁ ନୁହେଁ, ତାଙ୍କ ପ୍ରତି ନିଜ କର୍ତ୍ତବ୍ୟର ଶପଥ ନେବା ପାଇଁ ଆମେ 'ଜାତୀୟ ସଙ୍ଗୀତ' ଗାଇବା। ଆଉ ଯେତେବେଳେ ୨୦୪୭ ମସିହାର ସୂର୍ଯ୍ୟ ଉଦୟ ହେବ, ସେତେବେଳେ ଆମର ଆଜିର ସ୍ୱପ୍ନଗୁଡ଼ିକ ତାହାର ଆଲୋକରେ ଯଦି ସତ୍ୟ ହୋଇ ଦିଶେ, ତେବେ ହିଁ ଏହି ଅଶୀତମ ସ୍ୱାଧୀନତା ଦିବସ ଉତ୍ସବ ପାଳନ ସାର୍ଥକ ହେବ।

ଜୟ ହିନ୍ଦ।

ବନ୍ଦେ ମାତରମ୍।


+ମଞ୍ଚେଶ୍ୱର ଶିଳ୍ପାଞ୍ଚଳ,
ଭୁବନେଶ୍ୱର-୭୫୧୦୧୦
ମୋ: ୯୭୭୭୦୧୧୯୬୮


# ଗାନ୍ଧିଜୀଙ୍କ ରାମରାଜ୍ୟ: ଆଜିର ପ୍ରଶ୍ନବାଚୀ



ମିଲନ କୁମାର ମିଶ୍ର




ମହାତ୍ମା ଗାନ୍ଧୀଙ୍କ ଚିନ୍ତାଧାରାରେ 'ରାମରାଜ୍ୟ' ଏକ ଅତ୍ୟନ୍ତ ଅର୍ଥଦ୍ୟୋତକ ଶବ୍ଦ। ଏହା କୌଣସି ଧର୍ମବିଶେଷର ରାଜ୍ୟ ନୁହେଁ; ଏହା ଏକ ଏମିତି ଆଦର୍ଶ ସମାଜର ସ୍ୱପ୍ନ, ଯେଉଁଠି ଶାସନର ମୂଳ ଆଧାର ହେବ ସତ୍ୟ ଓ ନ୍ୟାୟ, ମଣିଷର ମର୍ଯ୍ୟାଦା ହେବ ସର୍ବୋଚ୍ଚ ଏବଂ ସବୁଠାରୁ ଦୁର୍ବଳ ମଣିଷଟି ମଧ୍ୟ ନିଜକୁ ରାଷ୍ଟ୍ରର ଅଂଶ ବୋଲି ଅନୁଭବ କରିପାରିବ । ଗାନ୍ଧୀଙ୍କ ପାଇଁ ରାମରାଜ୍ୟର ଅର୍ଥ ଥିଲା, ଯେଉଁଠି ରାଜା ନୁହେଁ, ପ୍ରଜାର ମଙ୍ଗଳ ହିଁ ରାଜ୍ୟର ଶେଷ ଲକ୍ଷ୍ୟ। ଆଜି ସ୍ୱାଧୀନତାର ଦୀର୍ଘ ବର୍ଷ ପରେ ଯେତେବେଳେ ଆମେ ଆମ ସମାଜ ଓ ଶାସନ ବ୍ୟବସ୍ଥାକୁ ଦେଖୁ, ସେତେବେଳେ ସ୍ୱାଭାବିକ ଭାବେ ଏକ ପ୍ରଶ୍ନ ମନକୁ ଆସେ, ଗାନ୍ଧୀଙ୍କ ସେହି ରାମରାଜ୍ୟ ସ୍ୱପ୍ନର କେତେ ନିକଟରେ ଆମେ ପହଞ୍ଚିପାରିଛୁ ?

ଗାନ୍ଧୀଜୀ ଏମିତି ଏକ ଭାରତର ସ୍ୱପ୍ନ ଦେଖିଥିଲେ, ଯେଉଁଠି ଶାସନ ଲୋକଙ୍କ ଉପରେ ନୁହେଁ, ଲୋକଙ୍କ ପାଇଁ ହେବ । ଗରିବ, ଅସହାୟ, ନିରକ୍ଷର ଓ ସମାଜର ଶେଷ ଧାଡ଼ିରେ ଥିବା ମଣିଷଟି ମଧ୍ୟ ନ୍ୟାୟ ପାଇବ । ଗାଆଁ ହିଁ ହେବ ରାଷ୍ଟ୍ରର ମୂଳ ଆଧାର । ଗ୍ରାମସ୍ୱରାଜ, ସ୍ୱାବଲମ୍ବନ, କୁଟୀର ଶିଳ୍ପ ଓ ସ୍ଥାନୀୟ ଅର୍ଥନୀତି ମାଧ୍ୟମରେ ସାଧାରଣ ମଣିଷ ଜୀବନରେ ଆତ୍ମନିର୍ଭରତା ଆସିବ । ଅର୍ଥନୈତିକ ବିକାଶର ଅର୍ଥ କେବଳ କିଛି ଲୋକଙ୍କ ସମ୍ପତ୍ତି ବୃଦ୍ଧି ନୁହେଁ, ବରଂ ସମସ୍ତଙ୍କ ଜୀବନର ମାନ ଉନ୍ନତି ବୋଲି ବିବେଚନା କରାଯିବ।

ଆଜି ଆମେ ବିଜ୍ଞାନ, ପ୍ରଯୁକ୍ତି, ଯୋଗାଯୋଗ, ଶିକ୍ଷା ଓ ଅର୍ଥନୀତିରେ ଅସାଧାରଣ ଅଗ୍ରଗତି କରିଛୁ । ଗାଁରୁ ସହର, ଦେଶରୁ ବିଦେଶ ସବୁ ଆଜି ଆମ ହାତର ମୋବାଇଲ୍ ପରଦାରେ । ଡିଜିଟାଲ୍ ବିପ୍ଳବ ଜୀବନକୁ ସହଜ କରିଛି । ଲୋକଙ୍କ ପାଖରେ ସୂଚନାର ଅଭାବ ନାହିଁ । ଗରିବଙ୍କ ପାଇଁ ଅନେକ କଲ୍ୟାଣମୂଳକ ଯୋଜନା ଚାଲିଛି । ଗଣତନ୍ତ୍ର ମଧ୍ୟ ନିଜର ଭିତ୍ତିଭୂମିକୁ ସୁଦୃଢ଼ କରିଛି । କିନ୍ତୁ ବିକାଶର ଏହି ଆଲୋକ ମଧ୍ୟରେ ଅନ୍ଧକାରର କିଛି ଛାୟା ମଧ୍ୟ ରହିଛି । ଆଜି ମଧ୍ୟ ଦାରିଦ୍ର୍ୟ, ବେକାରୀ, ଅସମାନତା ଓ ଦୁର୍ନୀତି ଆମ ସମାଜ ପାଇଁ ବଡ଼ ସମସ୍ୟା ରୂପେ ଉଭା ହୋଇଛି । ଗୋଟିଏ ପଟେ ଆଧୁନିକ ସହରରେ ଆକାଶଛୁଆଁ ଅଟ୍ଟାଳିକା, ଅନ୍ୟ ପଟେ ମୁଣ୍ଡ ଗୁଞ୍ଜିବାକୁ ଘରଟିଏ ନଥିବା ପରିବାର । ଗୋଟିଏ ପଟେ ଅତ୍ୟଧିକ ଭୋଗବିଳାସ, ଅନ୍ୟ ପଟେ ଦୁଇବେଳା ଖାଦ୍ୟ ପାଇଁ ସଂଘର୍ଷ । ଏହି ବିରୋଧାଭାସ ଗାନ୍ଧୀଙ୍କ ରାମରାଜ୍ୟର ସ୍ୱପ୍ନକୁ ସାକାର କରିବା ଦିଗରେ ପୁଣି ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି ।



ଗାନ୍ଧୀଜୀଙ୍କ ପାଇଁ ରାଜନୀତି ଥିଲା ଏକ ପ୍ରକାର ନୈତିକ ସାଧନା । ଆଜି ରାଜନୀତିରେ ମୂଲ୍ୟବୋଧର ଅବକ୍ଷୟ, ଅସହିଷ୍ଣୁତା, ବ୍ୟକ୍ତିପୂଜା ଓ ସ୍ୱାର୍ଥର ପ୍ରଭାବ ନେଇ ପ୍ରଶ୍ନ ଉଠୁଛି । ନିର୍ବାଚନ ଗଣତନ୍ତ୍ରର ଏକ ଅବିଚ୍ଛିନ୍ନ ଅଂଶ ହୋଇଥିଲେ ମଧ୍ୟ ଗଣତନ୍ତ୍ର କେବଳ ଭୋଟ ଦେବାର ଅଧିକାର ନୁହେଁ । ଏହା ହେଉଛି ପରସ୍ପରକୁ ସମ୍ମାନ କରିବା, ଭିନ୍ନ ମତକୁ ସହ୍ୟ କରିବା ଓ ଦାୟିତ୍ୱଶୀଳ ନାଗରିକ ହେବା । ଗାନ୍ଧୀଙ୍କ ରାମରାଜ୍ୟର ଆଉ ଏକ ମୁଖ୍ୟ ସ୍ତମ୍ଭ ଥିଲା ଅହିଂସା । ମତଭେଦ ରହିବ, କିନ୍ତୁ ମତଭେଦ ଯେପରି ମାନବିକତାକୁ ଧ୍ୱଂସ ନକରେ—ଏହା ଥିଲା ଗାନ୍ଧୀଙ୍କ ଶିକ୍ଷା । ଆଜିକାଲି ସାମାଜିକ ଗଣମାଧ୍ୟମରେ ମତଭେଦ ବହୁ ସମୟରେ ଘୃଣା, ଅପମାନ ଓ ବିଭାଜନର ରୂପ ନେଉଛି । ଆମେ ଯେତେ ଅଧିକ ଯୋଡ଼ି ହେଉଛୁ, ସେତେ ଅଧିକ ଆମେ ମାନସିକ ଭାବେ ବିଭାଜିତ ହେଉଛୁ, ଏହା ଆମ ସମୟର ଏକ ଅଦ୍ଭୁତ ବିଡ଼ମ୍ବନା ।

ତଥାପି ଆମେ ନିରାଶ ହେବାର କାରଣ ନାହିଁ । କାରଣ ଗାନ୍ଧୀଙ୍କ ରାମରାଜ୍ୟ ଗୋଟିଏ ଦିନର ସ୍ୱପ୍ନ ନୁହେଁ; ଏହା ଏକ ନିରନ୍ତର ଯାତ୍ରା । ସେହି ଯାତ୍ରାର ଆରମ୍ଭ ଆମଠାରୁ ହିଁ ଆରମ୍ଭ ହେବା ଆବଶ୍ୟକ । ଆମେ ଯଦି ଦୁର୍ନୀତିକୁ ନିନ୍ଦା କରିବା ସହିତ ନିଜ ଜୀବନରେ ସତ୍ୟନିଷ୍ଠ ହେବା, ଅନ୍ୟାୟକୁ ପ୍ରଶ୍ନ କରିବା ସହିତ ନିଜେ ଅନ୍ୟାୟ ନକରିବା, ଭିନ୍ନ ମତକୁ ସମ୍ମାନ କରିବା, ଦୁର୍ବଳଙ୍କ ପାଖରେ ଠିଆ ହେବା ଓ ନିଜ କର୍ତ୍ତବ୍ୟକୁ ସଚ୍ଚୋଟତାର ସହ ପାଳନ କରିବା, ତେବେ ହୁଏତ ରାମରାଜ୍ୟର ସ୍ୱପ୍ନ ଆଉ ଗୋଟିଏ ପାଦ ଆଗକୁ ବଢ଼ିବ। ଗାନ୍ଧୀଙ୍କ ରାମରାଜ୍ୟ ଆମକୁ ପଚାରେ ନାହିଁ, 'ତୁମେ କେଉଁ ଧର୍ମର ?' ସେ ପଚାରେ, 'ତୁମେ କେତେ ନ୍ୟାୟପରାୟଣ ?' ସେ ଆମକୁ ପଚାରେ ନାହିଁ, 'ତୁମ ପାଖରେ କେତେ ସମ୍ପତ୍ତି ?' ବରଂ ପଚାରେ, 'ତୁମ ପାଖରେ ଥିବା ମଣିଷଟିର ଦୁଃଖ ତୁମକୁ କେତେ ଛୁଏ ?' ଆଜି ଆମ ଦେଶର ଆବଶ୍ୟକତା କେବଳ ବଡ଼ ବଡ଼ ରାସ୍ତା, ଅଟ୍ଟାଳିକା ଓ ପ୍ରଯୁକ୍ତି ନୁହେଁ; ଆବଶ୍ୟକ ହେଉଛି ମଣିଷ ମନରେ ମଣିଷ ପାଇଁ ଟିକେ ଜାଗା । କାରଣ ବିକାଶର ମାପ କେବଳ ଅର୍ଥନୈତିକ ସଂଖ୍ୟାରେ ନୁହେଁ, ସମାଜର ଶେଷ ମଣିଷଟିର ମୁହଁର ଖୁସି ହେବା ଦରକାର ।

ତେଣୁ ରାମରାଜ୍ୟ ଦୂର ଅତୀତର କୌଣସି କଳ୍ପିତ ରାଜ୍ୟ ନୁହେଁ । ଏହା ଆମ ବିବେକର ଏକ ଆଇନା । ସେହି ଆଇନାରେ ଆଜି ଆମେ ନିଜକୁ ଦେଖିବାର ସମୟ ଆସିଛି । ଗାନ୍ଧୀଙ୍କ ସ୍ୱପ୍ନକୁ ସାକାର କରିବାର ଦାୟିତ୍ୱ କେବଳ ସରକାରଙ୍କର ନୁହେଁ, କେବଳ ରାଜନେତାଙ୍କର ମଧ୍ୟ ନୁହେଁ । ଏହା ଆମ ସମସ୍ତଙ୍କର । କାରଣ ଏକ ଆଦର୍ଶ ରାଜ୍ୟ ଗଢ଼ିବା ପୂର୍ବରୁ ଆଦର୍ଶ ନାଗରିକ ଗଢ଼ିବାକୁ ପଡ଼େ । ଶେଷରେ ପ୍ରଶ୍ନଟି ତେଣୁ ଏହା ନୁହେଁ ଯେ ରାମରାଜ୍ୟ କେବେ ଆସିବ; ପ୍ରଶ୍ନ ହେଉଛି—ରାମରାଜ୍ୟ ପାଇଁ ଆମେ କେବେ ବଦଳିବା ଆରମ୍ଭ କରିବା ?


+ ମାର୍ଫତ୍: ମନ୍ମଥ କୁମାର ମିଶ୍ର
ବିଶ୍ୱେଶ୍ୱପୁର୍ ଶାସନ,
କେନ୍ଦୁଝର ବଜାର
କେନ୍ଦୁଝର-୭୫୮୦୦୨
ମୋ: ୭୦୦୮୨୪୧୨୮୭


# ସ୍ୱାଧୀନତା ସଂଗ୍ରାମରେ କଟକ ଓ 'ଗୁଣନିଧି ଭବନ'




ବିକ୍ରମ ମହାପାତ୍ର


କଟକ ନଗରୀର ପ୍ରତିଷ୍ଠା ଠାରୁ ୧୯୪୭ର ସ୍ୱାଧୀନତା ପ୍ରାପ୍ତି ପର୍ଯ୍ୟନ୍ତ କଟକ ଏକ ଗୌରବ ଗାରିମାମୟ ଐତିହ୍ୟ ଓ ପରମ୍ପରାର ସ୍ୱାକ୍ଷର ବହନ କରି ଯୁଗେ ଯୁଗେ ଓଡ଼ିଶା ଇତିହାସକୁ ପରିପୁଷ୍ଟ କରି ଆସିଛି। ସ୍ୱାଧୀନତା ଆନ୍ଦୋଳନରେ କଟକର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା। ହଜାର ବର୍ଷର ପରିଚୟରେ ସମୃଦ୍ଧ କଟକ ସହରରେ ଅନେକ ସଂଗ୍ରାମୀଙ୍କ ଭୂମିକା କ୍ରାନ୍ତିକାରୀପରି ଚିର ଦିନ ପାଇଁ ସ୍ମରଣୀୟ ହୋଇ ରହିବ। କିଏ ତାଙ୍କୁ ସଂଗ୍ରାମୀ କହନ୍ତି ତ ଆଉ କିଏ କୁହନ୍ତି ସତ୍ୟାଗ୍ରହୀ, ଭୂଦାନକର୍ମୀ। କିଏ କୁହେ ଘରଜଗୁଆ ତ କିଏ କୁହେ ମୁଖିଆ। କେତେବେଳେ ଗାନ୍ଧିଜୀଙ୍କ ଲବଣ ସତ୍ୟାଗ୍ରହରେ ତ କେବେ ପୁଣି ଆଚାର୍ଯ୍ୟ ବିନୋବାଙ୍କ ଭୂଦାନ ଆନ୍ଦୋଳନରେ ଆଉ ମା'ରମାଦେବୀଙ୍କ ନିଶା ନିବାରଣ ଅଭିଯାନରେ ସିଏ ଥିଲେ ସକ୍ରିୟ। ଦେଶମାତୃକା ପାଇଁ ସାରା ଜୀବନକୁ ଉତ୍ସର୍ଗ କରି ଦେଇଥିବା ଏହି ମହାନ ବ୍ୟକ୍ତି ଗୁଣନିଧି ମହାନ୍ତିଙ୍କ ତ୍ୟାଗର ଗାଥା ବହନ କରୁଛି ଥୋରିଆ ସାହିସ୍ଥିତ ଗୁଣନିଧି ଭବନ।

୪୨ ମୌଜା ଦେଉଳି ଗ୍ରାମର ଏକ ମଧ୍ୟବିତ୍ତ ପରିବାରରେ ଗୁଣନିଧି ମହାନ୍ତିଙ୍କ ଜନ୍ମ। ଜନ୍ମ ତାରିଖ ବିଷୟରେ କିଛି ପ୍ରମାଣ ନଥିଲେ ମଧ୍ୟ ଗୁଣନିଧି ୧୮୮୫ ମସିହାରେ ଜନ୍ମ ହୋଇଥିବା ଜଣାଯାଏ। ୧୯୨୧ ମସିହାରେ ଗାନ୍ଧିଜୀଙ୍କ ଡାକରାରେ ସରକାରୀ ଚାକିରୀ ଛାଡ଼ି ଅସହଯୋଗ ଆନ୍ଦୋଳନରେ ସାମିଲ ହୋଇଥିଲେ। ଲବଣ ସତ୍ୟାଗ୍ରହ ପାଇଁ ସ୍ୱାକ୍ଷର କରିଥିବା ୨୦ଜଣ ଓଡ଼ିଆଙ୍କ ମଧ୍ୟରୁ ସେ ଥିଲେ ଅନ୍ୟତମ। ୧୯୩୪ ମସିହାରେ ବାଲେଶ୍ୱର ଇଞ୍ଚୁଡିରୁ ଆରମ୍ଭ ହୋଇଥିବା ଲବଣ ସତ୍ୟାଗ୍ରହରେ ଗାନ୍ଧିଜୀଙ୍କ କଥା ବୁଝିବାର ଦାୟିତ୍ୱ ତାଙ୍କ କାନ୍ଧରେ ଥିଲା। ସ୍ୱାଧୀନତା ସଂଗ୍ରାମ ସମୟରେ ଅନ୍ନପୂର୍ଣ୍ଣା ମହାରଣା, ମଙ୍ଗଳା ମାଉସୀଙ୍କ ସହିତ ମିଶି ଗୁଣନିଧି ବାବୁ ବିଭିନ୍ନ ବ୍ୟକ୍ତିଙ୍କ ଠାରୁ ଚାନ୍ଦା ଆଦାୟକ କରି ସଂଗ୍ରାମୀଙ୍କ ଖାଦ୍ୟପେୟ କଥା ବୁଝୁଥିଲେ। ସ୍ୱାଧୀନତା ପରେ ୧୯୫୦ରେ ଆଚାର୍ଯ୍ୟ ବିନୋବା ଆରମ୍ଭ କରିଥିବା ଭୂଦାନ ଆନ୍ଦୋଳନରେ ସେ ସକ୍ରିୟ ହୋଇଥିଲେ। ୧୯୫୫ ମସିହାରେ ବାଲେଶ୍ୱରରୁ କୋରାପୁଟ ପର୍ଯ୍ୟନ୍ତ ଭୂଦାନ ପଦଯାତ୍ରାରେ ସଂଗ୍ରାମୀ ମହାନ୍ତିଙ୍କ ଉଲ୍ଲେଖନୀୟ ଭୂମିକା ଥିଲା। ଏହା ପୂର୍ବରୁ ବକ୍ସିବଜାର ଥୋରିଆସାହିସ୍ଥିତ ତାଙ୍କ ପୈତୃକ ସମ୍ପତ୍ତିକୁ ସର୍ବୋଦୟ କର୍ମୀଙ୍କ ପାଇଁ ଅର୍ପଣ କରିଥିଲେ। ସଂଗ୍ରାମୀମାନଙ୍କ ଉଦ୍ଦେଶ୍ୟରେ ଏହି ଜମିକୁ ଶ୍ରୀ ମହାନ୍ତି ଭୁବନାନନ୍ଦ ଦାସ, ସ୍ୱାମୀ ବିଚିତ୍ରାନନ୍ଦ ଦାସ, ଗୋପବନ୍ଧୁ ଦାସଙ୍କ ନାମରେ ଦାନ କରିଦେଇଥିଲେ।

ଗୁଣନିଧି ଭବନ ନାମରେ ପରିଚିତ ଏହି ଘର ଅନେକ ଦଶନ୍ଧି ଧରି ଜନସେବାର ପ୍ରାଣକେନ୍ଦ୍ର ଥିଲା। ଏଇଠି ଗୋପବନ୍ଧୁ ଚୌଧୁରୀଙ୍କ ପରିବାର ବହୁ ଦିନ ଧରି ରହିଥିଲେ। ଗୁଣନିଧିଙ୍କ କର୍ମମୟ ଜୀବନ ଏଇଠି ଅତିବାହିତ ହୋଇଥିଲା। ଗୁଣନିଧି କମ୍ ବୟସରୁ ବିପତ୍ନୀକ ହୋଇ ଯାଇଥିଲେ। ସେ ଦେଉଳିସ୍ଥିତ ପୈତୃକ ସମ୍ପତ୍ତିକୁ ଦୁଇ ପୁତୁରାଙ୍କ ମଧ୍ୟରେ ବାଣ୍ଟି ଦେଇଥିଲେ। ଶେଷରେ ଡିସେମ୍ବର ୧୭ ତାରିଖ ୧୯୬୧ ମସିହାରେ ଗୁଣନିଧିଙ୍କ ଜୀବନ ଦୀପ ନିର୍ବାପିତ ହୋଇଥିଲା। ଏବେ ତାଙ୍କ ପ୍ରଦତ୍ତ ଗୁଣନିଧି ଭବନ ଦିନ, ଦୁଃଖୀଙ୍କ ସହାୟତାର କେନ୍ଦ୍ର ପାଲଟିଛି। ଖାଲି ସେତିକି ନୁହେଁ ଏଠାରେ ଉତ୍କଳ ସେର୍ବୋଦୟ ମଣ୍ଡଳ, ଉତ୍କଳ ଖଦୀ ମଣ୍ଡଳ, ସର୍ବୋଦୟ ରିଲିଫ୍ କମିଟି, ରମାଦେବୀ ଟ୍ରଷ୍ଟ, ରାଷ୍ଟ୍ରୀୟ ଯୁବା ସଂଗଠନ ଭଳି ଅନେକ ଅନୁଷ୍ଠାନ କାର୍ଯ୍ୟ କରୁଛି। ଗୁଣନିଧି ମହାନ୍ତିଙ୍କ ସଂପର୍କରେ ସୁମିତ୍ରା ଚୌଧୁରୀ ସ୍ୱର୍ଗତଃ ମନମୋହନ ଚୌଧୁରୀଙ୍କ ପତ୍ନୀ କହନ୍ତି ଯେ ବରୀ ଛାଡ଼ିବା ପରେ ସେ ପରିବାର ସହ ଥୋରିଆସାହି ଗୁଣନିଧି ଭବନରେ ରହୁଥିଲେ। ସେଠାରେ ଗୁଣନିଧି ବାବୁ ମଧ୍ୟ ରହୁଥିଲେ। ଗୁଣନିଧି ବାବୁ ଥିଲେ ଅତ୍ୟନ୍ତ ମଜାଳିଆ ଲୋକ। ରମାଦେବୀ, ଆଚାର୍ଯ୍ୟ ମହାଶୟ, ଗୋପବନ୍ଧୁ ଚୌଧୁରୀ, ଭୁବନାନନ୍ଦ, ବିଚିତ୍ରାନନ୍ଦ ପ୍ରମୁଖ ଖୁବ୍ ଘନିଷ୍ଠ ଥିଲେ। ଗୁଣନିଧି ଖୁବ୍ ଖାଦ୍ୟ ପ୍ରିୟ ଥିଲେ। ବରା ତାଙ୍କର ପ୍ରିୟ ଖାଦ୍ୟ ଥିଲା। ଅନ୍ୟମାନଙ୍କୁ ଖାଇବାକୁ ଦେବାକୁ ଭଲ ପାଉଥିଲେ। ସର୍ବୋପରି ସେ ଜଣେ ମୂଲ୍ୟବୋଧସଂପନ୍ନ ମଣିଷ ଥିଲେ ବୋଲି କହନ୍ତି ସୁମିତ୍ରା ଚୌଧୁରୀ। ଗୁଣନିଧି ମହାନ୍ତି ତାଙ୍କ ନାମର ସାର୍ଥକତା ପ୍ରତିପାଦନ କରିଛନ୍ତି। ତାଙ୍କର ତ୍ୟାଗ ଓ ବହୁମୁଖୀ ପ୍ରତିଭା ପାଇଁ ଏବେ ବି ଝୁରୁଛି ଥୋରିଆ ସାହିଘର, କଟକ ମାଟି, ସର୍ବୋଦୟ ମଣ୍ଡଳ। ଆଜି ସ୍ୱାଧୀନତା ଦିବସ ଅବସରରେ କଟକ ନଗରୀର ଏହି ଗୁଣନିଧି ଭବନର ଗୌରବମୟ ଭୂମିକା ସମ୍ପର୍କରେ ଓଡ଼ିଶାବାସୀଙ୍କୁ ମନେପକାଇ ସ୍ୱାଧୀନତା ଦିବସର ଅଭିନନ୍ଦନ ସମସ୍ତଙ୍କୁ ଜଣାଉଛୁ।


ଚଣ୍ଡୀମନ୍ଦିର ରାସ୍ତା, କଟକ-୧,
ମୋ:୯୪୩୭୦୨୧୬୧୫

# ସ୍ୱାଧୀନତା ଦିବସ ଓ ଯୁବ ସମାଜର କର୍ତ୍ତବ୍ୟ



ଡକ୍ଟର ଅମୂଲ୍ୟ କୁମାର ପଣ୍ଡା

ସ୍ୱାଧୀନତା ଶବ୍ଦଟି ଭାରତୀୟ ଇତିହାସରେ କେବଳ ଏକ ଶବ୍ଦ ନୁହେଁ, ଏହା ଅସଂଖ୍ୟ ତ୍ୟାଗ, ସଂଘର୍ଷ, ବଳିଦାନ ଓ ଦେଶପ୍ରେମର ଏକ ଅମୂଲ୍ୟ ପରିଣାମ। ପ୍ରତିବର୍ଷ ଅଗଷ୍ଟ ୧୫ ତାରିଖରେ ଆମେ ସ୍ୱାଧୀନତା ଦିବସ ପାଳନ କରୁ। ୧୯୪୭ ମସିହାର ଏହି ଐତିହାସିକ ଦିନରେ ଭାରତ ଦୀର୍ଘଦିନର ପରାଧୀନତାରୁ ମୁକ୍ତିଲାଭ କରିଥିଲା। ଏହି ସ୍ୱାଧୀନତା ପଛରେ ମହାତ୍ମା ଗାନ୍ଧୀ, ନେତାଜୀ ସୁଭାଷଚନ୍ଦ୍ର ବୋଷ, ଭଗତ ସିଂହ, ସର୍ଦ୍ଦାର ବଲ୍ଲଭଭାଇ ପଟେଲ, ଲାଲା ଲଜପତ ରାୟ, ବାଳ ଗଙ୍ଗାଧର ତିଳକ, ରାଣୀ ଲକ୍ଷ୍ମୀବାଈଙ୍କ ସମେତ ଅସଂଖ୍ୟ ଜଣା-ଅଜଣା ସ୍ୱାଧୀନତା ସଂଗ୍ରାମୀଙ୍କ ଅବଦାନ ରହିଛି। ଆଜିର ଭାରତର ଯୁବ ସମାଜ ସେହି ସ୍ୱାଧୀନତାର ଉତ୍ତରାଧିକାରୀ। ତେଣୁ ସ୍ୱାଧୀନତା ଦିବସ କେବଳ ପତାକା ଉତ୍ତୋଳନ, ଜାତୀୟ ସଙ୍ଗୀତ ଗାନ କିମ୍ବା ଉତ୍ସବ ପାଳନର ଦିନ ନୁହେଁ। ଏହା ଆମକୁ ଆମର ଦାୟିତ୍ୱ, କର୍ତ୍ତବ୍ୟ ଓ ଦେଶ ପ୍ରତି ଆମର ଭୂମିକା ସ୍ମରଣ କରାଇଥାଏ। ବିଶେଷକରି ଯୁବ ସମାଜ ପାଇଁ ଏହି ଦିନ ଏକ ନୂଆ ସଂକଳ୍ପ ନେବାର ଦିନ। ଭାରତର ସ୍ୱାଧୀନତା ହଠାତ୍ ମିଳିନଥିଲା। ଦୀର୍ଘ ସମୟ ଧରି ଭାରତୀୟମାନେ ବିଦେଶୀ ଶାସନ ବିରୋଧରେ ସଂଗ୍ରାମ କରିଥିଲେ। କେହି ଅହିଂସାର ପଥ ଅନୁସରଣ କରିଥିଲେ, ଆଉ କେହି ବିପ୍ଳବୀ ଆନ୍ଦୋଳନରେ ଯୋଗ ଦେଇଥିଲେ। ଅନେକ ଲୋକ କାରାବରଣ କରିଥିଲେ, ନିର୍ଯାତନା ସହିଥିଲେ ଓ ନିଜ ଜୀବନକୁ ଦେଶ ପାଇଁ ଉତ୍ସର୍ଗ କରିଥିଲେ। ତେଣୁ ଯୁବପିଢ଼ି ବୁଝିବା ଆବଶ୍ୟକ ଯେ ସ୍ୱାଧୀନତା ଏକ ମହାନ ଦାୟିତ୍ୱ। ଦେଶ ସ୍ୱାଧୀନ ହୋଇଛି, କିନ୍ତୁ ଦେଶ ଗଠନର କାର୍ଯ୍ୟ ଏବେ ମଧ୍ୟ ଚାଲିଛି। ଦାରିଦ୍ର୍ୟ, ଅଶିକ୍ଷା, ବେକାରି, ଦୁର୍ନୀତି, ଅନ୍ଧବିଶ୍ୱାସ, ପରିବେଶ ପ୍ରଦୂଷଣ ଓ ସାମାଜିକ ବିଭେଦ ଭଳି ସମସ୍ୟାଗୁଡ଼ିକ ବିରୋଧରେ ଆମକୁ ଲଢ଼ିବାକୁ ପଡ଼ିବ।

ଯୁବକ ଓ ଯୁବତୀମାନେ ହେଉଛନ୍ତି ଦେଶର ଶକ୍ତି। ଯୁବାବସ୍ଥାରେ ମଣିଷର ଚିନ୍ତାଧାରା, ଶକ୍ତି, ସୃଜନଶୀଳତା ଓ ସାହସ ସର୍ବାଧିକ ଥାଏ। ତେଣୁ ଦେଶର ଭବିଷ୍ୟତ୍ ଗଢ଼ିବାରେ ଯୁବ ସମାଜର ଭୂମିକା ଅତ୍ୟନ୍ତ ବଡ଼। ଆଜିର ଯୁବକ କେବଳ ଚାକିରି ଖୋଜୁଥିବା ବ୍ୟକ୍ତି ହେବା ଉଚିତ୍ ନୁହେଁ; ସେ ନୂଆ ସୁଯୋଗ ସୃଷ୍ଟି କରୁଥିବା ଉଦ୍ୟୋଗୀ, ବୈଜ୍ଞାନିକ, ଶିକ୍ଷକ, କୃଷକ, ଇଞ୍ଜିନିୟର, ଡାକ୍ତର, କଳାକାର, କ୍ରୀଡ଼ାବିତ୍ ଓ ସମାଜସେବୀ ଭାବରେ ଦେଶର ବିକାଶରେ ଯୋଗଦାନ କରିପାରେ। ଆଧୁନିକ ଯୁଗରେ ଜ୍ଞାନ ହେଉଛି ସବୁଠାରୁ ବଡ଼ ଶକ୍ତି। ତେଣୁ ଯୁବ ସମାଜ ଶିକ୍ଷାକୁ କେବଳ ପରୀକ୍ଷାରେ ଭଲ ନମ୍ବର ପାଇବାର ମାଧ୍ୟମ ଭାବେ ନ ଦେଖି ଜୀବନକୁ ବୁଝିବା ଓ ସମାଜକୁ ଉନ୍ନତ କରିବାର ମାଧ୍ୟମ ଭାବେ ଗ୍ରହଣ କରିବା ଆବଶ୍ୟକ। ବିଜ୍ଞାନ, ପ୍ରଯୁକ୍ତି, ଇତିହାସ, ସାହିତ୍ୟ, କଳା, କୃଷି ଓ ଅନ୍ୟାନ୍ୟ କ୍ଷେତ୍ରରେ ନୂଆ ଜ୍ଞାନ ଆହରଣ କରିବା ଦରକାର। ଡିଜିଟାଲ ଯୁଗରେ ଇଣ୍ଟରନେଟ୍ ଓ ପ୍ରଯୁକ୍ତିକୁ ଜ୍ଞାନ ଅର୍ଜନ ଓ ସୃଜନଶୀଳ କାର୍ଯ୍ୟରେ ବ୍ୟବହାର କରିବା ଉଚିତ୍। ଦେଶପ୍ରେମ କେବଳ ଜାତୀୟ ପତାକା ଧରିବା କିମ୍ବା ଦେଶଭକ୍ତିର ସ୍ଲୋଗାନ ଦେବା ନୁହେଁ। ନିଜ କାର୍ଯ୍ୟକୁ ସତ୍ୟନିଷ୍ଠାର ସହିତ କରିବା ମଧ୍ୟ ଦେଶପ୍ରେମ। ରାସ୍ତାରେ ଅଳିଆ ନ ପକାଇବା, ସରକାରୀ ସମ୍ପତ୍ତିକୁ ନଷ୍ଟ ନ କରିବା, ନିୟମ ମାନିବା, ଅନ୍ୟମାନଙ୍କ ଅଧିକାରକୁ ସମ୍ମାନ କରିବା ଓ ଦୁର୍ନୀତିରୁ ଦୂରେ ରହିବା ମଧ୍ୟ ଦେଶପ୍ରେମର ଅଂଶ। ଯୁବ ସମାଜ



ନିଜ ଜୀବନରେ ଶୃଙ୍ଖଳା, ସତ୍ୟ, ନ୍ୟାୟ ଓ ଦାୟିତ୍ୱବୋଧକୁ ଗ୍ରହଣ କଲେ ଦେଶ ନିଶ୍ଚିତ ଭାବେ ଶକ୍ତିଶାଳୀ ହେବ। ଭାରତ ବିଭିନ୍ନତାର ଦେଶ। ଏଠାରେ ଅନେକ ଭାଷା, ଧର୍ମ, ଜାତି, ପରମ୍ପରା ଓ ସଂସ୍କୃତିର ଲୋକ ଏକାଠି ବାସ କରନ୍ତି। ଏହି ବିଭିନ୍ନତା ହିଁ ଭାରତର ଶକ୍ତି। ଯୁବ ସମାଜ ଜାତି, ଧର୍ମ, ଭାଷା ଓ ଅଞ୍ଚଳ ଆଧାରରେ ଭେଦଭାବକୁ ଦୂର କରି ଏକତାରେ ବିବିଧତାର ଆଦର୍ଶକୁ ମଜବୁତ କରିବା ଆବଶ୍ୟକ। ସୋସିଆଲ୍ ମିଡିଆରେ ଘୃଣା, ମିଥ୍ୟା ଖବର ଓ ଉତ୍ତେଜନାମୂଳକ ବାର୍ତ୍ତା ପ୍ରଚାର ନକରି ଭାଇଚାରା ଓ ସଦ୍ଭାବର ବାର୍ତ୍ତା ପ୍ରସାର କରିବା ଉଚିତ୍। ଯୁବାବସ୍ଥା ଜୀବନର ଏକ ମୂଲ୍ୟବାନ ସମୟ। ଏହି ସମୟକୁ ଭୁଲ ଅଭ୍ୟାସରେ ନଷ୍ଟ କରିବା ଉଚିତ୍ ନୁହେଁ। ନିଶା, ହିଂସା, ଅପରାଧ, ଅନଲାଇନ୍ ଠକେଇ ଓ ଅନ୍ୟାନ୍ୟ ଅସାମାଜିକ କାର୍ଯ୍ୟ ଯୁବକଙ୍କ ଭବିଷ୍ୟତ୍ ?କୁ ନଷ୍ଟ କରିପାରେ। ଏହା ପରିବର୍ତ୍ତେ ଖେଳ, ପାଠପଢ଼ା, ସାହିତ୍ୟ, ସଙ୍ଗୀତ, କଳା, ବିଜ୍ଞାନ ଓ ସମାଜସେବା ଭଳି ସୃଜନଶୀଳ କାର୍ଯ୍ୟରେ ନିଜକୁ ନିୟୋଜିତ କରିବା ଦରକାର। ଆଜି ପରିବେଶ ପ୍ରଦୂଷଣ, ଜଙ୍ଗଲ ନଷ୍ଟ, ଜଳ ସଙ୍କଟ ଓ ଜଳବାୟୁ ପରିବର୍ତ୍ତନ ଭଳି ସମସ୍ୟା ମାନବ ସମାଜ ପାଇଁ ବଡ଼ ଚ୍ୟାଲେଞ୍ଜ। ଯୁବ ସମାଜ ପରିବେଶ ସୁରକ୍ଷାରେ ଅଗ୍ରଣୀ ଭୂମିକା ନେଇପାରେ। ଗଛ ଲଗାଇବା, ଜଳ ସଂରକ୍ଷଣ କରିବା, ପ୍ଲାଷ୍ଟିକ୍ ବ୍ୟବହାର କମାଇବା, ଅଳିଆକୁ ଠିକ୍ ଭାବରେ ପରିଚାଳନା କରିବା ଓ ପରିବେଶ ସଚେତନତା ବଢ଼ାଇବା ଆମର ଦାୟିତ୍ୱ। ଆଜିର ଯୁବପିଢ଼ି ପରିବେଶକୁ ସୁରକ୍ଷିତ ରଖିଲେ ଆଗାମୀ ପିଢ଼ି ପାଇଁ ଏକ ସୁସ୍ଥ ଭାରତ ଗଢ଼ିପାରିବ।ଆତ୍ମନିର୍ଭରତା ହେଉଛି ଦେଶର ଅର୍ଥନୈତିକ ଶକ୍ତିର ଏକ ମୁଖ୍ୟ ଆଧାର। ଯୁବକମାନେ ନୂଆ ଚିନ୍ତାଧାରା, ଉଦ୍ୟମ ଓ ପ୍ରଯୁକ୍ତି ମାଧ୍ୟମରେ ନୂଆ ରୋଜଗାର ସୃଷ୍ଟି କରିପାରନ୍ତି। କୃଷି, ଶିଳ୍ପ, ହସ୍ତଶିଳ୍ପ, ଷ୍ଟାର୍ଟଅପ୍, ଡିଜିଟାଲ ସେବା ଓ ବିଜ୍ଞାନ-ପ୍ରଯୁକ୍ତି କ୍ଷେତ୍ରରେ ଯୁବମାନଙ୍କ ଅବଦାନ ଦେଶର ଅର୍ଥନୀତିକୁ ଆହୁରି ସୁଦୃଢ଼ କରିପାରେ। ବର୍ତ୍ତମାନ ସୋସିଆଲ୍ ମିଡିଆ ଯୁବପିଢ଼ିର ଜୀବନର ଏକ ବଡ଼ ଅଂଶ ହୋଇପାରିଛି। ଏହାର ଭଲ ଦିଗକୁ ଗ୍ରହଣ କରି ଶିକ୍ଷା, ଜ୍ଞାନ, ରୋଜଗାର ଓ ସୃଜନଶୀଳତା ପାଇଁ ବ୍ୟବହାର କରିବା ଉଚିତ୍। କୌଣସି ଖବର ମିଳିଲେ ତାହାକୁ ଯାଞ୍ଚ ନକରି ଅନ୍ୟମାନଙ୍କୁ ପଠାଇବା ଠିକ୍ ନୁହେଁ। ମିଥ୍ୟା ଖବର ସମାଜରେ ଅଶାନ୍ତି ସୃଷ୍ଟି କରିପାରେ। ଯୁବପିଢ଼ି ଡିଜିଟାଲ ମାଧ୍ୟମରେ ଦାୟିତ୍ୱଶୀଳ ନାଗରିକର ଭୂମିକା ପାଳନ କରିବା ଦରକାର।

ଭାରତର ସମ୍ବିଧାନ ଆମକୁ ଅଧିକାର ଦେଇଥାଏ, କିନ୍ତୁ ସେହି ସହିତ ଆମକୁ କର୍ତ୍ତବ୍ୟ ମଧ୍ୟ ଦେଇଛି। ଯୁବ ସମାଜ ଦେଶର ସଂବିଧାନ, ଗଣତନ୍ତ୍ର, ଆଇନ ଓ ନାଗରିକ ମୂଲ୍ୟବୋଧ ପ୍ରତି ସମ୍ମାନ ରଖିବା ଉଚିତ୍। ନିଜ ଅଧିକାର ପାଇଁ ସଚେତନ ହେବା ସହିତ ଅନ୍ୟମାନଙ୍କ ଅଧିକାରକୁ ସମ୍ମାନ କରିବା ମଧ୍ୟ ଆବଶ୍ୟକ। ଦେଶର ଗଣତାନ୍ତ୍ରିକ ପ୍ରକ୍ରିୟାରେ ସଚେତନ ଓ ଦାୟିତ୍ୱଶୀଳ ଭାବରେ ଅଂଶଗ୍ରହଣ କରିବା ଦରକାର। ସ୍ୱାଧୀନତା ଦିବସରେ ଆମେ ଶହୀଦମାନଙ୍କୁ ସ୍ମରଣ କରୁ। କିନ୍ତୁ ସେମାନଙ୍କ ପ୍ରତି ସତ୍ୟ ଶ୍ରଦ୍ଧାଞ୍ଜଳି କେବଳ ଫୁଲମାଳା ଅର୍ପଣ କରିବା ନୁହେଁ। ସେମାନଙ୍କ ଆଦର୍ଶକୁ ଜୀବନରେ ଅନୁସରଣ କରିବା ହିଁ ପ୍ରକୃତ ଶ୍ରଦ୍ଧାଞ୍ଜଳି। ଦେଶ ପାଇଁ ସତ୍ୟନିଷ୍ଠ ଭାବରେ କାମ କରିବା, ଅନ୍ୟାୟ ବିରୋଧରେ ସ୍ୱର ଉଠାଇବା, ଦୁର୍ବଳଙ୍କୁ ସାହାଯ୍ୟ କରିବା ଓ ସମାଜର ଉନ୍ନତି ପାଇଁ ନିଜର ଯୋଗଦାନ ଦେବା ହେଉଛି ଶହୀଦମାନଙ୍କ ସ୍ୱପ୍ନର ଭାରତ ଗଢ଼ିବାର ପଥ। ସ୍ୱାଧୀନତା ଦିବସ ଆମକୁ ଅତୀତର ଗୌରବ ସ୍ମରଣ କରାଇବା ସହିତ ଭବିଷ୍ୟତ୍ ପାଇଁ ନୂଆ ଦାୟିତ୍ୱ ଦେଇଥାଏ। ଆଜିର ଯୁବ ସମାଜ ହେଉଛି ଆସନ୍ତା ଭାରତର ନିର୍ମାତା। ଯୁବପିଢ଼ି ଯେତେ ଶିକ୍ଷିତ, ଦକ୍ଷ, ସଚେତନ, ଶୃଙ୍ଖଳିତ ଓ ଦେଶପ୍ରେମୀ ହେବ, ଭାରତର ଭବିଷ୍ୟତ୍ ସେତେ ଉଜ୍ଜ୍ୱଳ ହେବ। ଆମ ସ୍ୱାଧୀନତା ସଂଗ୍ରାମୀମାନେ ଯେଉଁ ଭାରତର ସ୍ୱପ୍ନ ଦେଖିଥିଲେ ଯେ ଏକ ସମୃଦ୍ଧ, ଶିକ୍ଷିତ, ସ୍ୱାବଲମ୍ବୀ, ନ୍ୟାୟପୂର୍ଣ୍ଣ ଓ ଏକତାବଦ୍ଧ ଭାରତ ଆଉ ତାହାକୁ ସାକାର କରିବାର ଦାୟିତ୍ୱ ଆଜିର ଯୁବପିଢ଼ିର। ତେଣୁ ଏହି ସ୍ୱାଧୀନତା ଦିବସରେ ଆମର ବାର୍ତ୍ତା ହେଉ ଯେ ଦେଶ କେବଳ ଆମକୁ କ'ଣ ଦେଇଛି ତାହା ନୁହେଁ, ଆମେ ଦେଶ ପାଇଁ କ'ଣ କରିପାରିବା । ଏହି ଚିନ୍ତା ହିଁ ପ୍ରକୃତ ଦେଶପ୍ରେମ ହୋଇପାରିବ।

+ଅରଙ୍ଗାବାଦ ବରୀ ଯାଜପୁର
ମୋ: ୮୨୪୯୫୦୨୭୭୬

## ଅଗଷ୍ଟ ପନ୍ଦର

ସୁଧାକର ରାଉତ



ସ୍ୱାଧୀନତା ଦିବସ ପରା ଆଜି
ଆସ ଦେଶ ପ୍ରେମେ ଯିବାଟି ଭିଜି ।

ଗାଇବା ସଦା ତାର ଜୟ ଗୀତି
ଭାରତୀୟ ବୋଲି ଫୁଲାଇ ଛାତି ।

ଜନ୍ମଭୂମି ଆମ ଶୃଙ୍ଖଳ ପିନ୍ଧି
ପରାଧିନେ ସେ ହେଉଥିଲା ରୁନ୍ଧି ।

ଲାଲ ବାଲ ପାଲ ଓ ଜବାହର
ବାପୁ, ନେତାଜୀ, ଗୋପ ଆଦି ବୀର ।

ପ୍ରାଣମୂର୍ଚ୍ଛା ସିଏ ସଂଗ୍ରାମ କରି
ଛିନ୍ନ କଲେ ପରାଧୀନତା ଡୋରୀ ।

ଧନ୍ୟ ସେ ଅହିଂସା ମନ୍ତ୍ରର ବାଣ
ଭାଙ୍ଗିଦେଲା ଫିରିଙ୍ଗି ଙ୍କର ଟାଣ ।
ଭୟେ ଆମ ଦେଶୁ ଗଲେ ପଳେଇ
ଶାସନ ଡୋରୀ ଆମ ହାତେ ଦେଇ ।

ବୀର ସହିଦଙ୍କ ଗୌରବ ଗାଥା
ବଖାଣେ ତ୍ରିରଙ୍ଗା ଟେକିଣ ମଥା ।

ତାହାର ସମ୍ମାନ କରିବା ରକ୍ଷା
ଦେଶର ବିକାଶକୁ କରି ଦୀକ୍ଷା ।

+ପ୍ରତାପ ନଗରୀ, କଟକ
ମୋ:୮୨୪୯୯୩୨୭୯୨

# ଅଶୀତମ ସ୍ୱାଧୀନତା ଦିବସ: ଦେଶପ୍ରେମ ଓ ଦାୟିତ୍ୱର ସନ୍ଦେଶ



ସୁବ୍ରତ କୁମାର ଦାସ



ସ୍ୱାଧୀନତାର ଅଶୀ ବର୍ଷ କେବଳ ଭାରତ ଇତିହାସର ଏକ ମାଇଲଖୁଣ୍ଟ ନୁହେଁ; ଏହା ତ୍ୟାଗ, ସଂଘର୍ଷ, ଆଶା, ବିକାଶ ଓ ଦାୟିତ୍ୱର ଏକ ଦୀର୍ଘ ଯାତ୍ରା। ଅଗଷ୍ଟ ୧୫ ଆସିଲେ ସାରା ଦେଶରେ ତ୍ରିରଙ୍ଗା ଗର୍ବର ସହିତ ଫରଫର ହୋଇ ଉଡ଼େ।ପ୍ରତ୍ୟେକ ବିଦ୍ୟାଳୟ, ମହାବିଦ୍ୟାଳୟ, ସରକାରୀ କାର୍ଯ୍ୟାଳୟ ଓ ସାର୍ବଜନୀନ ସ୍ଥାନଗୁଡ଼ିକ ଦେଶପ୍ରେମର ଭାବନାରେ ଭରିଯାଏ। ଦେଶବାସୀ ଦେଶାତ୍ମବୋଧକ ସଙ୍ଗୀତ ଗାଇ ମହାନ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ସ୍ମରଣ କରନ୍ତି। କିନ୍ତୁ ଏହି ଉତ୍ସବ ପଛରେ ରହିଛି ସାହସ ଓ ବଳିଦାନର ଏକ ଦୀର୍ଘ ଇତିହାସ।

ଭାରତର ଏହି କଷ୍ଟଲବ୍ଧ ସ୍ୱାଧୀନତା ହାସଲ କରିବା ଏତେ ସହଜ ନଥିଲା। ଅସଂଖ୍ୟ ବୀର ନର-ନାରୀ ବ୍ରିଟିଶ ଶାସନ ବିରୋଧରେ ସଂଗ୍ରାମ କରି ଦେଶ ପାଇଁ ମହାନ ତ୍ୟାଗ କରିଥିଲେ। ଅନେକେ ନିଜ ଜୀବନ ହରାଇଥିଲେ, ଆଉ ଅନେକେ ବର୍ଷ ବର୍ଷ ଧରି କାରାଗାରରେ ରହି ନିର୍ଯାତନା ଓ ଦୁଃଖକଷ୍ଟ ସହିଥିଲେ। ଜାତିର ପିତା ମହାତ୍ମା ଗାନ୍ଧୀ ସତ୍ୟ ଓ ଅହିଂସା ମାଧ୍ୟମରେ ଲକ୍ଷ ଲକ୍ଷ ଭାରତୀୟଙ୍କୁ ପ୍ରେରଣା ଦେଇଥିଲେ। ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଅସାଧାରଣ ସାହସ ଓ ଦେଶପ୍ରେମ ର ପରିଚୟ ଦେଇଥିଲେ। ଭଗତ ସିଂହ ଯୁବଶକ୍ତି, ସାହସ ଓ ଦେଶପ୍ରେମର ପ୍ରତୀକ ପାଲଟିଥିଲେ। ଚନ୍ଦ୍ରଶେଖର ଆଜାଦ ନିର୍ଭୀକ ଭାବରେ ଦେଶର ସ୍ୱାଧୀନତା ପାଇଁ ଲଢ଼ିଥିଲେ। ଏହି ମହାନ ବ୍ୟକ୍ତିତ୍ୱମାନଙ୍କ ସହ ହଜାର ହଜାର ଜଣା-ଅଜଣା ସ୍ୱାଧୀନତା ସଂଗ୍ରାମୀ ଆନ୍ଦୋଳନ ରେ ନିଜର ଅବଦାନ ରଖିଥିଲେ। ଆଜି ଆମେ ଯେଉଁ ସ୍ୱାଧୀନତା ଉପଭୋଗ କରୁଛୁ, ତାହା ସେମାନଙ୍କର ବଳିଦାନର ଫଳ। ସେମାନେ ଏପରି ଏକ ଭାରତର ସ୍ୱପ୍ନ ଦେଖିଥିଲେ, ଯେଉଁଠି ଲୋକମାନେ ସମ୍ମାନ, ସ୍ୱାଧୀନତା ଓ ଆତ୍ମମର୍ଯ୍ୟାଦାର ସହିତ ବଞ୍ଚିପାରିବେ। ସେମାନଙ୍କ ସ୍ୱପ୍ନ ହିଁ ସ୍ୱାଧୀନତା ଆନ୍ଦୋଳନକୁ ଶକ୍ତି ଦେଇଥିଲା ଏବଂ ଶେଷରେ ୧୯୪୭ ମସିହା ଅଗଷ୍ଟ ୧୫ରେ ଭାରତ ସ୍ୱାଧୀନ ହୋଇଥିଲା।

ଭାରତର ସ୍ୱାଧୀନତା ସଂଗ୍ରାମ ଇତିହାସରେ ଓଡ଼ିଶାର ମଧ୍ୟ ଏକ ଗୌରବମୟ ସ୍ଥାନ ରହିଛି। ପାଇକ ବିଦ୍ରୋହ ଓଡ଼ିଶାବାସୀଙ୍କ ସାହସ ଓ ପ୍ରତିରୋଧର ଏକ ଉଜ୍ଜ୍ୱଳ ଉଦାହରଣ। ବକ୍ସି ଜଗବନ୍ଧୁ ଅଦମ୍ୟ ସାହସର ସହିତ ପାଇକମାନଙ୍କ ନେତୃତ୍ୱ ନେଇଥିଲେ। ବୀର ସୁରେନ୍ଦ୍ର ସାଏ ମଧ୍ୟ ବ୍ରିଟିଶ ଶାସନ ବିରୋଧରେ ବୀରତ୍ୱର ସହିତ ସଂଗ୍ରାମ କରିଥିଲେ। ରମାଦେବୀ, ଗୋପବନ୍ଧୁ ଚୌଧୁରୀଙ୍କ ସମେତ ଅନେକ ସଂଗ୍ରାମୀ ନିଜର ତ୍ୟାଗ ଓ ସେବା ମାଧ୍ୟମରେ ସ୍ୱାଧୀନତା ଆନ୍ଦୋଳନକୁ ଶକ୍ତିଶାଳୀ କରିଥିଲେ। ଏପରି ଅନେକ ସାଧାରଣ ଲୋକ ମଧ୍ୟ ଥିଲେ, ଯାହାଙ୍କ ନାମ ଇତିହାସ ପୁସ୍ତକରେ ବିଶେଷ ଭାବରେ ଲିପିବଦ୍ଧ ହୋଇନାହିଁ, କିନ୍ତୁ ସେମାନଙ୍କର ତ୍ୟାଗ ସ୍ୱାଧୀନତା ସଂଗ୍ରାମକୁ ମଜଭୁତ କରିଥିଲା। ସେମାନଙ୍କ ଅବଦାନ ଆମକୁ ମନେ ପକାଇ ଦିଏ ଯେ, ସ୍ୱାଧୀନତା ସଂଗ୍ରାମ କେବଳ କିଛି ବ୍ୟକ୍ତିଙ୍କ ପ୍ରୟାସ ନଥିଲା; ଏହା ଥିଲା ଭାରତବାସୀଙ୍କ ଏକ ସାମୂହିକ ସଂଘର୍ଷ। ସ୍ୱାଧୀନତା ପରେ ଗତ ଅଶି ବର୍ଷ ମଧ୍ୟରେ ଭାରତର ଯାତ୍ରା ଅତ୍ୟନ୍ତ ଉଲ୍ଲେଖନୀୟ। ଅନେକ ସମସ୍ୟାର ସମ୍ମୁଖୀନ ହୋଇଥିବା ଏକ ନବସ୍ୱାଧୀନ ଦେଶରୁ ଭାରତ ଆଜି ଏକ ଶକ୍ତିଶାଳୀ ଓ ବିକାଶଶୀଳ ଦେଶ ଭାବେ ଆଗକୁ ବଢ଼ିଛି। କୃଷି, ଶିକ୍ଷା, ବିଜ୍ଞାନ, ପ୍ରଯୁକ୍ତି, ସ୍ୱାସ୍ଥ୍ୟ, ଯୋଗାଯୋଗ ଓ ଭିତ୍ତିଭୂମି ଭଳି ଅନେକ କ୍ଷେତ୍ରରେ ଭାରତ ଉଲ୍ଲେଖନୀୟ ଅଗ୍ରଗତି କରିଛି। ଭାରତୀୟ ବୈଜ୍ଞାନିକ, ଡାକ୍ତର, ଇଞ୍ଜିନିୟର, କୃଷକ, ଶିକ୍ଷକ, ଶ୍ରମିକ, ଉଦ୍ୟୋଗୀ ଓ ଯୁବପିଢ଼ି ଦେଶର ପ୍ରଗତିରେ ନିଜର ଅବଦାନ ରଖିଛନ୍ତି।

ମହାକାଶ ବିଜ୍ଞାନ, ଡିଜିଟାଲ ପ୍ରଯୁକ୍ତି, ଚିକିତ୍ସା, ଶିଳ୍ପ ଓ ଅନ୍ୟାନ୍ୟ କ୍ଷେତ୍ରର ସଫଳତା ମାଧ୍ୟମରେ ଭାରତ ବିଶ୍ୱସ୍ତରରେ ନିଜର ପରିଚୟ ସୃଷ୍ଟି କରିଛି। ତଥାପି ବିକାଶ ଏକ ନିରନ୍ତର ପ୍ରକ୍ରିୟା। ସ୍ୱାଧୀନତାର ଅଶି ବର୍ଷ ପରେ ମଧ୍ୟ ଦାରିଦ୍ର୍ୟ, ବେକାରୀ, ଅସମାନତା, ଦୁର୍ନୀତି, ପରିବେଶ ସମସ୍ୟା ଓ ସାମାଜିକ ଭେଦଭାବ ଭଳି ଅନେକ ଆହ୍ୱାନ ଆମ ସମ୍ମୁଖରେ ରହିଛି। ତେଣୁ ଏହି ଉତ୍ସବ ଆମକୁ ନିଜର ସଫଳତା ସହିତ ନିଜର ଦାୟିତ୍ୱ ବିଷୟରେ ମଧ୍ୟ ଚିନ୍ତା କରିବାର ସୁଯୋଗ ଦେଉଛି।

ସ୍ୱାଧୀନତା ଆମକୁ ଅଧିକାର ଦିଏ, କିନ୍ତୁ ଏହା ସହିତ ଆମକୁ ଦାୟିତ୍ୱ ମଧ୍ୟ ଦିଏ। ଦେଶର ସାମ୍ବିଧାନିକ ମୂଲ୍ୟବୋଧକୁ ସୁରକ୍ଷିତ ରଖିବା ଓ ଗଣତନ୍ତ୍ରକୁ ସୁଦୃଢ଼ କରିବାରେ ପ୍ରତ୍ୟେକ ନାଗରିକଙ୍କ ଭୂମିକା ରହିଛି।

ସମ୍ବିଧାନକୁ ସମ୍ମାନ କରିବା, ଆଇନ ପାଳନ କରିବା, ସରକାରୀ ଓ ସାର୍ବଜନୀନ ସମ୍ପତ୍ତିର ସୁରକ୍ଷା କରିବା, ପରିବେଶକୁ ପରିଷ୍କାର ରଖିବା, ସଚ୍ଚୋଟ ଭାବରେ କର ପ୍ରଦାନ କରିବା ଏବଂ ଆବଶ୍ୟକତା ରେ ଥିବା ଲୋକଙ୍କୁ ସାହାଯ୍ୟ କରିବା ହେଉଛି ନାଗରିକଙ୍କ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ।

ଦେଶପ୍ରେମ କେବଳ ସ୍ଲୋଗାନ, ସୋସିଆଲ ମିଡିଆ ପୋଷ୍ଟ କିମ୍ବା ଗୋଟିଏ ଦିନର ଉତ୍ସବରେ ସୀମିତ ରହିବା ଉଚିତ ନୁହେଁ। ଆମର ପ୍ରତିଦିନର କାର୍ଯ୍ୟରେ ଦେଶପ୍ରେମର ପ୍ରତିଫଳନ ରହିବା ଆବଶ୍ୟକ। ଜଣେ ଶିକ୍ଷକ ନିଷ୍ଠାର ସହିତ ଶିକ୍ଷାଦାନ କରି ଦେଶସେବା କରନ୍ତି। ଜଣେ କୃଷକ ଅନ୍ନ ଉତ୍ପାଦନ କରି ଦେଶସେବା କରନ୍ତି। ଜଣେ ଡାକ୍ତର ଜୀବନ ବଞ୍ଚାଇ ଦେଶସେବା କରନ୍ତି। ଜଣେ ସୈନିକ ସୀମାରେ ଦେଶକୁ ସୁରକ୍ଷା ଦେଇ ଦେଶସେବା କରନ୍ତି। ଜଣେ ଶ୍ରମିକ ନିଜର କର୍ତ୍ତବ୍ୟକୁ ସଚ୍ଚୋଟ ଭାବରେ ସମ୍ପାଦନ କରି ଦେଶ ଗଠନରେ ଅବଦାନ ଦିଅନ୍ତି। ପ୍ରତ୍ୟେକ ସଚ୍ଚୋଟ ପ୍ରୟାସର ଦେଶର ପ୍ରଗତିରେ ମୂଲ୍ୟ ରହିଛି।

ଆସନ୍ତାକାଲିର ଭାରତ ଆଜି ଆମେ କରୁଥିବା କାର୍ଯ୍ୟ ଦ୍ୱାରା ଗଢ଼ିଉଠିବ। ତେଣୁ ଆମର ଭବିଷ୍ୟତ ଜ୍ଞାନ, ସଚ୍ଚୋଟତା, ସମାନତା, ଶୃଙ୍ଖଳା ଓ ଏକତା ଉପରେ ଗଢ଼ିବା ଆବଶ୍ୟକ।

ପ୍ରତ୍ୟେକ ଶିଶୁକୁ ଶିକ୍ଷା ଓ ବିକାଶର ସୁଯୋଗ ମିଳିବା ଦରକାର। ଯୁବପିଢ଼ି ପାଇଁ ଦକ୍ଷତା ବିକାଶ ଓ ରୋଜଗାରର ସୁଯୋଗ ସୃଷ୍ଟି କରିବା ଆବଶ୍ୟକ। ନାରୀଙ୍କୁ ସମ୍ମାନ ଓ ସୁରକ୍ଷା ଦେବା ସହିତ ଶିଶୁମାନଙ୍କୁ ଶୋଷଣ, ନିର୍ଯାତନା ଓ ଶିଶୁଶ୍ରମରୁ ମୁକ୍ତ ରଖିବା ଆମର ଦାୟିତ୍ୱ।

ପରିବେଶ ସୁରକ୍ଷା ମଧ୍ୟ ଆମର ଜାତୀୟ ଦାୟିତ୍ୱ। ଗଛ ଲଗାଇବା, ଜଳ ସଞ୍ଚୟ କରିବା, ପ୍ରଦୂଷଣ ହ୍ରାସ କରିବା ଓ ପରିବେଶକୁ ସ୍ୱଚ୍ଛ ରଖିବା କେବଳ ପରିବେଶ ସୁରକ୍ଷାର କାର୍ଯ୍ୟ ନୁହେଁ; ଏହା ଆଗାମୀ ପିଢ଼ି ପ୍ରତି ଆମର ଦାୟିତ୍ୱ।

ଯୁବପିଢ଼ି ହେଉଛନ୍ତି ଭାରତର ସବୁଠାରୁ ବଡ଼ ଶକ୍ତି। ସେମାନଙ୍କର ଶକ୍ତି, ସୃଜନଶୀଳତା, ଜ୍ଞାନ ଓ ଦକ୍ଷତା ଦେଶକୁ ନୂଆ ଉଚ୍ଚତାକୁ ନେଇପାରିବ। ଯୁବପିଢ଼ି ବଡ଼ ସ୍ୱପ୍ନ ଦେଖିବା ସହିତ ନିଜର ଦାୟିତ୍ୱକୁ ମଧ୍ୟ ବୁଝିବା ଆବଶ୍ୟକ। ଶିକ୍ଷା କେବଳ ରୋଜଗାର ଦେବାର ମାଧ୍ୟମ ନହୋଇ ଚରିତ୍ର, ଶୃଙ୍ଖଳା ଓ ସାମାଜିକ ଦାୟିତ୍ୱବୋଧ ଗଢ଼ିବାର ମାଧ୍ୟମ ହେବା ଉଚିତ। ଯୁବପିଢ଼ି ପ୍ରଯୁକ୍ତିର ସଠିକ୍ ବ୍ୟବହାର କରିବା ସହିତ ନିଶା, ହିଂସା ଓ ଅନ୍ୟାନ୍ୟ କୁପ୍ରବୃତ୍ତିଠାରୁ ଦୂରେଇ ରହିବା ଆବଶ୍ୟକ। ସେମାନେ ଅନ୍ୟମାନଙ୍କୁ ସମ୍ମାନ ଦେଇ ଶାନ୍ତିପୂର୍ଣ୍ଣ ଓ ପ୍ରଗତିଶୀଳ ସମାଜ ଗଠନରେ ଅବଦାନ ଦେବା ଉଚିତ।

ଯୁବପିଢ଼ି ଯଦି ଦାୟିତ୍ୱବାନ ଓ ଦୃଢ଼ ପ୍ରତିବଦ୍ଧ ହୁଅନ୍ତି, ତେବେ ଭାରତର ଭବିଷ୍ୟତ ନିଶ୍ଚିତ ଭାବେ ଉଜ୍ଜ୍ୱଳ ହେବ।

ଭାରତ ତାହାର ବିବିଧତା ପାଇଁ ପରିଚିତ। ଆମର ଭିନ୍ନ ଭିନ୍ନ ଭାଷା, ଧର୍ମ, ସଂସ୍କୃତି, ପରମ୍ପରା ଓ ଜୀବନଧାରା ରହିଛି। ତଥାପି ଆମକୁ ଗୋଟିଏ ପରିଚୟ ଏକାଠି କରି ରଖିଛି—ଆମେ ଭାରତୀୟ। ଆମ ଭିତରେ ଥିବା ଘୃଣା, ଭେଦଭାବ, ବିଭାଜନକୁ ଓ ଆମର ଏକତାକୁ ଦୁର୍ବଳ କରିବାକୁ ଦେବା ଉଚିତ ନୁହେଁ। ପ୍ରତ୍ୟେକ ସମ୍ପ୍ରଦାୟକୁ ସମ୍ମାନ ଦେବା ଏବଂ ଆମର ବିବିଧତାକୁ ଗର୍ବର ସହିତ ପାଳନ କରିବା ଆବଶ୍ୟକ।

"ବିବିଧତାରେ ଏକତା" ହେଉଛି ଆମ ଦେଶର ଅନ୍ୟତମ ମହାନ ଶକ୍ତି।

ତେଣୁ ସ୍ୱାଧୀନତାର ୭୯ ବର୍ଷ ପୂର୍ତ୍ତି ଅବସରରେ ଆମକୁ ସେହି ବୀରମାନଙ୍କ ବଳିଦାନକୁ ସ୍ମରଣ କରିବାକୁ ହେବ, ଯେଉଁମାନେ ଆମକୁ ସ୍ୱାଧୀନତାର ମହାନ ଉପହାର ଦେଇଛନ୍ତି। ସେମାନଙ୍କ ବଳିଦାନକୁ କେବଳ ଇତିହାସର ଏକ ଅଧ୍ୟାୟ ଭାବେ ରହିବାକୁ ଦେବା ଉଚିତ ନୁହେଁ।

ଆମକୁ ସେମାନଙ୍କ ସ୍ୱପ୍ନକୁ ଆଗେଇ ନେବାକୁ ହେବ। ଆମେ ଏପରି ଏକ ଭାରତ ଗଢ଼ିବାକୁ ହେବ, ଯେଉଁଠି ପ୍ରତ୍ୟେକ ନାଗରିକ ସମ୍ମାନର ସହିତ ବଞ୍ଚିପାରିବେ, ପ୍ରତ୍ୟେକ ଶିଶୁ ଶିକ୍ଷା ପାଇବ, ପ୍ରତ୍ୟେକ ନାରୀ ସୁରକ୍ଷିତ ଅନୁଭବ କରିବେ, ପ୍ରତ୍ୟେକ ଯୁବକ-ଯୁବତୀ ନିଜ ସ୍ୱପ୍ନ ପୂରଣ ପାଇଁ ସୁଯୋଗ ପାଇବେ ଏବଂ ପ୍ରତ୍ୟେକ ସମ୍ପ୍ରଦାୟ ଶାନ୍ତିରେ ଏକାଠି ବଞ୍ଚିବେ। ତ୍ରିରଙ୍ଗା ଆମକୁ ଆମର ଅତୀତର ସ୍ମୃତି ଦିଏ, ବର୍ତ୍ତମାନର ପ୍ରେରଣା ଦିଏ ଏବଂ ଭବିଷ୍ୟତ ପାଇଁ ଆଶା ସୃଷ୍ଟି କରେ। ସ୍ୱାଧୀନତାର ଅଶୀ ବର୍ଷ ଏକ ଗର୍ବର ମୁହୂର୍ତ୍ତ, କିନ୍ତୁ ଏହା ଏକ ଦାୟିତ୍ୱର ଆହ୍ୱାନ ମଧ୍ୟ। ସ୍ୱାଧୀନତା ସଂଗ୍ରାମୀମାନେ ଆମର ଭବିଷ୍ୟତ ପାଇଁ ନିଜର ବର୍ତ୍ତମାନକୁ ବଳିଦାନ ଦେଇଥିଲେ। ଏବେ ଆଗାମୀ ପିଢ଼ି ପାଇଁ ଏକ ଉତ୍ତମ ଭବିଷ୍ୟତ ଗଢ଼ିବା ଆମର କର୍ତ୍ତବ୍ୟ। ତେବେ ଆମେ ଅତୀତକୁ କୃତଜ୍ଞତାର ସହିତ ସ୍ମରଣ କରିବା, ବର୍ତ୍ତମାନକୁ ଦାୟିତ୍ୱର ସହିତ ବଞ୍ଚିବା ଏବଂ ଆତ୍ମବିଶ୍ୱାସର ସହିତ ଭବିଷ୍ୟତ ଆଡ଼କୁ ଅଗ୍ରସର ହେବା। ଅତୀତର ବଳିଦାନ ଆମକୁ ସ୍ୱାଧୀନତା ଦେଇଛି; ଆଜି ଆମର ପ୍ରତିବଦ୍ଧତା ଆସନ୍ତାକାଲିର ଭାରତକୁ ଗଢ଼ିବ।

ଏହି ସ୍ୱାଧୀନତା ଦିବସରେ ସଂକଳ୍ପ ନେବା, ଆମେ ସଚ୍ଚୋଟତାର ସହିତ କାମ କରିବା, ଶାନ୍ତିରେ ବଞ୍ଚିବା, ନିଜ ସହନାଗରିକଙ୍କୁ ସମ୍ମାନ ଦେବା ଏବଂ ଆମ ପ୍ରିୟ ଦେଶର ପ୍ରଗତିରେ ନିଜର ଅବଦାନ ଦେବା ପାଇଁ ଏକ ଦୃଢ଼ ଶପଥ ନେବା। । ଜୟ ହିନ୍ଦ୍ , ବନ୍ଦେ ମାତରଂ !

+ ରାଜେନ୍ଦ୍ରପୁର, ବାରିକପୁର
ବଜାର,ଭଦ୍ରକ
ମୋ:୯୪୩୭୭୩୧୯୦୩

# ସ୍ୱାଧୀନତାର ଦିନ : ଆଜି ଆମେ କେଉଁଠି ?

ନିବେଦିତା ପ୍ରିୟଦର୍ଶିନୀ ଶୁକ୍ଳା



୭୯ବର୍ଷ ତଳେ, ଦେଶବାସୀ ଯେଉଁ ଆନନ୍ଦ ଉଲ୍ଲାସରେ ସ୍ୱାଧୀନତା ଦିବସ ପାଳନ କରିଥିଲେ, ୮୦ତମ ସ୍ୱାଧୀନତା ଦିବସ ପାଳନ ଅବସରରେ, ସେ ଆନନ୍ଦ ଉଲ୍ଲାସ, ଆଜି ସମସ୍ତଙ୍କ ମୁହଁରେ ପ୍ରସ୍ଫୁଟିତ ହେଉ ନାହିଁ। କେତେକଙ୍କ ମତରେ, ଦେଶରେ ଆଉ ଏକ ସ୍ୱାଧୀନତା ସଂଗ୍ରାମ ଆସିବାରେ ସମୟ ଉପଲବ୍ଧି ହେଲାଣି। ଆଗାମୀ ସ୍ୱାଧୀନତା ସଂଗ୍ରାମ କୌଣସି ବୈଦେଶିକ ଶକ୍ତି ବିରୋଧରେ ନୁହେଁ ଦେଶ ଭିତରେ ଥିବା ଦୁର୍ନୀତି, ଦୁର୍ନୀତିଗ୍ରସ୍ତ ନେତା ଓ ବିଭାଜନକାରୀ ଶକ୍ତି ବିରୋଧରେ। ସେମାନଙ୍କ ବିରୋଧରେ ଯଦି ଆଗାମୀ ଦିନରେ ସଂଗ୍ରାମ ନ ହୁଏ, ସାଧାରଣ ଜନତା ଯଦି, ଏହି ଅପଶକ୍ତି କବଳରୁ ମୁକ୍ତ ନ ହୁଏ, ତେବେ ସେ କୌଣସି ଦିଗରୁ ସ୍ୱାଧୀନ ବୋଲି ଅନୁଭବ କରିପାରିବ ନାହିଁ।

ଆଜିକୁ ଠିକ୍ ୭୯ବର୍ଷ ତଳେ ବ୍ରିଟିଶ ସରକାରଙ୍କ ଦୀର୍ଘ ଦୁଇଶହ ବର୍ଷ ଶୋଷଣରୁ ଭାରତବର୍ଷ ସ୍ୱାଧୀନ ହୋଇଥିଲା। ବନ୍ଦେ ମାତାରମ୍ ଧ୍ୱନିରେ ମୁଖରିତ ହୋଇଥିଲା ଭାରତର ପୁରପଲ୍ଲୀ। ପ୍ରତ୍ୟେକଙ୍କ ହାତରେ ଶୋଭା ପାଉଥିଲା ତ୍ରିରଙ୍ଗା ପତାକା। ୧୮୫୭ ମସିହା ସିପାହୀ ବିଦ୍ରୋହରୁ ଆରମ୍ଭ ହୋଇଥିଲା ଭାରତର ସ୍ୱାଧୀନତା ସଂଗ୍ରାମ ପାଇଁ ପ୍ରସ୍ତୁତି। ଦେଶପ୍ରେମୀ ମଙ୍ଗଳପାଣ୍ଡେ, ତାନ୍ତିଆ ଟୋପେ, ନାନା ସାହେବ, ଲକ୍ଷ୍ମୀବାଈ ଆଦି ଏହି ସଂଗ୍ରାମରେ ଶହୀଦ ହୋଇଥିଲେ। କିନ୍ତୁ ଇଂରେଜମାନଙ୍କ କ୍ରୁର ଚକ୍ରାନ୍ତକୁ ପଣ୍ଡ କରିଦେବା ପାଇଁ ଜାତୀୟ ସଚେତନତାର ପ୍ରଥମ ପୁରୋଧା ରାମମୋହନ ରାୟଙ୍କ ବ୍ରହ୍ମ ସମାଜ ଗଠନ, ନାରୀ, ଶିକ୍ଷାର ପ୍ରସାର, ଜାତିଭେଦ ଦୂର ଏବଂ ଅନ୍ଧବିଶ୍ୱାସ ଲୋପର ସଂସ୍କାର ଆଣିଥିଲେ। ଭାରତର ସଂହତି ଏବଂ ଏକତାର ପ୍ରତିଷ୍ଠା ପାଇଁ ୧୮୭୬ରେ ସୁରେନ୍ଦ୍ରନାଥ ଚାଟାର୍ଜୀ ଇଣ୍ଡିଆନ ଆସୋସିଏସନ ନାମରେ ଏକ ରାଜନୈତିକ ସଂଗଠନ ପ୍ରତିଷ୍ଠା କରି ଭାରତୀୟମାନଙ୍କର ମୌଳିକ ଦାବି ସଂପର୍କରେ ବ୍ରିଟିଶ ପ୍ରଶାସକମାନଙ୍କ ସାମ୍ନାରେ ଉପସ୍ଥାପିତ କରିଥିଲା। ବ୍ରିଟିଶ ସରକାରଙ୍କ କଠୋର ଶାସନ ପ୍ରଣାଳୀରେ ଅତିଷ୍ଠ ହୋଇପଡ଼ିଥିବା ଭାରତୀୟ ମାନଙ୍କ ପ୍ରକୃତ ସଂଗ୍ରାମ ଆରମ୍ଭ ହୋଇଥିଲା ୧୯୩୦ରେ। ଜାତିର ପିତା ମହାତ୍ମା ଗାନ୍ଧିଙ୍କ ଆହୁତ ଲବଣ ସତ୍ୟାଗ୍ରହ ସଂଗ୍ରାମରେ ଭାରତବର୍ଷରୁ ହଜାର ସ୍ୱାଧୀନତା ସଂଗ୍ରାମୀ ଅଂଶ ଗ୍ରହଣ କରିଥିଲେ। ନିଜ ଦରିଆରୁ ନିଜେ ଲୁଣ ମାରିବାର ଅଧିକାର ସାବ୍ୟସ୍ତ କରି ସତ୍ୟାଗ୍ରହୀମାନେ କାରାବରଣ କରିଥିଲେ। ୧୯୩୯ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରବର୍ତ୍ତୀ ପର୍ଯ୍ୟାୟରେ ଅର୍ଥାତ୍ ୧୯୪୨ ମସିହାରେ ନେତାଜୀ ସୁଭାଷ ବୋଷଙ୍କ ନେତୃତ୍ୱରେ ଆଜାଦ୍ ହିନ୍ଦ୍ ଫୌଜ ଗଠନ କରାଯାଇ ଦିଲ୍ଲୀ ଚାଲୋ ଏବଂ ଜୟହିନ୍ଦ ଆହ୍ୱାନର ବିଗୁଲ ବଜାଇ ଥିଲେ। ୧୯୪୪ରେ ନାଗା ପର୍ବତମାଳାରେ ଜାତୀୟ ପତାକା ଉଡାଯାଇଥିଲା। ତତ୍ପରେ ଆଜାଦ୍ ହିନ୍ଦ୍ ଫୌଜ ଇଂରେଜ ସରକାରଙ୍କ ସେବାକୁ ପରାସ୍ତ କରି ଇମ୍ଫାଲ ସମତଳ ଅଞ୍ଚଳକୁ ଅଗ୍ରସର ହୋଇଥିଲେ। ଫଳରେ ବ୍ରିଟିଶ ସରକାରଙ୍କ ରଣନୀତି କ୍ରମଶଃ ଦୁର୍ବଳ ହେବାକୁ ଲାଗିଲା। ୧୯୪୬ ମସିହା ଫେବୃୟାରୀ ମାସରେ ଭାରତୀୟ ସେନାଙ୍କ ମଧ୍ୟରେ ଦେଖାଯାଇଥିଲା ବିଦ୍ରୋହ। ଭାରତୀୟମାନଙ୍କ ଉପରକୁ ଗୁଳିଚାଳନା କରିବାକୁ ଭାରତୀୟ ସେନାନୀ ନାମଞ୍ଜୁର କରିଦେଇଥିଲେ। ଶେଷରେ ଅଖଣ୍ଡ ଭାରତ ବର୍ଷର ବିଡ଼ମ୍ବନା ଏହି ଯେ ଇଂରେଜମାନଙ୍କ କୁଚକ୍ରାନ୍ତ ଏବଂ ଜିନ୍ନାଙ୍କ ଜିଦ୍ ଯୋଗୁଁ ଭାରତରୁ ପାକିସ୍ତାନ ଜନ୍ମ ନେଇ ଦୁଇ ଭାଗ ହୋଇ ୧୯୪୭ ଅଗଷ୍ଟ ୧୫ରେ ଭାରତ ସ୍ୱାଧୀନତା ହୋଇଥିଲା।

ପ୍ରତି ସ୍ୱାଧୀନ ରାଷ୍ଟ୍ରର ସାର୍ବଭୌମତ୍ୱର ବିଶେଷ ପରିଚୟ ବହନ କରେ ଏହାର ଜାତୀୟ ପତାକା, ଜାତୀୟ ସଂଗୀତ ଓ ଜାତୀୟ ସଙ୍କେତ। ଏହା ବିଭିନ୍ନ ଅନ୍ତର୍ଜାତୀୟ ସମାବେଶରେ ନିଜ ଦେଶର ପରିଚୟ ଓ ଅସ୍ତିତ୍ୱ ପ୍ରଦାନ କରିଥାଏ। ଏଥିରେ ନିହିତ ଥାଏ ଦେଶର ସଂସ୍କୃତି, ଇତିହାସ ଓ ଶାସନତନ୍ତ୍ରର ଗୌରବ ଗାଥା। କେବଳ ସେତିକି ନୁହେଁ ଜାତୀୟ ପତାକା, ଜାତୀୟ ସଙ୍ଗୀତ ଓ ଜାତୀୟ ସଙ୍କେତ ରାଷ୍ଟ୍ରର ଲୋକ ସଂସ୍କୃତି, ଇତିହାସ ଓ ମୂଲ୍ୟବୋଧ ବହନ କରୁଥିବାରୁ ଦେଶବାସୀଙ୍କୁ ଏକତା ସୂତ୍ରରେ ବାନ୍ଧିବା ସହ ଦେଶପ୍ରିତୀ ଓ ଜାତୀୟ ଗୌରବ ବୋଧକୁ ପ୍ରଜ୍ୱଳିତ କରିଥାଏ।

+ ଆଇନଜୀବୀ, ଓଡ଼ିଶା ହାଇକୋର୍ଟ,
ଚହଟା ନଗର, ଲେନ୍-୬, କଟକ-୧୪,
ମୋ: ୭୦୦୮୪୭୮୯୮୬

# ଆଇନ ଶିକ୍ଷାଳୟରେ ବାକ୍ ସ୍ୱାଧୀନତା: ବିସିଆଇର କ୍ଷମତା ଅପବ୍ୟବହାର ଉପରେ ପ୍ରଶ୍ନବାଚୀ

ଭାରତୀୟ ଆଇନ ବ୍ୟବସ୍ଥା ଏବଂ ଶିକ୍ଷା କ୍ଷେତ୍ରରେ ବାର୍ କାଉନ୍ସିଲ୍ ଅଫ୍ ଇଣ୍ଡିଆ (ବିସିଆଇ)ର ଭୂମିକା ସର୍ବଦା ଗୁରୁତ୍ୱପୂର୍ଣ୍ଣ ରହିଆସିଛି, କିନ୍ତୁ ସାମ୍ପ୍ରତିକ ଘଟଣାବଳୀ ଏହି ସଂସ୍ଥାର କ୍ଷମତା ଅପବ୍ୟବହାର ଏବଂ ସ୍ୱେଚ୍ଛାଚାରିତା ଉପରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି । ହାଇଦ୍ରାବାଦ ସ୍ଥିତ ନ୍ୟାସନାଲ୍ ଏକାଡେମୀ ଅଫ୍ ଲିଗାଲ୍ ଷ୍ଟଡିଜ୍ ଆଣ୍ଡ ରିସର୍ଚ୍ଚ (ନାଲସାର) ବିଶ୍ୱବିଦ୍ୟାଳୟର ୨୦୨୬ ବ୍ୟାଚ୍‌ର ଛାତ୍ରଛାତ୍ରୀମାନଙ୍କୁ ଆଇନଜୀବୀ ଭାବରେ ପଞ୍ଜୀକରଣ କରିବାରୁ ବଞ୍ଚିତ କରିବା ପାଇଁ ବିସିଆଇ ଯେଉଁ ନିର୍ଦ୍ଦେଶନାମା ଜାରି କରିଥିଲା, ତାହା ସମଗ୍ର ଦେଶରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି । ଯଦିଓ ସୁପ୍ରିମକୋର୍ଟଙ୍କ ହସ୍ତକ୍ଷେପ ଏବଂ ଚାରିଆଡୁ ସମାଲୋଚନା ପରେ ବିସିଆଇ ନିଜର ନିଷ୍ପତ୍ତି ପ୍ରତ୍ୟାହାର କରିବାକୁ ବାଧ୍ୟ ହେଲା, ତଥାପି ଏହି ଘଟଣା ବିଶ୍ୱବିଦ୍ୟାଳୟର ସ୍ୱାଧୀନତା, ଛାତ୍ରମାନଙ୍କର ବାକ୍ ସ୍ୱାଧୀନତା ଏବଂ ଏକ ନିୟାମକ ସଂସ୍ଥାର ଏକଚାଟିଆ ମନୋଭାବକୁ ନେଇ ଏକ ବୃହତ୍ ବିତର୍କର ସୂତ୍ରପାତ କରିଛି । ନାଲସାରର ୪୪୦ ଜଣ ପୁରାତନ ଛାତ୍ର (ଆଲୁମନି) ବିସିଆଇ ଅଧ୍ୟକ୍ଷ ମନନ କୁମାର ମିଶ୍ରଙ୍କୁ ଲେଖିଥିବା ଏକ ଖୋଲା ଚିଠିରେ ଏହି ନିର୍ଦ୍ଦେଶନାମାକୁ ତୀବ୍ର ନିନ୍ଦା କରିଛନ୍ତି, ଯାହାକି ଆଇନ ଜଗତରେ ଏକ ଅଭୂତପୂର୍ବ ଐକ୍ୟର ନିଦର୍ଶନ ଅଟେ । ଏହି ସମ୍ପାଦକୀୟରେ ଆମେ ଏହି ବିବାଦର ମୂଳ କାରଣ, ଆଇନଗତ ଦିଗ, ତଥ୍ୟଭିତ୍ତିକ ବିଶ୍ଳେଷଣ ଏବଂ ଭବିଷ୍ୟତ ଉପରେ ଏହାର ପ୍ରଭାବ ବିଷୟରେ ବିସ୍ତୃତ ଆଲୋଚନା କରିବା ।

ଏହି ବିବାଦର ମୂଳଦୁଆ ଏକ ଗଣତାନ୍ତ୍ରିକ ପ୍ରତିବାଦରୁ ଆରମ୍ଭ ହୋଇଥିଲା । ନାଲସାର୍ ବିଶ୍ୱବିଦ୍ୟାଳୟର ୧୪୦୦ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ପ୍ରାୟ ୪୫୦ ଜଣ ଛାତ୍ରଛାତ୍ରୀ ଭାରତର ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟ କାନ୍ତଙ୍କୁ ୨୦୨୬ ମସିହାର ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଆମନ୍ତ୍ରଣ କରିବା ନିଷ୍ପତ୍ତିକୁ ବିରୋଧ କରି ଏକ ଅଭିଯାନ ଆରମ୍ଭ କରିଥିଲେ। ଏହି ବିରୋଧର କାରଣ ଥିଲା ଅତୀତରେ ଏକ ମାମଲାର ଶୁଣାଣି ସମୟରେ ପ୍ରଧାନ ବିଚାରପତିଙ୍କ ଦ୍ୱାରା ଦିଆଯାଇଥିବା କିଛି ମନ୍ତବ୍ୟ । ଜୁଲାଇ ମାସରେ ସଂସଦ ଅଭିମୁଖେ ଶୋଭାଯାତ୍ରା କରୁଥିବା ଆନ୍ଦୋଳନକାରୀଙ୍କ ଉପରେ ପୋଲିସର କାର୍ଯ୍ୟାନୁଷ୍ଠାନ ସମ୍ପର୍କିତ ଏକ ମାମଲାରେ ସିଜେଆଇ କଥିତ ଭାବରେ କହିଥିଲେ ଯେ ପୋଲିସ କାର୍ଯ୍ୟାନୁଷ୍ଠାନର ଭିଡିଓ ଦେଖିବା ପାଇଁ ଅଦାଲତଙ୍କ ପାଖରେ ସମୟ ନାହିଁ ଏବଂ ସେମାନେ ନିଜର ସମୟ ନଷ୍ଟ କରିବାକୁ ଚାହାଁନ୍ତି ନାହିଁ । ଏହି ମନ୍ତବ୍ୟକୁ ନେଇ ଛାତ୍ରମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ ଏବଂ ସାମ୍ବିଧାନିକ ଅଧିକାର ତଥା ନ୍ୟାୟ ପ୍ରଦାନ ପ୍ରତି ବିଶ୍ୱବିଦ୍ୟାଳୟର ପ୍ରତିବଦ୍ଧତା ସହିତ ସିଜେଆଇଙ୍କ ଆମନ୍ତ୍ରଣ ମେଳ ଖାଉନାହିଁ ବୋଲି ଯୁକ୍ତି ବାଢିଥିଲେ । ଏହା ଏକ ସମ୍ପୂର୍ଣ୍ଣ ଶାନ୍ତିପୂର୍ଣ୍ଣ ପ୍ରତିବାଦ ଥିଲା ଏବଂ ବିଶ୍ୱବିଦ୍ୟାଳୟ ପରିସର ମଧ୍ୟରେ ଛାତ୍ରମାନଙ୍କର ନିଜସ୍ୱ ବିଚାରଧାରାର ପରିପ୍ରକାଶ ଥିଲା, ଯାହାକି ଗଣତନ୍ତ୍ରରେ ସର୍ବଦା ଗ୍ରହଣୀୟ ଅଟେ ।

କିନ୍ତୁ ଏହି ଆଭ୍ୟନ୍ତରୀଣ ବ୍ୟାପାରରେ ବାର୍ କାଉନ୍ସିଲ୍ ଅଫ୍ ଇଣ୍ଡିଆର ଅନାବଶ୍ୟକ ହସ୍ତକ୍ଷେପ ପରିସ୍ଥିତିକୁ ଜଟିଳ କରିଦେଇଥିଲା । ବିସିଆଇ ଏକ ନିର୍ଦ୍ଦେଶନାମା ଜାରି କରି ସମସ୍ତ ରାଜ୍ୟ ବାର୍ କାଉନ୍ସିଲ୍‌କୁ ନିର୍ଦ୍ଦେଶ ଦେଲା ଯେ ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ନାଲସାରର ୨୦୨୬ ବ୍ୟାଚ୍‌ର କୌଣସି ବି ଆଇନ ସ୍ନାତକଙ୍କୁ ଆଇନଜୀବୀ ଭାବରେ ପଞ୍ଜୀକରଣ କରାଯିବ ନାହିଁ । ଏହା ସହିତ, ବିସିଆଇ ନାଲସାରର କୁଳପତିଙ୍କୁ ଏକ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲା, ଯେଉଁଥିରେ ଏହି ଅଭିଯାନରେ ସମ୍ପୃକ୍ତ ଥିବା ଛାତ୍ରଛାତ୍ରୀ ଏବଂ ଶିକ୍ଷକମାନଙ୍କୁ ଚିହ୍ନଟ କରିବାକୁ କୁହାଯାଇଥିଲା । କିଛି ଛାତ୍ରଙ୍କ ଗଣତାନ୍ତ୍ରିକ ପ୍ରତିବାଦ ପାଇଁ ସମଗ୍ର ବ୍ୟାଚ୍ ?ର ଭବିଷ୍ୟତକୁ ଅନ୍ଧକାର ଆଡକୁ ଠେଲିଦେବା ଏକ ସାମୂହିକ ଦଣ୍ଡବିଧାନର ଉଦାହରଣ ଥିଲା । ୧୯୬୧ ମସିହାର ଆଡଭୋକେଟ୍ସ ଆକ୍ଟ ଅନୁଯାୟୀ ବିସିଆଇର ମୁଖ୍ୟ କାର୍ଯ୍ୟ ହେଉଛି ଆଇନ ପେଶାକୁ ନିୟନ୍ତ୍ରଣ କରିବା ଏବଂ ଆଇନ ଶିକ୍ଷାର ମାନ ନିର୍ଦ୍ଧାରଣ କରିବା । କୌଣସି ଶିକ୍ଷାନୁଷ୍ଠାନର ଆଭ୍ୟନ୍ତରୀଣ ପ୍ରସଙ୍ଗରେ ମୁଣ୍ଡ ଖେଳାଇବା କିମ୍ବା ଛାତ୍ରମାନଙ୍କର ଶାନ୍ତିପୂର୍ଣ୍ଣ ପ୍ରତିବାଦକୁ ଦବାଇବା ବିସିଆଇର ଅଧିକାରଭୁକ୍ତ ନୁହେଁ । ଏହା ସ୍ପଷ୍ଟ ଭାବରେ କ୍ଷମତାର ଅପବ୍ୟବହାର ଏବଂ ଏକଚାଟିଆ ମନୋଭାବର ପ୍ରମାଣ ଥିଲା ।

ବିସିଆଇର ଏହି ତ୍ରୁଟିପୂର୍ଣ୍ଣ ପଦକ୍ଷେପ ବିରୋଧରେ ନାଲସାରର ୪୪୦ ଜଣ ପୁରାତନ ଛାତ୍ର ଏକଜୁଟ ହୋଇ ଏକ ଖୋଲା ଚିଠି ମାଧ୍ୟମରେ କଡ଼ା ସମାଲୋଚନା କରିଥିଲେ । ଏହି ଚିଠିରେ ସେମାନେ ସ୍ପଷ୍ଟ ଭାବରେ ଉଲ୍ଲେଖ କରିଥିଲେ ଯେ ବିସିଆଇର ଏଭଳି କାର୍ଯ୍ୟାନୁଷ୍ଠାନ ଛାତ୍ରଛାତ୍ରୀମାନଙ୍କର ମାନସିକ ସ୍ୱାସ୍ଥ୍ୟ ପ୍ରତି ସମ୍ବେଦନହୀନତାକୁ ଦର୍ଶାଉଛି ଏବଂ ସେମାନଙ୍କର ମୌଳିକ ବାକ୍ ସ୍ୱାଧୀନତା ଅଧିକାରକୁ କ୍ଷୁଣ୍ଣ କରୁଛି । ପୁରାତନ ଛାତ୍ରମାନେ ଦର୍ଶାଇଥିଲେ ଯେ କ୍ୟାମ୍ପସରେ ବାକ୍ ସ୍ୱାଧୀନତା ସମ୍ପର୍କିତ ମାମଲା ବିଶ୍ୱବିଦ୍ୟାଳୟର ଆଭ୍ୟନ୍ତରୀଣ ବ୍ୟାପାର ଏବଂ ଏହା ବିସିଆଇର ନିୟନ୍ତ୍ରଣ ବାହାରେ । ବିସିଆଇ ନିଜର ପ୍ରଥମ ଚିଠିରେ ଧମକପୂର୍ଣ୍ଣ ଶବ୍ଦ ପ୍ରୟୋଗ କରି ସେମାନଙ୍କୁ ବଦନାମ କରିବାକୁ ଚେଷ୍ଟା କରିଥିଲା, ଯାହା ଏକ ବୈଧାନିକ ସଂସ୍ଥା ପାଇଁ ଶୋଭନୀୟ ନୁହେଁ । କେବଳ ପୁରାତନ ଛାତ୍ର ନୁହଁନ୍ତି, ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ମଧ୍ୟ ବିସିଆଇର ଏହି ସାମୂହିକ ଦଣ୍ଡବିଧାନ ପଦକ୍ଷେପକୁ ନିନ୍ଦା କରିଥିଲା । ଏବିଭିପି ମତରେ, ବ୍ୟକ୍ତିଗତ ଦାୟିତ୍ୱ ନିର୍ଦ୍ଧାରଣ ନକରି ସମଗ୍ର ବ୍ୟାଚ୍ ଉପରେ କଟକଣା ଲଗାଇବା ନ୍ୟାୟସଙ୍ଗତ ନୁହେଁ ଏବଂ ଏହା ପ୍ରାକୃତିକ ନ୍ୟାୟର ନୀତି ବିରୁଦ୍ଧ ଅଟେ ।

ଏହି ବିବାଦର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ମୋଡ଼ ସେତେବେଳେ ଆସିଲା ଯେତେବେଳେ ସ୍ୱୟଂ ସୁପ୍ରିମକୋର୍ଟ ଏହି ମାମଲାରେ ହସ୍ତକ୍ଷେପ କଲେ । ଯେଉଁ ପ୍ରଧାନ ବିଚାରପତିଙ୍କ ସମ୍ମାନ ରକ୍ଷା କରିବା ଆଳରେ ବିସିଆଇ ଏହି କଠୋର ପଦକ୍ଷେପ ନେଇଥିଲା, ସେହି ସିଜେଆଇ ସୂର୍ଯ୍ୟ କାନ୍ତ ନିଜେ ବିସିଆଇକୁ ଭର୍ତ୍ସନା କରିଥିଲେ । ଶୁଣାଣି ସମୟରେ ସିଜେଆଇ ସ୍ପଷ୍ଟ ଭାବରେ କହିଥିଲେ ଯେ ଛାତ୍ରମାନଙ୍କର ଶାନ୍ତିପୂର୍ଣ୍ଣ ପ୍ରତିବାଦ କରିବାର ଅଧିକାର ରହିଛି ଏବଂ ଏହା ତାଙ୍କ ଓ ଛାତ୍ରମାନଙ୍କ ମଧ୍ୟରେ ଥିବା ଏକ ସଂଳାପ । ସେ ପ୍ରଶ୍ନ କରିଥିଲେ ଯେ ଏହି ମାମଲାରେ ମୁଣ୍ଡ ଖେଳାଇବାକୁ ବିସିଆଇ କିଏ ଏବଂ ଏଭଳି କାର୍ଯ୍ୟାନୁଷ୍ଠାନ ସମ୍ପୂର୍ଣ୍ଣ ଅନାବଶ୍ୟକ ଥିଲା । ପ୍ରଧାନ ବିଚାରପତି ଏହା ମଧ୍ୟ ଉଲ୍ଲେଖ କରିଥିଲେ ଯେ ସେ ନିଜେ ଛାତ୍ର ଜୀବନରେ ଛାତ୍ର ଆନ୍ଦୋଳନରେ ସକ୍ରିୟ ଥିଲେ, ତେଣୁ ଛାତ୍ରମାନଙ୍କର ଭବିଷ୍ୟତ ସହିତ ଖେଳିବାର କୌଣସି ଅଧିକାର ବିସିଆଇର ନାହିଁ । ସର୍ବୋଚ୍ଚ ନ୍ୟାୟାଳୟର ବିଚାରପତି ଜଷ୍ଟିସ୍ ଜୟମାଲ୍ୟ ବାଗ୍‌ଚୀ ଏବଂ ଜଷ୍ଟିସ୍ ଭି. ମୋହନାଙ୍କୁ ନେଇ ଗଠିତ ଖଣ୍ଡପୀଠଙ୍କ ଏହି କଡ଼ା ଆଭିମୁଖ୍ୟ ଏବଂ ଚାରିଆଡୁ ହେଉଥିବା ସମାଲୋଚନାକୁ ଦୃଷ୍ଟିରେ ରଖି ବିସିଆଇ ନିଜର ନିର୍ଦ୍ଦେଶନାମା ପ୍ରତ୍ୟାହାର କରିନେବାକୁ ବାଧ୍ୟ ହୋଇଥିଲା । ଏହା ସହିତ କୌଣସି ଛାତ୍ର କିମ୍ବା ଶିକ୍ଷକଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ ବୋଲି ସୁପ୍ରିମକୋର୍ଟ ସ୍ପଷ୍ଟ କରିଦେଇଥିଲେ ।

ବିସିଆଇର ଏହି ବିବାଦୀୟ ପଦକ୍ଷେପକୁ କେବଳ ଗୋଟିଏ ଘଟଣା ଭାବରେ ଦେଖିବା ଠିକ୍ ହେବ ନାହିଁ, ବରଂ ଏହା ସଂସ୍ଥାର କ୍ରମାଗତ ତ୍ରୁଟିପୂର୍ଣ୍ଣ ନୀତିର ଏକ ଅଂଶବିଶେଷ । ତଥ୍ୟ ଆଧାରରେ ବିଶ୍ଳେଷଣ କଲେ ଜଣାପଡେ ଯେ ସାମ୍ପ୍ରତିକ ସମୟରେ ବିସିଆଇ ନୂତନ ଆଇନଜୀବୀମାନଙ୍କ ପାଇଁ ଅନେକ ସମସ୍ୟା ସୃଷ୍ଟି କରୁଛି । ଉଦାହରଣସ୍ୱରୂପ, ୨୦୨୬ ମସିହା ଜୁଲାଇ ମାସରେ ବିସିଆଇ ଦ୍ୱାରା ପ୍ରସ୍ତାବିତ ଡ୍ରାଫ୍ଟ ଆଡଭୋକେଟ୍ସ (ଆମେଣ୍ଡମେଣ୍ଟ) ବିଲ୍‌ରେ ପଞ୍ଜୀକରଣ ଫି (ଏନରୋଲମେଣ୍ଟ ଫି) କୁ ବୃଦ୍ଧି କରି ସିଧାସଳଖ ୨୨,୫୦୦ ଟଙ୍କା କରିବାକୁ ପ୍ରସ୍ତାବ ଦିଆଯାଇଛି । ଏହି ପ୍ରସ୍ତାବ ସୁପ୍ରିମକୋର୍ଟଙ୍କ ପୂର୍ବ ନିର୍ଦ୍ଦେଶର ସମ୍ପୂର୍ଣ୍ଣ ଉଲ୍ଲଂଘନ ଅଟେ । ୨୦୨୪ ମସିହା ଜୁଲାଇ ମାସରେ ଗୌରବ କୁମାର ବନାମ ୟୁନିଅନ୍ ଅଫ୍ ଇଣ୍ଡିଆ ମାମଲାରେ ତତ୍କାଳୀନ ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ନେତୃତ୍ୱରେ ଏକ ଖଣ୍ଡପୀଠ ସ୍ପଷ୍ଟ ଭାବରେ ରାୟ ଦେଇଥିଲେ ଯେ ଆଡଭୋକେଟ୍ସ ଆକ୍ଟର ଧାରା ୨୪(୧)(ଏଫ୍) ରେ ନିର୍ଦ୍ଧାରିତ ୭୫୦ ଟଙ୍କା ଫି ବ୍ୟତୀତ ରାଜ୍ୟ ବାର୍ କାଉନ୍ସିଲ୍‌ଗୁଡ଼ିକ ଅଧିକ ଅର୍ଥ ଆଦାୟ କରିପାରିବେ ନାହିଁ । ସର୍ବୋଚ୍ଚ ନ୍ୟାୟାଳୟ ଚେତାବନୀ ଦେଇଥିଲେ ଯେ ଅତ୍ୟଧିକ ଫି ଆଦାୟ କରିବା ସମ୍ବିଧାନର ଧାରା ୧୪ ଏବଂ ୧୯(୧)(ଜି) ର ଉଲ୍ଲଂଘନ ଅଟେ । ତଥାପି ବିସିଆଇ ଏଭଳି ଅହେତୁକ ଫି ବୃଦ୍ଧି କରିବାକୁ ପ୍ରୟାସ କରିବା ଏବଂ ଶାନ୍ତିପୂର୍ଣ୍ଣ ପ୍ରତିବାଦ କରୁଥିବା ଛାତ୍ରମାନଙ୍କର କ୍ୟାରିୟର ନଷ୍ଟ କରିବାକୁ ଧମକ ଦେବା ପ୍ରମାଣିତ କରୁଛି ଯେ ଏହି ସଂସ୍ଥା ଯୁବ ଆଇନଜୀବୀମାନଙ୍କର କଲ୍ୟାଣ ପରିବର୍ତ୍ତେ ସେମାନଙ୍କ ଉପରେ ଆର୍ଥିକ ଏବଂ ମାନସିକ ଚାପ ପକାଇବାକୁ ଅଧିକ ଆଗ୍ରହୀ । ଗୋଟିଏ ପଟେ ଆଇନ ପେଶାକୁ ସାଧାରଣ ଲୋକଙ୍କ ପାଇଁ ସୁଲଭ କରିବାର ଆବଶ୍ୟକତା ଥିବାବେଳେ, ଅନ୍ୟ ପଟେ ଏଭଳି ଆର୍ଥିକ ବୋଝ ଏବଂ କ୍ଷମତାର ଅପବ୍ୟବହାର ଯୁବପିଢ଼ିଙ୍କୁ ଏହି ପେଶାରୁ ଦୂରେଇ ଦେବାର ଆଶଙ୍କା ସୃଷ୍ଟି କରୁଛି ।

ଆଇନ ଶିକ୍ଷା ଗ୍ରହଣ କରୁଥିବା ଜଣେ ଛାତ୍ର ନିଜର ଭବିଷ୍ୟତ ଗଢିବା ପାଇଁ ବର୍ଷ ବର୍ଷ ଧରି କଠିନ ପରିଶ୍ରମ କରିଥାଏ । ବିସିଆଇ ଭଳି ଏକ ସର୍ବୋଚ୍ଚ ନିୟାମକ ସଂସ୍ଥା ଯେତେବେଳେ ବିନା କୌଣସି ଦୃଢ଼ ପ୍ରମାଣରେ ସମ୍ପୂର୍ଣ୍ଣ ବ୍ୟାଚ୍‌ର ପଞ୍ଜୀକରଣ ଉପରେ ରୋକ୍ ଲଗାଇଦିଏ, ତାହା ଛାତ୍ରମାନଙ୍କ ମାନସିକ ସ୍ତରରେ ଗଭୀର ଆଘାତ ସୃଷ୍ଟି କରେ । ଏହା କେବଳ ଏକ ନିର୍ଦ୍ଦେଶନାମା ନଥିଲା, ବରଂ ଏହା ଥିଲା ଆଇନ ଶିକ୍ଷାର୍ଥୀମାନଙ୍କୁ ଭୟଭୀତ କରିବାର ଏକ ସୁଚିନ୍ତିତ ପ୍ରୟାସ । ନାଲସାର୍ ଆଲୁମନିମାନେ ନିଜ ଚିଠିରେ ଯେଉଁ କଥା ଉଲ୍ଲେଖ କରିଛନ୍ତି ତାହା ଅତ୍ୟନ୍ତ ପ୍ରାସଙ୍ଗିକ ଅଟେ ଯେ ଆଇନ ବିଦ୍ୟାଳୟଗୁଡ଼ିକ ହେଉଛି ନୂତନ ଚିନ୍ତାଧାରାର ପରୀକ୍ଷାଗାର । ଯଦି ସେଠାରେ ବିଦ୍ୟାର୍ଥୀମାନେ ନିଜର ମତ ରଖିବାକୁ ଭୟ କରିବେ, ତେବେ ସେମାନେ ଭବିଷ୍ୟତରେ କିପରି ସାଧାରଣ ନାଗରିକଙ୍କ ଅଧିକାର ପାଇଁ ନ୍ୟାୟାଳୟରେ ଲଢେଇ କରିବେ । ବାର୍ କାଉନ୍ସିଲ୍‌ର ଏହି ପଦକ୍ଷେପ କେବଳ ନାଲସାର୍ ନୁହେଁ, ବରଂ ଦେଶର ସମସ୍ତ ଆଇନ ବିଦ୍ୟାଳୟ ପାଇଁ ଏକ ନକାରାତ୍ମକ ବାର୍ତ୍ତା ପ୍ରେରଣ କରିଥିଲା ଯେ ପ୍ରତିଷ୍ଠାତା ବା କ୍ଷମତାଶାଳୀ ବ୍ୟକ୍ତିଙ୍କ ବିରୋଧରେ ସ୍ୱର ଉତ୍ତୋଳନ କଲେ ବୃତ୍ତିଗତ ଜୀବନ ବିପନ୍ନ ହୋଇପାରେ । ସୌଭାଗ୍ୟବଶତଃ, ସୁପ୍ରିମକୋର୍ଟଙ୍କ ତୁରନ୍ତ ହସ୍ତକ୍ଷେପ ଏହି ଭୟାବହ ପରିସ୍ଥିତିକୁ ଏଡାଇ ଦେଇପାରିଲା ।

ପରିଶେଷରେ ଏହା କୁହାଯାଇପାରେ ଯେ ନାଲସାର୍ ବିବାଦ ଭାରତୀୟ ଆଇନ ବ୍ୟବସ୍ଥା ପାଇଁ ଏକ ଶିକ୍ଷଣୀୟ ଘଟଣା । ଏହା ସ୍ପଷ୍ଟ କରିଦେଇଛି ଯେ ବାର୍ କାଉନ୍ସିଲ୍ ଅଫ୍ ଇଣ୍ଡିଆ ଭଳି ବୈଧାନିକ ସଂସ୍ଥାଗୁଡ଼ିକ ନିଜର କ୍ଷମତାର ପରିସର ମଧ୍ୟରେ ରହି କାର୍ଯ୍ୟ କରିବା ଉଚିତ୍ । ବିଶ୍ୱବିଦ୍ୟାଳୟଗୁଡ଼ିକ ହେଉଛି ମୁକ୍ତ ଚିନ୍ତନ, ବିତର୍କ ଏବଂ ଗଣତାନ୍ତ୍ରିକ ପ୍ରତିବାଦର କେନ୍ଦ୍ରସ୍ଥଳ । ବାହ୍ୟ ନିୟାମକ ସଂସ୍ଥାଗୁଡ଼ିକର ଭୟ ପ୍ରଦର୍ଶନ ଦ୍ୱାରା ଏହି ସ୍ୱାଧୀନତାକୁ ଦବାଇ ଦିଆଯାଇପାରିବ ନାହିଁ । ନାଲସାରର ପୁରାତନ ଛାତ୍ରମାନଙ୍କର ଏକଜୁଟତା, ବର୍ତ୍ତମାନର ଛାତ୍ରମାନଙ୍କର ନିର୍ଭୀକତା ଏବଂ ସୁପ୍ରିମକୋର୍ଟଙ୍କ ଉଚିତ୍ ସମୟରେ ହସ୍ତକ୍ଷେପ ପ୍ରମାଣିତ କଲା ଯେ ଅନ୍ୟାୟ ଏବଂ ସ୍ୱେଚ୍ଛାଚାରିତା ବିରୋଧରେ ସ୍ୱର ଉତ୍ତୋଳନ କରିବା ହିଁ ପ୍ରକୃତ ଆଇନଗତ ଶିକ୍ଷା । ବିସିଆଇ ନିଜର ଶକ୍ତିକୁ ଛାତ୍ରମାନଙ୍କୁ ହଇରାଣ କରିବାରେ ବ୍ୟବହାର ନକରି ଆଇନ ଶିକ୍ଷାର ଗୁଣବତ୍ତା ବୃଦ୍ଧି କରିବା, ଆଇନଜୀବୀମାନଙ୍କର କଲ୍ୟାଣ ପାଇଁ ଯୋଜନା ପ୍ରସ୍ତୁତ କରିବା ଏବଂ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଆଦେଶକୁ ସମ୍ମାନ ଜଣାଇ ସୁଲଭ ମୂଲ୍ୟରେ ପଞ୍ଜୀକରଣ ବ୍ୟବସ୍ଥା ଲାଗୁ କରିବା ଦିଗରେ ଧ୍ୟାନ ଦେବା ଆବଶ୍ୟକ । ଏକ ସୁଦୃଢ଼ ନ୍ୟାୟ ବ୍ୟବସ୍ଥା ପାଇଁ ନିର୍ଭୀକ ଆଇନଜୀବୀଙ୍କର ଆବଶ୍ୟକତା ରହିଛି, ଆଉ ସେହି ନିର୍ଭୀକତା ଆଇନ ବିଦ୍ୟାଳୟରୁ ହିଁ ସୃଷ୍ଟି ହୋଇଥାଏ, ଯାହାକୁ କୌଣସି କ୍ଷମତାଶାଳୀ ସଂସ୍ଥା ନଷ୍ଟ କରିପାରିବ ନାହିଁ ।

# କଟକରେ ଇଂରେଜ ରାଜତ୍ୱ



## ସୌର ଚନ୍ଦ୍ର ମହାପାତ୍ର

ଆଜି ହଜାର ବର୍ଷର ସହର କଟକ ସମଗ୍ର ଭାରତବାସୀ ଓ ଓଡ଼ିଶାବାସୀଙ୍କ ସହିତ ଅଶିତମ ସ୍ୱାଧୀନତା ଦିବସ ପାଳନ କରୁଛି ଏହା କମ ବଡ଼ ଗୌରବର କଥା ନୁହେଁ। ଏଠାରେ ସୂଚନାଥାଉକି ୧୫୯୨ରୁ ୧୭୫୧ ପର୍ଯ୍ୟନ୍ତ ଅର୍ଥାତ ୧୬୦ ବର୍ଷ ସମୟଧରି ସେ ସମୟର ମୋଗଲ ମାନଙ୍କ ରାଜୁତି ବେଳେ ରାଜଧାନୀ ରହିଥିଲା 'କଟକ'। ସେ ସମୟରେ ଗମନାଗମନର ପଥ ବିଶେଷ ଉନ୍ନତି ହୋଇନଥିଲା। ପରବର୍ତ୍ତୀ ସମୟରେ ମରହଟ୍ଟାମାନେ ଆସିବା ପରେ ଅର୍ଥାତ୍ ୧୭୮୬ ବେଳକୁ ସୁବର୍ଣ୍ଣରେଖା ମୁହାଣରେ ଥିବା ପିପିଲି ବନ୍ଦର ଏକ ପ୍ରକାର ଟପ ହୋଇଯାଇଥିଲା। ସେମାନଙ୍କ ପାଇଁ କଟକ ଏକ ପ୍ରଦେଶ ଭାବରେ ନାମିତ ହୋଇଥିଲା। ବିଖ୍ୟାତ ପୁସ୍ତକ 'ଆଇନ-ଇ-ଆକବରୀ'ର ତଥ୍ୟ ଅନୁଯାୟୀ ସେ ସମୟର ମୋଗଲମାନେ ଜମିଜମା ବନ୍ଦୋବସ୍ତ ସୂଚାରୁରୂପେ ତୁଲାଇ ପାରୁନଥିଲେ। ଏହାର ପରବର୍ତ୍ତୀ ସମୟର କଥା। ସର୍ବପ୍ରଥମେ ଇଂରେଜମାନେ ସେ ସମୟର ମାନ୍ଦ୍ରାଜ ଆଡୁ ସର୍ବପ୍ରଥମେ ଓଡ଼ିଶାର ଦକ୍ଷିଣ ଭାଗ ଆକ୍ରମଣ କରି ୧୮୦୩ ସେପ୍ଟେମ୍ବର ୮ ତାରିଖରେ ଗଞ୍ଜାମରେ ପହଞ୍ଚି ନିଜ ଅଧିକାର ଦାବି କରିଥିଲେ। ତେବେ ସଂଯୋଗବଶତଃ ବ୍ରିଟିଶ ଫୌଜ ମରହଟ୍ଟା ମାନଙ୍କ ବିରୁଦ୍ଧରେ ୧୮୦୩ ଅଗଷ୍ଟ ୩ ତାରିଖରୁ ଯୁଦ୍ଧ ଘୋଷଣା କରି ଚିଲିକା ସନ୍ନିକଟ ମାଣିକ ପାଟଣାରେ ପହଞ୍ଚି ଥିଲେ। କର୍ଣ୍ଣେଲ ହାର୍ଡକୋଟଙ୍କ ନେତୃତ୍ୱରେ ଅକ୍ଟୋବର ୮ ତାରିଖରେ ଏକ କମ୍ପାନୀ ବିଶିଷ୍ଟ ଫୌଜ କାଠଯୋଡ଼ି ଅତିକ୍ରମ କରି ବାରବାଟୀ ଦୁର୍ଗକୁ ନିଜ ଅକ୍ତିଆରକୁ ନେଇଥିଲେ। ପରେ ବଙ୍ଗଳାରୁ ସିପାହୀମାନଙ୍କ ସହିତ କର୍ଣ୍ଣେଲ ଫର୍ଚ୍ୟୁସନଙ୍କ ନେତୃତ୍ୱରେ ତୃତୀୟ ବ୍ରିଟିଶ ବାହିନୀ ମେଦିନୀପୁରରୁ କଟକରେ ପହଞ୍ଚିଥିଲେ। କହିବାକୁଗଲେ ପ୍ରବଳ ପରାକ୍ରମ ସହିତ ଇଂରେଜମାନଙ୍କ ସୈନ୍ୟ ଦଳ ଓଡ଼ିଶା ଓ ସେ ସମୟର ରାଜଧାନୀ କଟକକୁ ନିଜ ଅକ୍ତିଆରକୁ ନେଇଥିଲେ।

୧୮୦୩ରେ ଇଂରେଜମାନେ କଟକରେ ପହଞ୍ଚିଲାବେଳକୁ ମରାଠୀ ମାନଙ୍କ ବିଭିନ୍ନ ଠକାମୀ ଓ ଉତ୍ପୀଡ଼ନକୁ ସମସ୍ତେ ସାମ୍ନା କରୁଥିଲେ। ୧୮୦୪ ସେପ୍ଟେମ୍ବର ୧୫ ତାରିଖରେ ବ୍ରିଟିଶମାନେ ଏକ ଭୂବନ୍ଦୋବସ୍ତର ବ୍ୟବସ୍ଥା କଲେ। ଖଜଣା ଆଦାୟକୁ ସହାୟକ ହେବା ପାଇଁ ୧୮୦୪ରୁ ୧୮୩୭ ଭିତରେ ପାଖାପାଖି ୧୧ଥର ବିଭିନ୍ନ ପରିବର୍ତ୍ତନ ହୋଇ ଶେଷରେ ନୂଆ ବନ୍ଦୋବସ୍ତ ପ୍ରକାଶ ପାଇଥିଲା। ଏକ କୌତୁହଳ କଥା ସମ୍ପର୍କରେ ଆମେ ଉଲ୍ଲେଖ କରୁଛୁ। ୧୮୦୬ ବେଳକୁ ଓଡ଼ିଶାର ଜମିଦାରୀ ସବୁ ଫୋର୍ଟ ଉଇଲିୟମରେ ଏକ ପ୍ରକାର ନିଲାମ ହୋଇ ବିକ୍ରି ହୋଇଯାଉଥିଲା। ଏହି ସମୟରେ ବ୍ରିଟିଶ ବିରୁଦ୍ଧରେ ଯୁଦ୍ଧ କଲେ ମରଠା ସରକାର ବର୍ଷକର ଖଜଣା ଛାଡ଼ କରିବେ ବୋଲି ଘୋଷଣା କରିଥିଲେ। ତେବେ ସେହି ସମୟରେ ବକ୍ସି ଜଗବନ୍ଧୁ ବ୍ରିଟିଶ ସରକାରଙ୍କ ବିରୁଦ୍ଧରେ ଅସ୍ତ୍ର ଉତ୍ତୋଳନ କରିଥିଲେ। ଏହି ସମୟରେ କଟକର ଦାୟିତ୍ୱରେ ଥିବା ସେ ସମୟର ମାଜିଷ୍ଟ୍ରେଟ ଓ ଜର୍ଜ ଇମ୍ପେ ଏହି ଆନ୍ଦୋଳନକୁ ପ୍ରତିହତ କରିବା ପାଇଁ ଲେଫ୍ଟନାଣ୍ଟ ଫ୍ରିଡ଼ାଙ୍କ ସେନାପତିତ୍ୱରେ ଖୋର୍ଦ୍ଧାକୁ ସେନା ପଠାଇଥିଲେ। ମେଜର ଜେନେରାଲ ଜି.ମାର୍ଟିଣ୍ଡେଲ କଟକର ସାମରିକ କମିଶନ ଭାବେ ଦାୟିତ୍ୱ ଆରମ୍ଭ କଲେ। ଅନେକ ହୁଏତ ଜାଣି ନଥିଲେ ବକ୍ସି ଜଗବନ୍ଧୁ ୧୮୨୯ଜାନୁଆରୀ ୨୪ରେ କଟକର ବକ୍ସି ବଜାରରେ ତାଙ୍କ ପରଲୋକ ହୋଇଥିଲା। ତାଙ୍କରି ସ୍ମୃତିରେ ଏବେ ବି 'ବକ୍ସି ପୋଖରୀ' ରହିଛି।

ଓଡ଼ିଶାରେ ଯେଉଁ ଭୟାବହ ଦୁର୍ଭିକ୍ଷ ପଡ଼ିଥିଲା ତାହା ଥିଲା ବ୍ରିଟିଶ ଶାସନ ସମୟରେ। ୧୮୦୬, ୧୮୦୮, ୧୮୦୯, ୧୮୧୭, ୧୮୨୮, ୧୮୩୬, ୧୮୩୭ ଓ ୧୮୪୨ରେ ଦୁର୍ଭିକ୍ଷ ପଡ଼ିଥିଲା। ତେବେ ୧୮୬୫-୬୬ରେ ରାଜା ଦିବ୍ୟସିଂହ ଦେବଙ୍କ ଶାସନ ସମୟରେ ଯେଉଁ ନଅଙ୍କ ଦୁର୍ଭିକ୍ଷ ପଡ଼ିଥିଲା ତାହା ରାଜ୍ୟର ମେରୁଦଣ୍ଡ ଭାଙ୍ଗି ଦେଇଥିଲା। ତେବେ ଏହି ଦୁର୍ଭିକ୍ଷ ସମୟରେ ଖ୍ରୀଷ୍ଟିୟ ମିଶନାରୀମାନେ ବିଭିନ୍ନ ଖାଦ୍ୟ ବଣ୍ଟନ ବ୍ୟବସ୍ଥା କରିବା ସହ ସାହାଯ୍ୟ ସହଯୋଗ କରିଥିଲେ। ଐତିହାସିକ ତଥ୍ୟ ଅନୁଯାୟୀ କଟକରେ ୧୮୬୨ ଖ୍ରୀଷ୍ଟାବ୍ଦରୁ ବାପିଷ୍ଟ ମାନଙ୍କର ଏବଂ ୧୮୪୫ ଖ୍ରୀଷ୍ଟାବ୍ଦରେ ରୋମ କ୍ୟାଥଲିକଙ୍କର ଆରମ୍ଭ ହୋଇଥିଲା। ସର୍ବପ୍ରଥମେ ୧୮୨୩ରେ ବାପିଷ୍ଟଙ୍କ ପୃଷ୍ଠପୋଷକତାରେ ଆଙ୍ଗ୍ଲୋ ଭର୍ଣ୍ଣକୁଲାର ସ୍କୁଲ ଗଢ଼ି ଉଠିଥିଲା ପରେ ୧୮୩୭ରେ ବାପିଷ୍ଟଙ୍କ ସହଯୋଗରେ ପ୍ରଥମ ଛାପାଖାନା ତିଆରି ହୋଇଥିଲା। କଟକରେ ଇଂରେଜ ମାନଙ୍କ ଦ୍ୱାରା ଗଢ଼ି ଉଠିଥିବା ଚରୋଟି ସ୍କୁଲକୁ ୧୮୪୧ରେ ସରକାର ହାତକୁ ନେଲେ ଏବଂ ୧୮୫୧ ଖ୍ରୀଷ୍ଟାବ୍ଦରେ ଏହା କଟକ ଜିଲ୍ଲା ସ୍କୁଲ ଭାବେ ପରିଚିତ ହେଲା। ୧୮୫୮ରେ କର୍ଣ୍ଣେଲ ଆର୍ଥର କଟନ୍ ନାମକ ଜଣେ ବ୍ରିଟିଶ ଇଞ୍ଜିନିୟର ମହାନଦୀ ଓ କେନାଲ ପାଇଁ ଯୋଜନା ଅନୁସନ୍ଧାନ କରି ପରବର୍ତ୍ତୀ ସମୟରେ ୧୮୬୦ରେ ଇଷ୍ଟ ଇଣ୍ଡିଆ ଇରିଗେସନ ବ୍ୟବସ୍ଥା କରାଯାଇ ବନ୍ୟା ନିୟନ୍ତ୍ରଣ, ଜଳସେଚନ ଓ ଯୋବ୍ରା ଠାରେ ଆନିକଟ ଗଢ଼ି ତାଳଦଣ୍ଡା କେନାଲ ଓ ମାଛ ଗାଁ ଶାଖା କେନାଲ ଖୋଳାଇ ଥିଲେ। ୧୮୭୫ରେ କଟକ ଜିଲ୍ଲା ସ୍କୁଲ ରେଭେନ୍ସା କଲଜିଏଟ ଭାବେ ପରିଚିତ ହେଲା ସେହି ବର୍ଷ କଟକ ଠାରେ ଓଡ଼ିଶା ମେଡ଼ିକାଲ ସ୍କୁଲ ଓ ପ୍ୟାରିମୋହନ ଏକାଡ଼େମୀ ଗଢ଼ି ଉଠିଲା। ୧୮୮୧ରେ କଟକ କଲେଜ ରେଭେନ୍ସା କଲେଜ ଭାବେ ନାମିତ ହେଲା। ୧୮୬୬ରେ ଗୌରୀ ଶଙ୍କର ରାୟ କଟକ ପ୍ରିଣ୍ଟିଂ କମ୍ପାନୀ ଗଢ଼ିଥିଲେ ପରେ ୧୮୭୩ରେ ଉତ୍କଳ ହିତୈଷିଣୀ ପ୍ରେସ ଓ ୧୮୮୫ରେ ଭିକ୍ଟୋରିଆ ପ୍ରେସ ଗଢ଼ା ହେଲା। ୧୮୬୯ରେ ବ୍ରାହ୍ମ ସମାଜ ଗଢ଼ା ହେଲା ଓ ୧୮୭୯ରେ ବେଙ୍ଗଲ ନାଗପୁର ରେଳପଥ କଟକରୁ କଲିକତା ଓ ମାନ୍ଦ୍ରାଜ ସହିତ ଯୋଡ଼ି ହେଲା।

୧୮୭୬ରେ କଟକ ମୁନିସପାଲଟି ଗଢ଼ାହେଲା। ଲର୍ଡ଼ ରିପନ୍ ୧୮୮୨ ମେ ମାସରେ ସ୍ୱୟତା ଶାସନ ପ୍ରଣୟନ କରିଥିଲେ। ୧୮୮୪ରେ ପ୍ରଥମଥର ପାଇଁ କଟକ ମ୍ୟୁନସିପାଲଟି ନିର୍ବାଚନ ହେଲା। ମଧୁସୂଦନ ଦାସ କଟକରେ ୧୮୮୧ରୁ ଓକିଲାତି ଆରମ୍ଭ କରିଥିଲେ ଓ ୧୮୮୭ରେ କଟକ ଜିଲ୍ଲା ବୋର୍ଡ଼ ଚେୟାରମ୍ୟାନ ହେଲେ। ବହୁ ଉଦ୍ୟମ ପରେ ୧୯୩୬ ଅପ୍ରେଲ ପହିଲା ଦିନ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ହେଲା। ଏହାର ରାଜଧାନୀ କଟକରେ ରହିଲା ଓ ପ୍ରଧାନମନ୍ତ୍ରୀ ହେଲେ ପାରଳାଖେମୁଣ୍ଡି ମହାରାଜ। ଭାରତର ସ୍ୱାଧୀନତା ସଂଗ୍ରାମରେ କଟକର ଅନେକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଜାତିର ପିତା ମହାତ୍ମାଗାନ୍ଧୀ ଅନେକଥର କଟକ ଆସିଛନ୍ତି। ମଧୁସୂଦନ ଦାସ, ଗୋପବନ୍ଧୁ, ହରେକୃଷ୍ଣ ମହତାବ, ନିତ୍ୟାନନ୍ଦ କାନୁନଗୋ, ନୀଳକଣ୍ଠ ଦାସ, ନବକୃଷ୍ଣ ଚୌଧୁରୀ, ରାଧାନାଥ, ନନ୍ଦକିଶୋର, ମଧୁସୂଦନ ରାଓ, ଯଦୁମଣି ମଙ୍ଗରାଜ, ଗୋପବନ୍ଧୁ ଚୌଧୁରୀ ଓ ଭାଗିରଥି ମହାପାତ୍ର ପ୍ରମୁଖ ଅନେକ ସଂଗ୍ରାମୀ କଟକୁ ନିଜ ସଂଗ୍ରାମର କ୍ଷେତ୍ର ଭାବେ ବାଛିଥିଲେ। କଟକରେ ସ୍ୱରାଜ ଆଶ୍ରମ ସ୍ଥାପିତ ହେଲା। ଏଠାରେ ସ୍ମରଣ କରୁଛୁ କି ଭାରତୀୟ ସ୍ୱାଧୀନତା ଆନ୍ଦୋଳନର ଅନ୍ୟତମ ସେନାପତି ତଥା ଆଇଏନଏର ପ୍ରତିଷ୍ଠାତା ସୁବାଷ ଚନ୍ଦ୍ର ବୋଷଙ୍କ ଜନ୍ମ ଓ କର୍ମଭୂମି ଥିଲା କଟକ। ଦେଶକୁ ପରାଧୀନତାର ଶୃଙ୍ଖଳରୁ ମୁକ୍ତ କରିବା ପାଇଁ ଉତ୍କଳୀୟଙ୍କ ଏକତ୍ରୀକରଣ କରିବାସହ ଭାଇଚାରା ବନ୍ଧନୀରେ ସମ୍ପର୍କକୁ ସୁଦୃଢ଼ କରିବା ପାଇଁ ଅଗ୍ରଣୀ ଭୂମିକା ଗ୍ରହଣ କରିଛି କଟକ। ଆଜି ଅଶୀତମ ସ୍ୱାଧୀନତା ଦିବସ ଅବସରରେ ଜଣେ କଟକିଆ ଭାବେ ଦେଶବାସୀଙ୍କୁ ଅଭିନନ୍ଦନ ଜଣାଉଛି।

+ବରିଷ୍ଠ ଆଇନଜୀବୀ, ଓଡ଼ିଶା
ହାଇକୋର୍ଟ, କଟକ,
ମୋ: ୯୪୩୭୦୦୪୪୬୬



# ଅଶୀବର୍ଷର ସ୍ୱାଧୀନତା : ସମୃଦ୍ଧ ଭାରତର ସ୍ୱପ୍ନ



## ଡି. ଶୁଭମ୍

ବନ୍ଦେ ମାତରମ୍, ବନ୍ଦେ ମାତରମ୍ !!! ଆଜି ଆମ ଦେଶ ସ୍ୱାଧୀନତାର ଅଶୀ ବର୍ଷ ପୂରଣ କରିଛି। ସ୍ୱାଧୀନତାର ଚେତନା କେବଳ ବର୍ଷକୁ ଦୁଇଥର ଆସେନି ସ୍ୱାଧୀନତା ଏକ ମାନବୀୟ ଚିନ୍ତା ଆଉ ଚେତନାର ପ୍ରତିଫଳନ । ଆମ ସାମଜିକ ଜୀବନର ସ୍ୱର, ବଞ୍ଚିବାର ମାନଦଣ୍ଡ। ଆଜି ଆମେ ୮୦ ତମ ସ୍ୱାଧୀନତା ଦିବସ ପାଳନ କରୁଥିବା ସମୟରେ, ଆମେ ଲକ୍ଷ ଲକ୍ଷ ସ୍ୱାଧୀନତା ସଂଗ୍ରାମୀଙ୍କ ବଳିଦାନକୁ ଗର୍ବର ସହିତ ମନେ ପକାଉଛୁ ଯେଉଁମାନେ ବ୍ରିଟିଶ ଶାସନ ବିରୁଦ୍ଧରେ ଲଢ଼ିଥିଲେ ଏବଂ ଏକ ସ୍ୱାଧୀନ, ସ୍ୱାବଲମ୍ବୀ ଭାରତର ସ୍ୱପ୍ନ ଦେଖିଥିଲେ। ଆଜି ବି ସେ ଦିନର ବର୍ବର କଥା ମନକୁ ଆସିଲେ ସାଧାରଣ ଭାରତୀୟ ଭାବେ ଆମକୁ କଷ୍ଟ ଲାଗେ । ୧୮୫୭ ବିଦ୍ରୋହରୁ ଅସହଯୋଗ ଆନ୍ଦୋଳନ, ଲବଣ ସତ୍ୟାଗ୍ରହ ଏବଂ ଭାରତ ଛାଡ଼ ଆନ୍ଦୋଳନ ପର୍ଯ୍ୟନ୍ତ, ସ୍ୱାଧୀନତାର ଯାତ୍ରା ସାହସ, ତ୍ୟାଗ ଏବଂ ଦେଶପ୍ରେମ ଉପରେ ନିର୍ମିତ ହୋଇଥିଲା। ଓଡ଼ିଶା ମଧ୍ୟ ଏହି ସଂଗ୍ରାମରେ ଏକ ଅବିସ୍ମରଣୀୟ ଅବଦାନ ଦେଇଥିଲା। ଆମ ରାଜ୍ୟର ଇରମ, ଇଞ୍ଚୁଡ଼ି ଠାରୁ ଆରମ୍ଭ କରି ସମ୍ବଲପୁରର ସୁରେନ୍ଦ୍ରସାଏ ଓ ଖୋର୍ଦ୍ଧାର ପାଇକ ବୀର ପର୍ଯ୍ୟନ୍ତ ଭାରତର ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶାର ବଳିଦାନର ଏକ ଶକ୍ତିଶାଳୀ ପ୍ରତୀକ ଭାବରେ ଠିଆ ହୋଇଛି।

କିନ୍ତୁ ସ୍ୱାଧୀନତାର ୭୯ ବର୍ଷ ପରେ, ଗୋଟିଏ ପ୍ରଶ୍ନ ଆମ ସମସ୍ତଙ୍କ ମନରେ ଆସେ । ସତରେ କଣ ଆମ ଦେଶର କୃଷକ ମାନେ ସ୍ୱାଧୀନ ?

ପୂର୍ବତନ ଆମେରିକା ରାଷ୍ଟ୍ରପତି ଆବ୍ରାହମ ଲିଙ୍କନଙ୍କ ଭାଷାରେ, ଗଣତନ୍ତ୍ର ହେଉଛି ଲୋକଙ୍କର, ଲୋକଙ୍କ ପାଇଁ ଏବଂ ଲୋକଙ୍କ ଦ୍ୱାରା। ଗ୍ରୀକ୍ ଦାର୍ଶନିକ ପ୍ଲେଟୋଙ୍କ ଭାଷାରେ, ଗଣତନ୍ତ୍ର ହେଉଛି ସର୍ବୋତ୍ତମ ସ୍ୱଚ୍ଛ ଏବଂ ପବିତ୍ର ଲୋକାଭିମୁଖୀ ଶାସନ ।ଗଣତନ୍ତ୍ରରେ, ନେତାମାନେ ଆଦର୍ଶ, ଦେଶପ୍ରେମୀ ଏବଂ ନିଃସ୍ୱାର୍ଥପର ଗାନ୍ଧୀବାଦୀ ଚେତନା ସହିତ ଆଦର୍ଶବାଦୀ ହେବା ଆବଶ୍ୟକ। ରାଜନୈତିକ ସ୍ୱାଧୀନତା ଆମକୁ ନିଜକୁ ଶାସନ କରିବାର ଅଧିକାର ଦେଇଛି। କିନ୍ତୁ ଚାଷୀଙ୍କ ପାଇଁ ସ୍ୱାଧୀନତାର ଅର୍ଥ ବହୁତ ଅଧିକ। ଭାରତୀୟ ଚାଷୀ ଏକ କୋଟିରୁ ଅଧିକ ଲୋକଙ୍କୁ ଖାଦ୍ୟ ପ୍ରଦାନ କରନ୍ତି, ତଥାପି ଆମର ଖାଦ୍ୟ ଉତ୍ପାଦନ କରୁଥିବା ଏହି କୃଷକ ମାନେ ପ୍ରାୟତଃ ଏଥିରୁ ସୃଷ୍ଟି ହୋଇଥିବା ମୂଲ୍ୟର ସର୍ବନିମ୍ନ ଅଂଶ ପାଆନ୍ତି। ଚାଷୀମାନେ ବିହନ, ସାର, କୃଷି ଯନ୍ତ୍ରପାତି ପାଇଁ ବର୍ଦ୍ଧିତ ମୂଲ୍ୟର ସମ୍ମୁଖୀନ ହୁଅନ୍ତି। ପାଣିପାଗର ଅନିୟମିତତା, ବନ୍ୟା, ବାତ୍ୟା, ମରୁଡ଼ି ପରି ପ୍ରାକୃତିକ ବିପର୍ଯ୍ୟୟ ସେମାନଙ୍କୁ ଆହୁରି ଦୁର୍ଦ୍ଦଶା ପହଞ୍ଚାଇଥାଏ। ଦୁଃଖ ଲାଗେ ଯେବେ ସ୍ୱାଧୀନ ରାଷ୍ଟ୍ରର ଚାଷୀ ଦିନରେ ଦି ଓଳି ଆମ ମୁହଁରେ ଦାନା ଦେବାକୁ ବର୍ଷ ବର୍ଷ ସଂଘର୍ଷ କରେ ଆଜି ବି ସେ ନିଜ ସଂଘର୍ଷର ମୂଲ୍ୟ ପାଏନି । ସମୟ ଆସିଛି, ଏବେ ଜେନଜିଙ୍କ ଯୁଗ, ଆଜିର ପିଲା ମାନେ ଚାଷ ଓ ଚାଷୀଙ୍କୁ ଅତି ନିକଟରୁ ବୁଝିବାକୁ ସକ୍ଷମ। ଚାଷୀଙ୍କ ପାଇଁ ସ୍ୱାଧୀନ ରାଷ୍ଟ୍ରରେ ସ୍ୱାଧୀନ ଭାବେ ମତବ୍ୟକ୍ତ କରିବାର ସୁଯୋଗ ଦିଆଯିବା ଦରକାର । ଆତ୍ମନିର୍ଭର ଭାରତ ମାଧ୍ୟମରେ ଆଜି ଅନେକ ଚାଷୀ ନିଜର ବ୍ୟବସାୟକୁ ସମୃଦ୍ଧ କରିପାରିଛନ୍ତି । ଅନେକ କୃଷକ ଉତ୍ପାଦକ ସଂଗଠନ, ସମବାୟ ଏବଂ କୃଷକ-ନେତୃତ୍ୱାଧୀନ ଉଦ୍ୟୋଗଗୁଡ଼ିକ ଏକ ପରିବର୍ତ୍ତନକାରୀ ଭୂମିକା ଗ୍ରହଣ କରୁଛନ୍ତି । ଯେବେ ଆଖୁ ଉତ୍ପାଦନ କରୁଥିବା ଜଣେ ଚାଷୀ ଉତ୍ପାଦିତ ଗୁଡକୁ ଅଧିକ ଲୋକଙ୍କ ପାଖରେ ଉପଲବ୍ଧ କରାଇପାରିବେ, ଯେବେ ବାଜରା ଚାଷୀ ଏକ ମୂଲ୍ୟଯୁକ୍ତ ଖାଦ୍ୟ ଉଦ୍ୟୋଗର ଅଂଶ ହୋଇ ପାରିବେ; ଜଣେ ହଳଦୀ ଚାଷୀ କଞ୍ଚା ଉତ୍ପାଦ ବିକ୍ରୟ କରିବା ଠାରୁ ପ୍ରକ୍ରିୟାକୃତ ଉତ୍ପାଦ ବିକ୍ରୟ କରିବାକୁ ଯାଇପାରିବେ ସେବେ ଆମ ଚାଷୀଙ୍କୁ ସ୍ୱାବଲମ୍ବୀ ବୋଲି କହିପାରିବା। ଯେତେବେଳେ ଜଣେ ଚାଷୀ ନିଜର ଉଦ୍ୟୋଗ ଗଠନ କରିବେ, ସେବେ ଚାଷୀଙ୍କ ପାଇଁ ଏହା ସଶକ୍ତି କରଣର ବାର୍ତ୍ତା ହେବ

ଭାରତର ସ୍ୱାଧୀନତା ଆନ୍ଦୋଳନ ଆମକୁ ସ୍ୱଦେଶୀ ଏବଂ ସ୍ୱାବଲମ୍ବନର ଗୁରୁତ୍ୱ ଶିଖାଇଛି। ମାନ୍ୟବର ପ୍ରଧାନମନ୍ତ୍ରୀ ସର୍ବଦା କୁହନ୍ତି: ବ୍ୟାକ୍ ଟୁ ବେସିକ୍ସ, ଭୋକାଲ୍ ଫର ଲୋକାଲ, ଆତ୍ମନିର୍ଭର ଭାରତ ଇତ୍ୟାଦି। କିନ୍ତୁ ଆମ ଚାଷୀଙ୍କ ସ୍ଥାନୀୟ ଉତ୍ପାଦ କିପରି ବାହାର ବଜାରରେ ପହଞ୍ଚିବ, ସେ ଦିଗରେ ଧ୍ୟାନ ଦେବାକୁ ପଡିବ। ତେଣୁ ଭାରତର ବିକାଶର ପରବର୍ତ୍ତୀ ପର୍ଯ୍ୟାୟ ଚାଷୀଙ୍କୁ ଅଭିବୃଦ୍ଧି କାହାଣୀର କେନ୍ଦ୍ରରେ ରଖିବା ଉଚିତ। କେବଳ ଆଧୁନିକ ସହର, ଶିଳ୍ପ ଏବଂ ପ୍ରଯୁକ୍ତିବିଦ୍ୟା ସହିତ ଏକ ବିକଶିତ ଭାରତ ନିର୍ମାଣ କରାଯାଇପାରିବ ନାହିଁ। ବିକଶିତ ଭାରତ ସହିତ ସୁସ୍ଥ ମାଟି, ବିକଶିତ ଗାଁ ସହିତ ମଧ୍ୟ ନିର୍ମାଣ କରାଯିବା ଉଚିତ। ୮୦ତମ ସ୍ୱାଧୀନତା ଦିବସରେ ଆମର ପ୍ରତିବଦ୍ଧତା:

ଏହି ୮୦ତମ ସ୍ୱାଧୀନତା ଦିବସରେ ଆମର ଦାୟିତ୍ୱ କେବଳ ପତାକା ଉତ୍ତୋଳନ ରଏ ସୀମିତ ନ ହେବା ଉଚିତ୍ । ସ୍ୱାଧୀନତାର ସନ୍ଦେଶ ପ୍ରତିଟି ବର୍ଗରେ ପହଞ୍ଚିବା ଉଚିତ। ଭାରତର କୃଷକମାନଙ୍କ ପାଇଁ ସ୍ୱାଧୀନ ଭାବେ ମତବ୍ୟକ୍ତ କରିବା ଠାରୁ ନେଇ ସ୍ୱାଧୀନ ଭାବେ ପ୍ରଶ୍ନ ପଚାରିବାର ଅଧିକାର ରହିବା ଦରକାର। କୃଷକମାନଙ୍କ ଉନ୍ନତି ପାଇଁ ଆମକୁ ଗୋଟିଏ ଜିଲ୍ଲା, ଗୋଟିଏ ଉତ୍ପାଦ, ସ୍ୱଦେଶୀ ପ୍ରଯୁକ୍ତିବିଦ୍ୟା, ପ୍ରାକୃତିକ ଏବଂ ଜୈବିକ କୃଷି ଇତ୍ୟାଦି ଉପରେ ଧ୍ୟାନ ଦେବାକୁ ପଡିବ। ଆସନ୍ତୁ ଆମେ ଏପରି ଏକ ଭାରତ ନିର୍ମାଣ କରିବା ଯେଉଁଠାରେ କୃଷକ କେବଳ ବଞ୍ଚି ରହିବ ନାହିଁ - ବରଂ ସମୃଦ୍ଧ ଓ ସଶକ୍ତ ହେବେ। ସ୍ୱାଧୀନତାର ପ୍ରକୃତ ଅର୍ଥ ସେତେବେଳେ ପୂରଣ ହେବ ଯେତେବେଳେ ଦେଶକୁ ଖାଦ୍ୟ ଯୋଗାଉଥିବା ମଙ୍ଗୁଆଳ ମାନେ ପ୍ରଥମେ ସ୍ୱାଧୀନ ହେବେ।

ଜୟ ହିନ୍ଦ। ଜୟ କିଷାନ।

+ଜୈବ ନିରୀକ୍ଷକ, ଓଡ଼ିଶା
ଜୈବ ପ୍ରମାଣନ ସଂସ୍ଥା, ଭୁବନେଶ୍ୱର
ମୋ -୬୩୭୧୧୯୨୫୨୦

# ସ୍ୱାଧୀନତା ଦିବସର ଆଶା

## ଅସୀମା ପ୍ରଧାନ




ହେ ମୋର ପ୍ରିୟ ଦେଶ ଭାରତର ସ୍ୱାଧୀନତା ଦିବସ
ଅଗଷ୍ଟ ପନ୍ଦର
ତୁମେ କଣ ଏଇଆ ଆଶା କରିଥିଲ ଯେ
ଯେଉଁ ଦେଶ, ଜାତି ପାଇଁ ଅସୁମାରୀ ଆତ୍ମତ୍ୟାଗ ବଳିଦାନ ଦେଇ,
ଆତ୍ମୋତ୍ସର୍ଗର ଇତିହାସ ଧାରା ପରିବର୍ତ୍ତନ କରି,
ଶୋଷଣ ପେଷଣ ଅତ୍ୟାଚାର ସହି
ପରାଧିନତା ନିଗଡକୁ ଛିନ୍ନ କରି ତୁମକୁ ଆଣିଥିଲେ
ସେହି ଦେଶ ଦେବଭୂମି ପୂଣ୍ୟ ଭୂମି ଭାରତରେ
କାଗଜପତ୍ରର ନାଟକରେ ଅଙ୍କ ଭାଇ ଆସୁ ପ୍ରମାଣ ଦେବା ପାଇଁ ବ୍ୟାଙ୍କ ଭଉଣୀର ହାଡ଼ କଙ୍କାଳର ବୋଝ ବୋହି,
ବାରମ୍ବାର ପ୍ରଘଟ ହେଉ ଡାକ୍ତରୀ ପ୍ରବେଶିକା ପରୀକ୍ଷାର ପ୍ରଶ୍ନପତ୍ର,
ସୌମ୍ୟରଞ୍ଜନକୁ ପିଟି ପିଟି ଜୀବନରୁ ମାରିଦେଇ ହତ୍ୟାକାରୀ ସାଜନ୍ତୁ ବିରାଟ ଜନଗହଳି,
ଗବେଷିକା ସମାଜସେବୀଙ୍କ ବସ୍ତ୍ର ଉତୁରାଯାଉ ସର୍ବସମ୍ମୁଖରେ ଛୁଆଚୋରିର ସନ୍ଦେହ କରି,
ବିବାହ ଆଗରୁ ଭାବି ସ୍ୱାମୀଙ୍କୁ ହତ୍ୟା କରେ ଭାବି ବଧୂ ଷଡ଼ଯନ୍ତ୍ରର ବ୍ୟୁହ ରଚନା କରି,
ଇର୍ଷା ପରାୟଣ ଝିଆରୀ ନିଏ ଦାଦାଙ୍କ ଜୀବନ ପ୍ରତିଶୋଧ ନିଆଁରେ ଜଳି,
ସାମାଜିକ ସ୍ୱୀକୃତି ଅଧିକାର ଦାବି ଯୋଗୁ ଗର୍ଭବତୀଙ୍କୁ କରାଯାଉ ବିଭତ୍ସ ହତ୍ୟା,
ଘର ଦ୍ୱାର ସ୍ତ୍ରୀ ପିତାମାତା ସନ୍ତାନ ସର୍ବଜନ ଛାଡି ଯୁବଶକ୍ତି ଦାଦନ ଖଟିବାକୁ,
ଋଣ ବୋଝରେ ଭାରାକ୍ରାନ୍ତ ହରିଣ କ୍ରାନ୍ତି ନାୟକ କୃଷକ ଆତ୍ମହତ୍ୟା କରୁ,
ବିଜ୍ଞାନ ପ୍ରଯୁକ୍ତି ବିଦ୍ୟାରେ ଅଗ୍ରଗତି କଲାପରେ ବି ଗର୍ଭବତୀ କଟିବାରେ ବୁହାହେଉ ।
ତୁମେ କରିଥିବ ଭିନ୍ନ ଧରଣର ଏକ ନୂତନ ଭାରତର ପରିକଳ୍ପନା,
ଯହିଁ ନାରୀ ରାତି ଅଧରେ ଚାଲୁଥିବ ତାର ଗନ୍ତବ୍ୟ ସ୍ଥଳେ ନିର୍ଭୟ ହୋଇ,
ଖଟି ଖିଆ ଶ୍ରମିକ ପାଉଥିବ ତା'ର ନ୍ୟାର୍ଯ୍ୟ ପ୍ରାପ୍ୟର ମଜୁରୀ,
ବର୍ଷକୁ ଥିବ କୃଷି କୃଷକ ଉପରେ ପବିତ୍ର ସମ୍ମାନର ବାରି,
ଜ୍ଞାନ ବିଜ୍ଞାନ ଉତ୍କର୍ଷ ସୃଷ୍ଟି ସର୍ଜନା ପ୍ରତି ସମର୍ପିତ ଥିବେ ଆଜିର ଶିଶୁ,
ଅଧିକାର କର୍ତ୍ତବ୍ୟ ପ୍ରତି ଥିବେ ସଚେତନ ଯୁବଶକ୍ତି ॥



+ବୀରମହାରାଜପୁର, ସୁବର୍ଣ୍ଣପୁର

# ସ୍ୱାଧୀନତା ଦିବସ ଭାବନା

## ନିରଞ୍ଜନ ସାହୁ



ସ୍ୱାଧୀନ ଭାରତେ ସ୍ୱାଧୀନ ସନ୍ତାନ
ଜାତୀୟ ପତାକା ଧରି
'ଭାରତ ମାତା କି ଜୟ' ନିନାଦରେ
ଯାଏ ପଦଯାତ୍ରା କରି ।

ଜାତୀୟ ପତାକା ଉତ୍ତୋଳନ କରି
ଜାତୀୟ ସଙ୍ଗୀତ ଗାଇ
ସଂଗ୍ରାମୀଙ୍କ ନାମେ ଜୟଧ୍ୱନି ଦେଲା
ପତାକା ତଳରେ ଥାଇ
ଶପଥ କରିଛି ଦେଶସେବା ସିଏ
କରିବ ଜୀବନ ଭରି ।

'ବନ୍ଦେ ମାତରଂ' ତୁଣ୍ଡରେ ଉଚ୍ଚାରି
ଆଗକୁ ଆଗକୁ ଯାଏ
ମନରେ ତାହାର ଦେଶପ୍ରେମ ଭାବ
ଅପୂର୍ବ ଶାନ୍ତି ସେ ପାଏ
ଭାରତ କିପରି ଆଗକୁ ବଢ଼ିବ
ଏ ଭାବନା ପଢ଼େ ଝରି ।

ଦେଶର ସୁରକ୍ଷା, ଅଖଣ୍ଡତା କଥା
ଚିନ୍ତା କରିକରି ଚାଲେ
କାହା ପ୍ରଲୋଭନେ ଭୋଳ ହେବନାହିଁ
ପଡିବନି କାହା ପାଲେ
ଭାରତୀୟ ବୋଲି ଗର୍ବ କରିବ
ଶତ୍ରୁକୁ ଯିବନି ଡରି ।

ଭାଷଣବାଜିରେ କଥା ନରଖି
ସଚ୍ଚୋଟ ସିଏ ହେବ
ବିଶ୍ୱ ଦରବାରେ ଭାରତର ମାନ
ଆଗକୁ ବଢ଼ାଇ ନେବ
ଅଗଷ୍ଟ ପନ୍ଦର ପାଳନ କରିଛି
ଦେଶପ୍ରେମୀଟିଏ ପରି ।

ନିହଲ ପ୍ରସାଦ, ଗଁଡିଆ ପାଟଣା
ଢେଙ୍କାନାଳ- ୭୫୯୦୧୬
ମୋ : ୯୯୩୮୭୪୧୫୮୩



## ପତାକା ଉଡ଼ଇ ଫର୍ ଫର୍

### ପ୍ରକାଶ ଚନ୍ଦ୍ର ଦାଶ

ପତାକା ଉଡ଼ଇ ଫର୍ ଫର୍,
କହେ ଦେଶ ପାଇଁ କାମ କର।

କେତେ କେତେ ତୋର ପୁଣ୍ୟ ବଳେ,
ଏ ଦେଶ ଧରିଛି ତୋତେ କୋଳେ।

ଏ ଦେଶ ପବନ, ମାଟି, ପାଣି
ଗଢ଼ିଛି ତୋତେ ତୋ ମନ ଜାଣି।

ମାଆ ପରି ତୋତେ ସିଏ ପାଳି,
ସହିଅଛି ଅଳି, ଅରଦଳି।

ମାଗିଛୁ ଯା' ତାର ଦଶଗୁଣା,
ଦେଇଛି ନ କରି ମନ ଊଣା।

ଦେଶର ଜନମତିଥି ଆଜି,
ଚଉଦିଗେ ବାଜା ଉଠେ ବାଜି ।

ସେ ବାଜାର ତାଳେ ମଜ୍ଜି ଯାଆ,
ଦେଶପ୍ରେମ ଭାବେ ହଜି ଯାଆ।

ଦେଶ କଥା ଆଜି ଟିକେ ଭାବ୍,
କାମରେ ତାହାର ଲାଗ୍, ଲାଗ୍।

ଫ୍ଲାଟ୍ ନମ୍ବର୍ -ସି/୩୦୪
ଗୌରୀଶଙ୍କର ରେସିଡେନ୍ସି
କେଶୁରା, ଭୁବନେଶ୍ୱର -୭୫୧୦୦୨
ମୋ: ୯୯୩୮୯୬୩୦୯୪

## ଭାରତ ମାତାକୀ ଜୟ

### ଗଜାନନ ମିଶ୍ର



ହଁ, ଏଇଦିନ ଆମେ
ସ୍ୱାଧୀନ ହେଲୁଁ,
ଆମରି ହାତରେ ଆମେ
ଶାସିତ ହେଲୁଁ!
ଭାରତମାତାକୀ ଜୟ ଜୟ
କହି ଗଗନ ପବନ
କଂପାଇଦେଲୁଁ!
ତ୍ରିରଙ୍ଗା ଉଡାଇଲୁଁ
ଆମେ ଏଇଦିନ,
ଏଇଦିନ ଆମେ ହେଲୁଁ ସ୍ୱାଧୀନ।
ଗାଇଲୁଁ ବନ୍ଦେ ମାତରମ୍,
ଜନ ଗଣ ମନ।
ଜୟ ମା ଗଙ୍ଗା,
ଶାନ୍ତି ପ୍ରୀତି ସଂହତିରେ
ଜଗତ କହିଲା ଅନନ୍ୟ!
ଆମେ ଚଳାଇଲୁଁ
ଆମରି ନାଆ,
ଆସିଲା କାହିଁରୁ କେତେ
ମରୁଡ଼ି ମହାମାରୀ
ବନ୍ୟା ବାତ୍ୟା,
ଉଜୁଡ଼ିଲା ଗାଁ,
ହଜିଲା ବାପ ଦାଦି ନାଁ!
ହଁ, ଏଇଦିନ ଆମେ
ସ୍ୱାଧୀନ ହେଲୁଁ।
ଆହୁରି ହେଲୁଁ ଯେ ଯା'
ହାତେ ଚଉଦ ପା'।
ଭିତରେ ବାହାରେ
ଶତ୍ରୁ କଲୁଁ ଦମନ,
ଉଚ୍ଚରୁ ଉଚ୍ଚକୁ
ଉଠିଲା ଆମ ଆସନ।
ଆମ ଭାରତ ମହାନ,
ଏଇଦିନ ପାଇଁ
ସଭିଙ୍କୁ ଅଭିନନ୍ଦନ!
ଦୟାରେ, କ୍ଷମାରେ,
ସହନଶୀଳତାରେ,
ସତ୍ୟରେ, ନ୍ୟାୟରେ,
ମାନବିକତାର ଧର୍ମରେ,
ଆମେ ରଙ୍ଗୀନ।
ବିଜୟ ପତାକା ଫରଫର,
ସାରା ବିଶ୍ୱରେ
ଆମେ ଇ ସୁନ୍ଦର।
ଏ ମା ମାଟି ଧରିତ୍ରୀ
ଆମ ସ୍ୱର୍ଗପୁର।
ଜଡ ଜୀବ ସଭିଙ୍କୁ
ସଦା ଆମର ନମସ୍କାର!

+ତପୋବନ, ଟିଟିଲାଗଡ,
ବଲାଙ୍ଗିର
ମୋ: ୯୪୩୭୩୬୬୬୪୪

## ମୁଠାଏ ମାଟି

### ମୂଳ ମଣିପୁରୀ : ରତନ ଥିୟାମ୍
### ଅନୁବାଦ : ଶୈଳବାଳା ମହାପାତ୍ର





ଧାରୁଆ ଛୁରୀରେ
କଟାହେଲା ତା'ର ଦେହ
ମାଟିର ବାସ୍ନା ଆସିଲା
ସୁବାସିତ ମାଟିର ବାସ୍ନା !
ମରିଥିବ ଦେଶ ଖାତିରରେ
ସେଇଥି ପାଇଁ ବହୁଛି ମାଟିର ବାସ୍ନା

ପୋଷ୍ଟମର୍ଟମ ବେଳେ
ସାରାଟା ଶବଘର ବାସ୍ନାମୟ
ମାଟିର
ମଲାବେଳେ ସାପ ଆଖିରେ
ଥାଏ ଛବି
ମାରିବା ଲୋକର
ସେମିତି ଲୋକଟି ଆଖିରେ ଥିଲା
ସେମାନଙ୍କର

କଥାଟା ଭୁଲ୍ ଠିକ୍‌ର ନୁହେଁ
ନିଜେ ମରି
ସେ ନିଜ ଭାବନାକୁ ବୁଝାଇ ପାରିଲା

କଷିକି ବନ୍ଧା ହୋଇଥିବା
ତା'ର ହାତ ଖୋଲିଲା ବେଳକୁ
ପାପୁଲିରେ ଥିଲା
ମୁଠାଏ ମାଟି !!

+ ପୁରୀ
ମୋ ୭୦୦୮୫୮୬୫୦୧

## ଆମେ କି ସତରେ ସ୍ୱାଧୀନ !

### ଜେନା ପ୍ରଦୀପ

ରାତିଅଧେ ଯଦି ଝିଅଟେ ବାହାରେ
ବୁଲେ ନିରାପଦ ହୋଇ
ତାହେଲେ ବୁଝିବ ଦେଶ ଆମ ପରା
ଅଛି ସ୍ୱାଧୀନତା ପାଇ
କହିଥିଲେ ଦିନେ ମୋହନ,
ଘଟୁଛି କି ଏହା ଦେଶରେ ଆମର
ଆମେ କି ସତରେ ସ୍ୱାଧୀନ !
କହିଥିଲେ ଗାନ୍ଧୀ ରାମରାଜ୍ୟ କଥା
ସାତ ସପନ ତ' ତାହା
ଆମ ସମାଜରେ କେତେଯେ ରାବଣ
ବୁଲନ୍ତି ଦେଖାଇ ବାହା
ମୁଣ୍ଡକୁ ନୁଆଁଇ ଦେଶର ଜନତା
ରହିଛନ୍ତି ଦେଖ ମଉନ,
ଆମେ କି ସତରେ ସ୍ୱାଧୀନ !
ମିଳିଛି ସ୍ୱରାଜ୍ୟ ନାହିଁ ତ' ସୁରାଜ୍ୟ
କଳବଲ ହୁଏ ମଣିଷ
ଦରଦାମ କଥା କହିଲେ ନସରେ
ନାହିଁ କାହା ମୁହେଁ ହରଷ
ଉଡ଼େ ଫରଫର ତ୍ରିରଙ୍ଗା ପତାକା
କରି ମୁଖରିତ ଗଗନ,
ଆମେ କି ସତରେ ସ୍ୱାଧୀନ !

ଲକ୍ଷ୍ମୀପାଦ,ପ୍ଲଟ ନଂ ୩ଇ ୧୦୧୮
ସେକ୍ଟର ୧୩, ମର୍କତନଗର(କେଡିଏ)
କଟକ,
ମୋ - ୯୯୩୮୫୨୦୩୭୧

## ତ୍ରିରଙ୍ଗା ଗାଏ

### ଧ୍ରୁବ ଚରଣ ଘିବେଲା

ତ୍ରିରଙ୍ଗା ଗାଏ ଜାତୀୟ ଗୀତ
ଜାତୀୟ ଦିନେ ଉଡ଼ି
ଆକାଶ ଉଡ଼େ ପବନ ସାଥେ
ଫରଫର କି ଉଡ଼ି ।
ତ୍ରିରଙ୍ଗା କହେ ରଙ୍ଗର ଗାଥା
ଧଳା ସୂଚାଏ ଶାନ୍ତି
ନାରଙ୍ଗୀ ଶୌର୍ଯ୍ୟ ବୀରତ୍ୱ କଥା
ସବୁଜ ଯେ ପ୍ରଗତି ।
ଧଳା ରଙ୍ଗର ମଧ୍ୟରେ ଥାଏ
ଅର ଥାଇକି ଚକ
ଚକ ସହିତ ଚବିଶ ଅର
ପ୍ରଗତିର ସୂଚକ ।
ତ୍ରିରଙ୍ଗା ଗାଏ ମୁକତି ଗୀତି
ସ୍ୱାଧୀନତାର ମନ୍ତ୍ର
ଆଜି ଅଗଷ୍ଟ ପନ୍ଦର ବାଢ଼େ
ସ୍ୱାଧୀନତା ମହତ୍ତ୍ୱ ।
ଏଇ ଦିବସେ ହେଲୁ ସ୍ୱାଧୀନ
ଫିରିଙ୍ଗି କବଳରୁ
ସ୍ୱାଧୀନ ହୋଇ ମୁକତି ପାଇ
ଦେଶ ଶାସନ କଲୁ ।
ତ୍ରିରଙ୍ଗା ବାଢ଼େ ଏଇ ଦିନରେ
ଦେଶ ବିକାଶ ଗାଥା
ଦେଶ ପାଇଁ କି ଖଟିଲେ ଆମେ
ଆଗେଇ ଯିବ ଯଥା ।

+ବଉଦରାଜ -୭୬୨୦୧୪,
ଜି. ବୌଦ୍ଧ
ମୋ. ୯୪୩୭୪୭୮୪୬୬

## ଆମେ ସ୍ୱାଧୀନ

### ଅନୁପ କୁମାର ଗଡ଼ନାୟକ



ହେ ମୋ ଭାରତ ବାସୀ ମନ ଦେଇ ଶୁଣ
ଆଜି ଆମ ସ୍ୱାଧୀନତା ଅଶି ତମ ଜାଣ।
ଶତଚାଳିଶି ମସିହା ଅଗଷ୍ଟ ପନ୍ଦର
ଜାତୀୟ ପତାକା ଉଡ଼େ ହୋଇ ଫର ଫର।

ତିନି ରଙ୍ଗେ ତିନି ଠାଣି ଦେଖାଏ ତାହାର
ତ୍ୟାଗ ଶାନ୍ତି ସାହସର ପ୍ରତୀକ ଯାହାର।
ପିଙ୍ଗଳୀ ଭେଙ୍କିଆ ଯାର ଅଟଇ ନିର୍ମାତା
ଶିଖାଏ ସିଏ ଆମକୁ ସର୍ବଭଉମତା।

ଆତ୍ମାବଳି ଦେଲେ ସବୁ ଆମ ବୀର ଲୋକ
ଶେଷେରେ ଇଂରେଜ ହେଲାଯେ ନତମସ୍ତକ।
ସ୍ୱାଧୀନ ଭାରତ ଆମ ହୋଇଲା ଗଠନ
ମହାତ୍ମା ଗାନ୍ଧି ଅଟନ୍ତି ଆମ ବାପୁ ଜାଣ।

ସୁବାଷ, ନେହେରୁ ଆଦି
ସର୍ଦ୍ଦାର ପଟେଲ
ରାଜଗୁରୁ ଭାଗବତ
ଲାଲ ବାଳ ପାଲ।
ଏପରି ଦେଶ ସନ୍ତାନ
ହୋଇଲେ ସହିଦ
ଚାଖିଲା ସ୍ୱାଧୀନ ଆଜି
ଆମର ଭାରତ।

+ନାତିଡି, ତାଳଚେର, ଅନୁଗୋଳ
ମୋ: ୯୪୩୭୭୬୧୧୭୨

## ଜୟ ଭାରତର ଜୟ

### ଅନନ୍ତ କୁମାର ସେନାପତି

ଫର ଫର ଉଡ଼େ ବୀର ଦର୍ପ ରେ
ମୋ ଦେଶ ପତାକା ଟିଏ
ଜଳ, ସ୍ଥଳ, ଗିରି, ଗଗନ, ପବନ
ଶାନ୍ତି ବାରତା ଦିଏ ।

ଏଇ ପତାକାଟି ତିନି ରଙ୍ଗେ ଗଢ଼ା
ନାରଙ୍ଗୀ, ସବୁଜ, ଧଳା
ସତ୍ୟ, ପ୍ରଗତି, ଅହିଂସା ପଥରେ
ଜୀବନ ତାହାର ଗଢ଼ା ।

ସବୁରି ଓଠରେ ଭରିଦିଏ ହସ
ପ୍ରେମର ପୁଲକ ଦେଇ
ବଇରୀ ଦେଖିଲେ ଜବାବ ଦିଏ ସେ
ପାରେନାହିଁ କେବେ ସହି ।

କେତେ ବୀର ପୁଅ ହୋଇଲେ ସହିଦ
ଏଇ ସେ ତିରଙ୍ଗା ପାଇଁ
ଆସୁ ଯେତେ ପଛେ ମାନ ଅପମାନ
ଏହାକୁ ଭୁଲିବା ନାହିଁ ।

ଫିରିଙ୍ଗି ଧମକେ ଯାଇ ନାହିଁ ଡ଼ରି
ଭୋଗୁ ପଛେ କାରାବାସ
ଭାରତ ମାଆର ଶୋଭା ବଢ଼ାଇଲା
ଶିଖାଇ ଧଇର୍ଯ୍ୟ ସାହସ ।

ଉଡାଇ ଏହାକୁ କହିବା ସକଳ
ଜୟ ଭାରତର ଜୟ
ଭରିଯାଉ ଯେତେ ସିନେହ ଶରଧା
ବିଶ୍ୱ ହେଉ ମଧୁମୟ ।

ମାଆର କୋଳରେ ଉଡୁଥାଉ ସଦା
ତିରଙ୍ଗା ପତାକା ଆମ
ମିଳିମିଶି ଭଲ କାମ କରି ଆମେ
ରଖିବା ଦେଶର ନାମ ।

+ ବାଣ୍ଡୁପଡା, ରାଜଗାଙ୍ଗପୁର, ସୁନ୍ଦରଗଡ଼
ମୋ: ୭୦୦୮୩୦୪୨୨୫

## ଆମରି ତ୍ରିରଙ୍ଗା ଝଣ୍ଡା

### ରମେଶ ଚନ୍ଦ୍ର ନାୟକ



ଆକାଶ କୋଳରେ ଫର ଫର ଉଡେ
ଆମରି ତ୍ରିରଙ୍ଗା ଝଣ୍ଡା
ଘୋଷଣା କରଇ ସ୍ୱାଧୀନତା ମନ୍ତ୍ର
ସହରରୁ ଗାଆଁ ଗଣ୍ଡା ।

ଜନ ଗଣ ମନ ସଂଗୀତ ଗାଉଛି
ସାଥେ ରଖି ଦେଶବାସୀ
ସ୍ୱାଧୀନ ଚେତନା ସ୍ୱାଧୀନ ଭାବନା
ଲୋକଙ୍କୁ ଦେଉଛି ଖୁସି ।

ତ୍ରିରଙ୍ଗା ଶରୀର ତିନି ରଙ୍ଗେ ଗାର
ନାରଙ୍ଗୀ ଧବଳ ନୀଳ
ମଝିରେ ଅଶୋକ ଚକ୍ରଟି ରହିଛି
ପ୍ରେମ ମମତାର ମୂଳ ।

ଶକ୍ତି ସତ୍ୟ ଶାନ୍ତି ସମୃଦ୍ଧି ସୂଚକ
ପତାକାର ତିନି ରଙ୍ଗ
ଏକତା ସୂତ୍ରରେ ଜାତୀର ନାବରେ
ବସିକି ଧରିଛି ମଙ୍ଗ ।

ପତାକା ଆମର ପ୍ରତୀକ ଦେଶର
ଆମ ଗର୍ବ ଗଉରବ
କେଉଁ ଦେଶେ କିଏ ଲୋକେ ଗଣା ହୁଏ
ପତାକାଟି କହିଦେବ ।

ସ୍ୱାଧୀନ ଦେଶର ଭାରତ ବର୍ଷର
ଅଟୁ ଆମେ ନାଗରିକ
ରଖି ଯିବା ଆମେ ସର୍ବେ ମିଳିମିଶି
ଭାରତ ମାତାର ଟେକ ।

ତ୍ରିରଙ୍ଗା ପତାକା ଆମ ସ୍ୱାଭିମାନ
ତା' ପାଇଁ କରିବା ଗର୍ବ
ମିଳିମିଶି ଆମେ ସଭିଏଁ ଚଳିବା
ରଖି ଶାନ୍ତି ମୈତ୍ରୀ ଭାବ ।

ମହାପୁରୁଷଙ୍କୁ ପକାଇବା ମନେ
କରୁଥିବା ତାଙ୍କ ପୂଜା
ଫର ଫର ହୋଇ ସଦା ଉଡୁଥିବ
ଆମରି ତ୍ରିରଙ୍ଗା ଧ୍ୱଜା ।

ଦେଶ ପ୍ରେମ ପ୍ରୀତି ତ୍ରିରଙ୍ଗାର ନୀତି
କାଳ କାଳ ଯଶ ରଖେ
ପ୍ରଣାମ କରୁଛୁ ପୂଣ୍ୟ ତ୍ରିରଙ୍ଗାକୁ
ସର୍ବେ ହସ ହସ ମୁଖେ ।

+ କେଶରପୁର, ବକ୍ସି ବଜାର
କଟକ
ମୋ :୭୯୭୮୧୫୧୭୧୦



### ଯୁଧିଷ୍ଠିର ମହାରଣା

# ସ୍ୱାଧୀନତାର ଉପଲବ୍ଧି

ଦୀର୍ଘ ପାଞ୍ଚଶହ ବର୍ଷ ଧରି ଗୋଲାମି ଶାସନ କବଳରେ ପେଷି ହୋଇ ରହିବା ପରେ ଯେଉଁ କଷ୍ଟଲବ୍ଧ ସ୍ୱାଧୀନତା ଏ ଦେଶବାସୀ ହାସଲ କରିଛନ୍ତି, ତାହା ଏବେ ସବୁଠାରୁ ବଡ଼ ପ୍ରଶ୍ନବାଚୀ! ଏହି ଅବସରରେ ସ୍ୱାଧୀନତା ସ୍ମୃତିଚାରଣ କରିବା ଉଦ୍ଦେଶ୍ୟରେ ଦେଶବ୍ୟାପୀ ଉତ୍ସବ, ସମାରୋହମାନ ଅନୁଷ୍ଠିତ ହେଉଛି । ସରକାରୀ ବେସରକାରୀ ତଥା ସର୍ବସାଧାରଣ ଅନୁଷ୍ଠାନ, ସମସ୍ତେ ଏହି ଉତ୍ସବରେ ସାମିଲ ହେଉଛନ୍ତି ଏବଂ ସ୍ୱାଧୀନ ଦେଶର ନାଗରିକ ଭାବେ ଆନନ୍ଦ ଅନୁଭବ କରି ପ୍ରଫୁଲ୍ଲିତ ହେଉଛନ୍ତି । ସ୍ୱାଧୀନତା ଓ ପରାଧୀନତାର ଲାଭ ଓ କ୍ଷତି ବିଷୟରେ ଆଜିର ଭାରତବର୍ଷର ଶିକ୍ଷିତ ନାଗରିକମାନଙ୍କୁ କିଛି ବୁଝାଇ କହିବାର ପ୍ରୟୋଜନ ନାହିଁ । ସମଗ୍ର ବିଶ୍ୱର ପ୍ରେକ୍ଷାପଟକୁ ତଥା ବିଭିନ୍ନ ଦେଶର ଶାସନ ବ୍ୟବସ୍ଥାକୁ ଅନୁଶୀଳନ କରି ଗଣତାନ୍ତ୍ରିକ ବ୍ୟବସ୍ଥା ଯେ ସର୍ବୋତ୍କୃଷ୍ଟ ପନ୍ଥା, ଏକଥା ମଧ୍ୟ ଜୋର ଦେଇ କହିବାର ଆବଶ୍ୟକତା ନାହିଁ । ତେବେ ଏତିକି କହିବାର ନାଗରିକ ଭାବେ ଆମେ ଯେଉଁ ପରିମାଣରେ ସଫଳତା, ସୁଯୋଗ ଓ ଅଧିକାର ପାଇବା କଥା ତାହା ଯଥାର୍ଥରେ ପାଇଛୁ କି, ଯଦି ନୁହେଁ ତାହେଲେ ଏ କ୍ଷେତ୍ରରେ କ'ଣ ତ୍ରୁଟି ରହିଛି ?

ଗତ ଛଅ ଦଶନ୍ଧିରେ ଇତିହାସକୁ ଅନୁଧ୍ୟାନ କଲେ ଏ କ୍ଷେତ୍ରରେ ମୋଟାମୋଟି ଭାବେ ଯେଉଁ ଚିତ୍ରଟି ସାମ୍ନାକୁ ଆସେ, ତାହାକୁ ଲକ୍ଷ୍ୟ କରି ଅନେକ ବୁଦ୍ଧିଜୀବୀ, ସ୍ୱାଧୀନତା ସଂଗ୍ରାମ ବେଳର ବଞ୍ଚିଥିବା କତିପୟ ସଂଗ୍ରାମୀ ଗଭୀର କ୍ଷୋଭ ପ୍ରକାଶ କରି କହନ୍ତି, ସ୍ୱାଧୀନତାର ମୂଳ ଲକ୍ଷ୍ୟ ପରାହତ ହୋଇଛି । ଯେଉଁ ମହନୀୟ ଆଦର୍ଶ ଓ ଲକ୍ଷ୍ୟ ନେଇ ସ୍ୱାଧୀନତା ସଂଗ୍ରାମ କରାଯାଇଥିଲା, ପରବର୍ତ୍ତୀ କାଳରେ ତାହା କକ୍ଷଚ୍ୟୁତ ହେବା ସହ ମୁଷ୍ଟିମେୟ ଲୋକଙ୍କ ହାତରେ କ୍ଷମତା ଠୁଳ ହୋଇଛି, ଫଳରେ ଦେଶର ସର୍ବାଙ୍ଗୀନ ବିକାଶ ବ୍ୟାହତ ହୋଇଛି । ଗରିବ ଲୋକେ ଆହୁରି ଗରିବ ହୋଇ ରହିଛନ୍ତି । ଶାସନ ବ୍ୟବସ୍ଥାକୁ ଯେଉଁମାନେ ଆସୁଛନ୍ତି, ସେମାନେ ସମତାର ପ୍ରତୀକ ନହୋଇ ଭୋଟକୈନ୍ଦ୍ରିକ ରାଜନୀତସର୍ବସ୍ୱ ହେଉଥିବାରୁ ନିରୀହ, ନିଃସ୍ୱ ଏବଂ ନିରକ୍ଷର ଲୋକଙ୍କର କଥା ଶୁଣିବାକୁ କେହି ନାହାନ୍ତି । ଫଳରେ ସେହି ସବୁ ଲୋକମାନଙ୍କ ମଧ୍ୟରେ ଦୀର୍ଘଦିନରୁ ରହିଥିବା ଅନ୍ତର୍ବେଦନା କ୍ରମେ କ୍ରମେ ବିସ୍ଫୋରଣ ରୂପ ନେଉଛି, ଯାହା ଦେଶର ଶାନ୍ତି ଓ ସଦ୍‌ଭାବନାର ବାତାବରଣକୁ କ୍ଷୁର୍ଣ୍ଣ କରୁଛି । ସମ୍ପ୍ରତି ଦେଶର କେତେକ ଅଞ୍ଚଳରେ ଦେଖାଦେଇଥିବା ଯୁବ ସମସ୍ୟା, ଜେନଜିଙ୍କ ଦାବୀ ଏବଂ ବିଭିନ୍ନ ସମସ୍ୟା ପଛରେ ଏହା ଏକ କାରଣ ହୋଇଥିଲେ ମଧ ଏହାକୁ ଯେପରି ପ୍ରତିହତ କରିବା କଥା ତାହା କରାଯାଉନଥିବା ପରିତାପର ବିଷୟ।

ରାଜନୈତିକ, ପ୍ରଶାସନିକ, ଏପରିକି ଗଣମାଧ୍ୟମ କ୍ଷେତ୍ରରେ ଦୁର୍ନୀତି ଆଜି ବିଷମ ସମସ୍ୟା ସୃଷ୍ଟି କରିଛି । କେତେବେଳେ କେମିତି ଅଦାଲତ ରକ୍ଷକ ଭୂମିକା ନିର୍ବାହ କରି ପ୍ରଶଂସାର ପାତ୍ର ହେଉଛନ୍ତି ତ ଆଉ କେତେବେଳେ ଖୋଦ ବିଚାର ବିଭାଗର ଅଧିକାରୀ ମଧ ସମାଲୋଚନାର ପରିସର ମଧ୍ୟକୁ ଆସିଯାଉଛନ୍ତି । ଆମର ବ୍ୟବସ୍ଥା ଏପରି ହୋଇଛି ଯେ କେଉଁଠି ଲୋକେ ଦୁଇବେଳା ମୁଠାଏ ଖାଇବାକୁ ନପାଇ ଜୀବନ ହାରି ଦେଉଛନ୍ତି ତ ସେପଟେ କୋଟି କୋଟି ଟଙ୍କାର ଖାଦ୍ୟଶସ୍ୟ ଖତ ଖାଉଛି । ବର୍ଷେ କି ଦୁଇବର୍ଷ ନୁହେଁ, କ୍ରମାଗତ ବର୍ଷ ବର୍ଷ ଏହିପରି ଘଟଣା ଘଟିବା ଅକ୍ଷମଣୀୟ । ସୁପ୍ରିମ୍‌କୋର୍ଟ ଏବେ ଏହି ଘଟଣାରେ ଉଦ୍‌ବେଗ ପ୍ରକାଶ କରି କୋଟି କୋଟି ଟଙ୍କାର ଖାଦ୍ୟଶସ୍ୟ ଏପରି ପଚାସଢ଼ା ହେବା ପରିବର୍ତ୍ତେ ଏବଂ ଗରିବ ଲୋକଙ୍କ ମଧ୍ୟରେ ବିତରଣ କରିଦେବାକୁ ଆଦେଶ ଦେଇଛନ୍ତି । ଯେଉଁ କାରଣ ପାଇଁ କୋଟି କୋଟି ଟଙ୍କାର ଖାଦ୍ୟ ଶସ୍ୟ ଖୋଲା ଆକାଶ ତଳେ ସଡ଼ି ନଷ୍ଟ ହେଉଛି ତାହା ହେଉଛି ଖାଦ୍ୟଶସ୍ୟ ଗଚ୍ଛିତ କରି ରଖିବା ପାଇଁ ଭଣ୍ଡାର ଗୃହ ନାହିଁ । କିନ୍ତୁ କାହିଁକି ତାହା ହେଉନାହିଁ ଭଗବାନ ଜାଣନ୍ତି । କୁହାଯାଉଛି ଯେ ପଚାସଢ଼ା ଖାଦ୍ୟଶସ୍ୟକୁ ଶସ୍ତା ମୂଲ୍ୟରେ ମଦ କମ୍ପାନୀଗୁଡ଼ିକୁ ବିକ୍ରି କରିଦେବା ନିମନ୍ତେ ଏପରି କରାଯାଇଥାଏ । ଯଦି ଏହା ସତ୍ୟ ତାହେଲେ ଏହାକୁ ଚରମ ଦୁର୍ଭାଗ୍ୟ ଛଡ଼ା ଆଉ କ'ଣ କୁହାଯିବ ? ପଡ଼ୋଶୀ ଚୀନ ଏବଂ ଆମ ଭିତରେ ଏଇଠି ଫରକ ।

ତେଣେ ୨୦୫୦ ବେଳକୁ ଭାରତ ଜନସଂଖ୍ୟାରେ ଚୀନକୁ ଅତିକ୍ରମ କରି ପୃଥିବୀର ସର୍ବବୃହତ୍ତ ଜନବହୁଳ ଦେଶରେ ପରିଣତ ହୋଇଯାଇଥିବ । ସେତିକିବେଳକୁ ଯଦି ଏହି ପରିସ୍ଥିତି ଅବ୍ୟାହତ ରହେ, ଦେଶର ଅବସ୍ଥା କ'ଣ ହେବ ସହଜରେ ଅନୁମେୟ । ବିକାଶର ସୁଷମ ବଣ୍ଟନ ନହେଲେ ଲୋକଙ୍କ ଭିତରେ ହିଂସା ଏବଂ ଅସୂୟା ତୀବ୍ର ହେବା ସ୍ୱାଭାବିକ ଏବଂ ଉଲ୍ଲେଖ ନିଷ୍ପ୍ରୟୋଜନ ଯେ ଏହା ଅସ୍ଥିରତାକୁ ଜନ୍ମ ଦେଇଥାଏ । ସୁତରାଂ ନେଡ଼ିଗୁଡ଼ କହୁଣିକୁ ବହିଯିବା ପୂର୍ବରୁ ସତର୍କମୂଳକ ପଦକ୍ଷେପ ଗ୍ରହଣ କରାଯିବା ଏକାନ୍ତ ବାଞ୍ଛନୀୟ । ଆଜି ବିଶ୍ୱର 'ବିଶ୍ୱଗୁରୁ' ପାଲଟିଥିବା ଭାରତ ସତରେ ଅସଲ ସ୍ୱାଧୀନତା ପାଇଛି ? ଆମ୍ଭେମାନେ ଜଣେ ଜଣେ କ'ଣ ଯଥାର୍ଥ ସ୍ୱାଧୀନ ଭାରତର ନାଗରିକ ଏହି ପ୍ରଶ୍ନ ଆମ୍ଭମାନଙ୍କୁ ଯେତିକି ଆନ୍ଦୋଳିତ କରୁଛି ସେତିକି ବିକ୍ଷୋଭିତ ସୃଷ୍ଟି କରିବା ସହ ଅନେକ ଆହ୍ୱାନକୁ ମଧ ସମ୍ମୁଖୀନ ହେବା ପାଇଁ ରାସ୍ତା ତିଆରି କରୁଛି।

+ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ
ମୋ : ୯୪୩୭୧୬୩୫୨୮

# ଗଣତନ୍ତ୍ରରେ ଇଷ୍ଟତନ୍ତ୍ର

### ଡାକ୍ତର ଉମେଶ ଚନ୍ଦ୍ର ପାତ୍ର




ପ୍ରତି ସ୍ୱାଧୀନ ରାଷ୍ଟ୍ରର ସାର୍ବଭୌମତ୍ୱର ବିଶେଷ ପରିଚୟ ବହନ କରେ ଏହାର ଜାତୀୟ ପତାକା, ଜାତୀୟ ସଂଗୀତ ଓ ଜାତୀୟ ସଙ୍କେତ। ଏହା ବିଭିନ୍ନ ଅନ୍ତର୍ଜାତୀୟ ସମାବେଶରେ ନିଜ ଦେଶର ପରିଚୟ ଓ ଅସ୍ତିତ୍ୱ ପ୍ରଦାନ କରିଥାଏ। ଏଥିରେ ନିହିତ ଥାଏ ଦେଶର ସଂସ୍କୃତି, ଇତିହାସ ଓ ଶାସନତନ୍ତ୍ରର ଗୌରବ ଗାଥା। କେବଳ ସେତିକି ନୁହେଁ ଜାତୀୟ ପତାକା, ଜାତୀୟ ସଙ୍ଗୀତ ଓ ଜାତୀୟ ସଙ୍କେତ ରାଷ୍ଟ୍ରର ଲୋକ ସଂସ୍କୃତି, ଇତିହାସ ଓ ମୂଲ୍ୟବୋଧ ବହନ କରୁଥିବାରୁ ଦେଶବାସୀଙ୍କୁ ଏକତା ସୂତ୍ରରେ ବାନ୍ଧିବା ସହ ଦେଶପ୍ରିତୀ ଓ ଜାତୀୟ ଗୌରବ ବୋଧକୁ ପ୍ରଜ୍ୱଳିତ କରିଥାଏ। ଯୁଗାବତାର ପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ମତବ୍ୟକ୍ତ କଲେ - ଶୁଣିଛି ଡେମୋକ୍ରେସିର ଅର୍ଥ ହେଉଛି ଗଣତନ୍ତ୍ର ଅର୍ଥାତ୍ ଜନଗଣର ଶାସନତନ୍ତ୍ର। କିନ୍ତୁ ମୋର ଗୋଟିଏ କଥା ସ୍ୱତଃ ମନରେ ଆସେ ଯେ ନିଜେ ଶାସିତ ନୁହେଁ ସେ କି କେବେ ଦେଶ, ସମାଜ ବା ରାଷ୍ଟ୍ରକୁ ଶାସନ କରିବାର ଅଧିକାର ବା ଯୋଗ୍ୟତା ଲାଭ କରିପାରେ ? ଶାସନତନ୍ତ୍ର ପ୍ରଣୟନ ବା ପରିଚାଳନାର ଦାୟିତ୍ୱଶୀଳ ପ୍ରତିନିଧି ଯେଉଁମାନେ ହେବେ ସେମାନଙ୍କର ଅନ୍ତତଃ ଉଚିତ କୌଣସି ଜଣେ ସୁନିୟନ୍ତ୍ରିତ ସଦ୍‌ଗୁରୁ ବା ଆଚାର୍ଯ୍ୟଙ୍କ ଶାସନାଧୀନ ରହି ନିଜକୁ ସୁସମାହିତ କରି ଉଠାଇବା।

ଆତ୍ମ ଶାସନର ମୂଳ ଜିନିଷ ହେଉଛି ଏହି ବାଞ୍ଛିତ ଶ୍ରେୟଙ୍କ ପ୍ରତି ଅକାଟ୍ୟ ଅନୁରାଗ ଯାହାଫଳରେ ଶ୍ରୀ ଗୁରୁଙ୍କର ମନୋମତ ହୋଇ ଉଠି ତାଙ୍କୁ ତୃପ୍ତିଦାନ ନ କରିପାରିଲେ ନିଜକୁ ଅସ୍ୱସ୍ତି ଲାଗେ। ଏହି ହାଡ଼ଭଙ୍ଗା ନିଶା ହିଁ ମନୁଷ୍ୟକୁ ଉର୍ଦ୍ଧ୍ୱମୁଖୀ କରିତୋଳେ। ପ୍ରେଷ୍ଠଙ୍କର ଖୁସି ଓ ସ୍ୱସ୍ତି ନିମିତ୍ତ ମନୁଷ୍ୟ କ୍ରମାଗତ ନିଜକୁ ପରିଶୁଦ୍ଧ କରି ଚାଲେ। ଏହିପରି ଆତ୍ମଶାସନ ତତ୍ପର ବ୍ୟକ୍ତି ହିଁ ଜାଣେ ଶାସନ କିପରି କରିବାକୁ ହୁଏ। ପ୍ରକୃତପକ୍ଷରେ ତାଙ୍କର ଶ୍ରଦ୍ଧାର୍ହ ଚରିତ୍ର ହିଁ ଅନ୍ୟମାନଙ୍କୁ ଆତ୍ମ ଶାସନରେ ପ୍ରବୃଦ୍ଧ କରିତୋଳେ। ତେଣୁ ଯେଉଁ ତନ୍ତ୍ରରେ ଶାସନ ଚାଲିଲେ ମଧ ଆଦର୍ଶତନ୍ତ୍ରୀ ହେବା ଏକାନ୍ତ ଆବଶ୍ୟକ। ଜନଗଣ ଯଦି ଆଦର୍ଶତନ୍ତ୍ରୀ ନ ହୁଅନ୍ତି ତାହାହେଲେ ଗଣଶକ୍ତିର ଅଭ୍ୟୁତ୍ଥାନ ହୁଏ ନାହିଁ। ଶକ୍ତିର ମୂଳରେ ଅଛି ଭକ୍ତି, ପ୍ରୀତି, ସଂହତି ଓ ସହଯୋଗିତା। ମନୁଷ୍ୟ ଯେତେବେଳେ ଆଦର୍ଶଙ୍କୁ ଭଲପାଇ ପ୍ରତ୍ୟେକ ପ୍ରତ୍ୟେକଙ୍କର ଧାରକ, ପାଳକ, ସେବକ ଓ ସହାୟକ ହୋଇ ଉଠନ୍ତି ସେତେବେଳେ ଶକ୍ତି ଗଜି ଉଠେ। ମନୁଷ୍ୟର ଅନିୟନ୍ତ୍ରିତ ପ୍ରବୃତ୍ତି ଯଦି ପରସ୍ପରକୁ ହିଂସା, ଦ୍ୱେଷ, ପରଶ୍ରୀକାତରତା ଓ ପରପୀଡ଼ନ ପଥରେ ପରିଚାଳିତ କରେ ସେହି ପରିବେଶ ମଧ୍ୟରେ ଗଣଶକ୍ତି ଯେପରି ସ୍ଫୁର୍ତ୍ତିଲାଭ କରିପାରେ ନାହିଁ, ବ୍ୟକ୍ତିର ଆତ୍ମଶକ୍ତି ମଧ୍ୟ ସେହିପରି ପଦେ ପଦେ ବ୍ୟାହତ ହୁଏ।

(ଅବଶିଷ୍ଟାଂଶ ପୃଷ୍ଠା ୭ରେ)

# ଭାରତୀୟ ନୋଟ୍ ଏବଂ ଗାନ୍ଧୀଙ୍କ ଛବି



## ବିଷ୍ଣୁ ପ୍ରସାଦ ଦାସ

ଭାରତୀୟ କାଗଜ ମୁଦ୍ରା ହାତକୁ ନେଲେ ପ୍ରଥମେ ଯେଉଁ ମହାନ ବ୍ୟକ୍ତିତ୍ୱଙ୍କ ଛବି ଆମ ଦୃଷ୍ଟିକୁ ଆକର୍ଷିତ କରେ, ସେ ହେଉଛନ୍ତି ମହାତ୍ମା ଗାନ୍ଧୀ । ଭାରତର ସ୍ୱାଧୀନତା ଆନ୍ଦୋଳନ, ଅହିଂସା, ସତ୍ୟ ଓ ନୈତିକତାର ପ୍ରତୀକ ଭାବେ ଗାନ୍ଧୀଙ୍କ ସ୍ଥାନ ଅତୁଳନୀୟ । କିନ୍ତୁ ଏକ ପ୍ରଶ୍ନ ଆଜି ଆମ ସମ୍ମୁଖରେ ଠିଆ ହେଉଛି....ଭାରତୀୟ ମୁଦ୍ରାରେ ଗାନ୍ଧୀଙ୍କର ଛବି ରହିବା କ'ଣ ସତରେ ଆବଶ୍ୟକ? ଏହା କ'ଣ ଅଜାଣତରେ ତାଙ୍କ ମର୍ଯ୍ୟାଦାକୁ କ୍ଷୁଣ୍ଣ କରୁ ନାହିଁକି ? ନୋଟ୍ ହେଉଛି ଦେଶର ଅର୍ଥନୈତିକ ଜୀବନର ଅବିଚ୍ଛିନ୍ନ ଅଂଶ । ଏହା ଦିନକୁ ହଜାର ହଜାର ଲୋକଙ୍କ ହାତ ବଦଳାଏ । ଦୋକାନ, ବଜାର, ରାସ୍ତାଘାଟ, ହସ୍ପିଟାଲ, ଯାତାୟାତ, ଦାନ-ଦକ୍ଷିଣା....ପ୍ରାୟ ସବୁଠି ଏହାର ବ୍ୟବହାର ହୁଏ । ଅର୍ଥାତ୍, ନୋଟ୍?ର କୌଣସି ନିର୍ଦ୍ଦିଷ୍ଟ 'ସ୍ଥାନ, କାଳ, ପାତ୍ର' ନାହିଁ ।

ଗାନ୍ଧୀଙ୍କ ଛବି ଥିବା ଏକ ନୋଟ୍କୁ ଜଣେ ବ୍ୟକ୍ତି ଅତ୍ୟନ୍ତ ସମ୍ମାନର ସହିତ ରଖି ପାରନ୍ତି; ଅନ୍ୟ ଜଣେ ସେହି ନୋଟ୍କୁ ଅସମ୍ମାନ ଜନକ ପରିବେଶରେ ବ୍ୟବହାର କରି ପାରନ୍ତି । ନୋଟ୍ ମାଟିରେ ପଡ଼ିପାରେ, ମଇଳା ହୋଇ ପାରେ, ଛିଣ୍ଡି ପାରେ, ପାଦ ତଳେ ଆସି ପାରେ । ଏପରି ଅନେକ ପରିସ୍ଥିତିରେ ଗାନ୍ଧୀଙ୍କ ଛବି ମଧ୍ୟ ସେହି ନୋଟ୍ ସହିତ ଅସମ୍ମାନର ସ୍ପର୍ଶ ପାଏ । ଅନୈତିକ କାର୍ଯ୍ୟରେ ବ୍ୟବହୃତ ହୁଏ, କଳା ଧନର ସଂଜ୍ଞା ନେଇ ଦେଶର ଅର୍ଥନୀତିକୁ ଦୁର୍ବଳ କରେ । ମୁଦ୍ରା ବିନିମୟର ଏକ ମାଧ୍ୟମ କିନ୍ତୁ ମୁଦ୍ରାକୁ ଜାତିର ପିତାଙ୍କ ଛବି ଦେଇ ଅସମ୍ମାନ କରିବାର ପ୍ରୟାସ ଅନେକ ଦିନରୁ ଚାଲି ଆସିଛି । ଅନ୍ୟ ଦେଶକୁ ଅନୁକରଣ କରି ଭାରତୀୟ ରିଜର୍ଭ ବ୍ୟାଙ୍କ ଗାନ୍ଧୀ ସିରିଜ ପ୍ରଚଳନ କଲେ କିନ୍ତୁ ଅନ୍ୟ ଦେଶରେ ନାଗରିକ ମାନେ କିପରି ଶୃଙ୍ଖଳିତ ତାହା ବିଚାରକୁ ଆଣିଲେ ନାହିଁ ।

୧୯୬୯ ମସିହାରେ ମହାତ୍ମା ଗାନ୍ଧୀଙ୍କ ଜନ୍ମ ଶତବାର୍ଷିକୀ ଉପଲକ୍ଷେ ଏକ ସ୍ୱତନ୍ତ୍ର ସ୍ମାରକୀ ସଂସ୍କରଣରେ ଭାରତୀୟ ମୁଦ୍ରାରେ ପ୍ରଥମ ଥର ପାଇଁ ଗାନ୍ଧିଜୀଙ୍କ ଛବି ସ୍ଥାନିତ ହୋଇ ଥିଲା । ୧୯୯୬ ମସିହାରେ ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ଆନୁଷ୍ଠାନିକ 'ମହାତ୍ମା ଗାନ୍ଧୀ ସିରିଜ୍' ପ୍ରଚଳନ କରାଯିବା ପର୍ଯ୍ୟନ୍ତ ବ୍ୟାଙ୍କ ନୋଟ୍ରେ ତାଙ୍କ ଚିତ୍ର ସ୍ଥାୟୀ ଭାବରେ ସ୍ଥାନ ପାଇ ନଥିଲା । ଏହା ପୂର୍ବରୁ, ୧୯୮୭ ମସିହା ଅକ୍ଟୋବର ମାସରେ ତାଙ୍କ ଚିତ୍ର ସମ୍ବଳିତ ଏକ ୫୦୦ ଟଙ୍କିଆ ନୋଟ୍ ମଧ୍ୟ ଜାରି କରା ଯାଇ ଥିଲା । ଠିକ ଅଛି ଜାତିର ପିତାଙ୍କୁ କାଗଜ ନୋଟରେ ସ୍ଥାନିତ କରନ୍ତୁ କିନ୍ତୁ ତାଙ୍କୁ ଉପଯୁକ୍ତ ସମ୍ମାନ ଦେବା ପାଇଁ ନିୟମ ପ୍ରଣୟନ କରିବାର ସମୟ ଉପନୀତ । ଥାଇଲ୍ୟାଣ୍ଡ ଉତ୍ତର କୋରିଆ ଇତ୍ୟାଦି ଦେଶରେ ନୋଟ ଗୁଡିକୁ ଯଦି ଅସମ୍ମାନ କରାଯାଏ ତେବେ କଠୋର ଦଣ୍ଡର ପ୍ରାବଧାନ ଅଛି କିନ୍ତୁ ଆମ ଦେଶରେ ସେପରି କିଛି ଦେଖିବାକୁ ମିଳେ ନାହିଁ, ଯଦି ଥିବ ତେବେ ଫାଇଲ ଭିତରେ ଥିବା ।

ଗୁଣି ଜ୍ଞାନୀ ତଥା ସରକାରଙ୍କ କହିବା କଥା ...ନୋଟ୍ରେ ଗାନ୍ଧୀଙ୍କ ଛବି ଛାପିବାର ଉଦ୍ଦେଶ୍ୟ ତାଙ୍କୁ ଅପମାନିତ କରିବା ନୁହେଁ; ବରଂ ତାଙ୍କ ଐତିହାସିକ ଅବଦାନ ଓ ଜାତୀୟ ଜୀବନରେ ତାଙ୍କର ପ୍ରତୀକାତ୍ମକ ସ୍ଥାନକୁ ସ୍ମରଣ କରିବା । ମୁଦ୍ରା ହେଉଛି ରାଷ୍ଟ୍ରର ପରିଚୟର ଏକ ମାଧ୍ୟମ ଏବଂ ଗାନ୍ଧୀଙ୍କ ଛବି ଏହି ମାଧ୍ୟମରେ ତାଙ୍କ ଆଦର୍ଶକୁ ନୂଆ ପିଢ଼ି ପାଖରେ ପହଞ୍ଚାଇବାର ଏକ ପ୍ରତୀକ ମଧ୍ୟ ହୋଇ ପାରେ । କିନ୍ତୁ ପୁନଶ୍ଚ ମନରେ ପ୍ରଶ୍ନ ଉଙ୍କି ମାରେ ... ଜାତିର ମହାନ ବ୍ୟକ୍ତିତ୍ୱ ମାନଙ୍କ ଛବି କେଉଁଠି, କିପରି ଏବଂ କେଉଁ ଉଦ୍ଦେଶ୍ୟରେ ବ୍ୟବହୃତ ହେବ...ତାହା କିଏ ନିର୍ଣ୍ଣୟ ନେବେ? ଏହି ବିଷୟକୁ ନେଇ ନିଶ୍ଚିତ ଭାବରେ ଏକ ସୁସ୍ଥ ସାମାଜିକ ଆଲୋଚନା ହେବା ଦରକାର । କାରଣ, ଗାନ୍ଧୀଙ୍କୁ ସମ୍ମାନ କେବଳ ତାଙ୍କ ଛବିକୁ ନୋଟ୍ରେ ଛାପି ଦେଲେ ହୋଇଯାଏ ନାହିଁ । ତାଙ୍କୁ ସତ୍ୟରେ ସମ୍ମାନ କରିବାକୁ ହେଲେ ସତ୍ୟ, ଅହିଂସା, ସହିଷ୍ଣୁତା, ମାନବିକତା ଏବଂ ସାମାଜିକ ସମାନତାର ମୂଲ୍ୟବୋଧକୁ ଜୀବନରେ ଅନୁସରଣ କରିବାକୁ ହେବ। ଏଠାରେ ଆଉ ଏକ ବିଡ଼ମ୍ବନା ରହିଛି । ଯେଉଁ ଗାନ୍ଧୀ ସାରା ଜୀବନ ଧନ, ଭୋଗ ବିଳାସ, ଅତ୍ୟଧିକ ସମ୍ପତ୍ତି ପ୍ରତି ଅନାସକ୍ତିର ବାର୍ତ୍ତା ଦେଇଥିଲେ, ଆଜି ତାଙ୍କ ମୁହଁ ହିଁ ଟଙ୍କାର ପ୍ରତୀକ ହୋଇ ଯାଇଛି । ତାଙ୍କ ଛବି ଥିବା ନୋଟ୍କୁ ନେଇ ଆମେ ଲାଭ-କ୍ଷତିର ହିସାବ କରୁଛୁ, ବ୍ୟବସାୟ କରୁଛୁ, ଦରଦାମ କରୁଛୁ । ଏହା କେବଳ ଏକ ପ୍ରତୀକାତ୍ମକ ବିରୋଧାଭାସ ନୁହେଁ କି ? ଗାନ୍ଧୀଙ୍କ ମହତ୍ତ୍ୱ କୌଣସି ନୋଟ୍ର ମୂଲ୍ୟରେ ମାପି ହେବ ନାହିଁ । ତାଙ୍କ ଛବି ନୋଟ୍?ରେ ରହୁ କି ନ ରହୁ, ତାଙ୍କ ଚିନ୍ତାଧାରା ଯଦି ଆମ ମନରୁ ଅଦୃଶ୍ୟ ହୋଇଯାଏ, ତେବେ ନୋଟ୍ରେ ଥିବା ଗାନ୍ଧୀ କେବଳ ଏକ ଛବି ହୋଇ ରହିଯିବେ। ତେଣୁ ଏହି ପ୍ରଶ୍ନକୁ ଭାବନାରେ ନୁହେଁ, ବିବେକରେ ଦେଖିବାର ସମୟ ଆସିଛି । ଜାତିର ମହାନ ବ୍ୟକ୍ତିତ୍ୱଙ୍କୁ ସମ୍ମାନ କରିବାର ଅର୍ଥ କେବଳ ତାଙ୍କ ଛବିକୁ ସବୁଠାରେ ବ୍ୟବହାର କରିବା ନୁହେଁ; ବରଂ ତାଙ୍କ ଆଦର୍ଶକୁ ସମାଜର ଚରିତ୍ରରେ ପରିଣତ କରିବା । ତେଣୁ ଗାନ୍ଧୀଙ୍କୁ ନୋଟ୍ରେ ଖୋଜିବା ପୂର୍ବରୁ....ଆସନ୍ତୁ ନିଜ ବିବେକରେ ଗାନ୍ଧୀଙ୍କୁ ଖୋଜିବା ।

ସ୍ନେହ କୁଟୀର, ଝାଞ୍ଜିରୀ ମଙ୍ଗଳା,
କଟକ- ୭୫୩୦୦୯
ମୋ:୯୯୩୭୧୭୪୦୯୭

# ୮୦ତମ ସ୍ୱାଧୀନତା ଦିବସ ଓ ଆମ ଜାତୀୟ ଗୌରବର ତିନି ପ୍ରତୀକ



## ଅଲେଖ ଚନ୍ଦ୍ର ସାମଲ

ପ୍ରତି ସ୍ୱାଧୀନ ରାଷ୍ଟ୍ରର ସାର୍ବଭୌମତ୍ୱର ବିଶେଷ ପରିଚୟ ବହନ କରେ ଏହାର ଜାତୀୟ ପତାକା, ଜାତୀୟ ସଂଗୀତ ଓ ଜାତୀୟ ସଙ୍କେତ। ଏହା ବିଭିନ୍ନ ଅନ୍ତର୍ଜାତୀୟ ସମାବେଶରେ ନିଜ ଦେଶର ପରିଚୟ ଓ ଅସ୍ତିତ୍ୱ ପ୍ରଦାନ କରିଥାଏ। ଏଥିରେ ନିହିତ ଥାଏ ଦେଶର ସଂସ୍କୃତି, ଇତିହାସ ଓ ଶାସନତନ୍ତ୍ରର ଗୌରବ ଗାଥା। କେବଳ ସେତିକି ନୁହେଁ ଜାତୀୟ ପତାକା, ଜାତୀୟ ସଙ୍ଗୀତ ଓ ଜାତୀୟ ସଙ୍କେତ ରାଷ୍ଟ୍ରର ଲୋକ ସଂସ୍କୃତି, ଇତିହାସ ଓ ମୂଲ୍ୟବୋଧ ବହନ କରୁଥିବାରୁ ଦେଶବାସୀଙ୍କୁ ଏକତା ସୂତ୍ରରେ ବାନ୍ଧିବା ସହ ଦେଶପ୍ରୀତି ଓ ଜାତୀୟ ଗୌରବ ବୋଧକୁ ପ୍ରଜ୍ଜ୍ୱଳିତ କରିଥାଏ।

ଜାତୀୟ ପତାକାର ଇତିହାସ : ଆମ ଦେଶର ପ୍ରଥମ ଜାତୀୟ ପତାକା ୧୯୦୬ ଅଗଷ୍ଟ ୭ ତାରିଖରେ କୋଲକାତାର ପାର୍ସି ବାଗାନ ଛକ (ଗ୍ରୀନ୍ ପାର୍କ)ରେ ଉତ୍ତୋଳନ କରାଯାଇଥିଲା । ଏହି ପତାକାରେ ଥିଲା ନାଲି, ହଳଦିଆ ଓ ସବୁଜ ରଙ୍ଗର ଭୂସମାନ୍ତର ପଟି । ଦ୍ୱିତୀୟ ପତାକାଟି ପ୍ରଥମ ପତାକା ଭଳି ହୋଇଥିଲେ ହେଁ ଉପର ପଟି ଉପରେ ସପ୍ତର୍ଷି ଭଳି ସାତଟି ତାରା ଚିହ୍ନ ରହିଥିଲା । ଏହାକୁ ପ୍ରଥମ ଥର ପ୍ୟାରିସ୍ରେ ଉତ୍ତୋଳନ କରାଯାଇଥିଲା ଓ ବର୍ଲିନରେ ଏକ ସମାଜବାଦୀ ସମ୍ମିଳନୀରେ ପ୍ରଦର୍ଶନ କରାଯାଇଥିଲା । ଭାରତର ତୃତୀୟ ପତାକାଟି ୧୯୧୭ ମସିହାରେ ସ୍ୱରାଜ ଆନ୍ଦୋଳନ ସମୟରେ ଡକ୍ଟର ଆନି ବେସାନ୍ତ ଓ ଲୋକମାନ୍ୟ ବାଳ ଗଙ୍ଗାଧର ତିଳକଙ୍କ ଦ୍ୱାରା ପ୍ରଥମେ ଉତ୍ତୋଳନ କରାଯାଇଥିଲା । ଏଥିରେ ପାଞ୍ଚଟି ନାଲି ରଙ୍ଗ ଓ ଚାରିଟି ସବୁଜ ରଙ୍ଗର ପଟି ଭୂସମାନ୍ତର ଭାବେ ରହିଥିଲା । ଏହା ଉପରେ ସାତଟି ତାରକା ଚିହ୍ନ ସପ୍ତର୍ଷି ମଣ୍ଡଳ ପରି ଅଙ୍କା ଯାଇଥିଲା । ଉପରେ ବାମ କୋଣରେ ୟୁନିଅନ୍ ଜ୍ୟାକ୍ ଚିହ୍ନ ଥିବାବେଳେ ଡାହାଣ ପଟେ ଧଳାର ଅର୍ଦ୍ଧଚନ୍ଦ୍ରରେ ତାରା ଚିହ୍ନ ଥିଲା । ଏହାପରେ ୧୯୨୧ ମସିହା ବିଜ୍ୱାଡ଼ା (ବର୍ତ୍ତମାନର ବିଜୟୱାଡ଼ା ନାମରେ ପରିଚିତ) ଠାରେ ସର୍ବଭାରତୀୟ କଂଗ୍ରେସ କମିଟି ସମ୍ମିଳନୀରେ ଆନ୍ଧ୍ରରେ ଜଣେ ଯୁବକ ଗୋଟିଏ ଜାତୀୟ ପତାକା ତିଆରି କରି ଗାନ୍ଧିଜୀଙ୍କୁ ଦେଇଥିଲେ । ଏଥିରେ ଥିଲା ହିନ୍ଦୁ ଓ ମୁସଲମାନ ସମ୍ପ୍ରଦାୟର ପ୍ରତୀକ ନାଲି ତଥା ସବୁଜ ରଙ୍ଗର ପଟି । ଏହାପରେ ଭାରତରେ ବାସ କରୁଥିବା ଅନ୍ୟାନ୍ୟ ସମସ୍ତ ସମ୍ପ୍ରଦାୟର ପ୍ରତୀକ ଭାବେ ଗାନ୍ଧିଜୀ ଏହାର ମଝିରେ ଧଳା ପଟି ଓ ଜାତୀୟ ପ୍ରଗତିର ଚିତ୍ର ଆଙ୍କିବାକୁ ପ୍ରସ୍ତାବ ଦେଇଥିଲେ । ୧୯୩୧ ମସିହାରେ ଜାତୀୟ ପତାକାରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ କରାଯାଇଥିଲା । ଏକ ତ୍ରିରଙ୍ଗା ପତାକାକୁ ଆମର ଜାତୀୟ ପତାକା ଭାବେ ଗ୍ରହଣ କରିବାକୁ ନିଷ୍ପତ୍ତି ନିଆଗଲା । ଏହି ପତାକାରେ ଥିଲା କେଶର, ଧଳା ଓ ସବୁଜ ରଙ୍ଗର ପଟି ସହ ମଝିରେ ଏକ ଅରଟ ଚିତ୍ର । ପରିଶେଷରେ ୧୯୪୭ ମସିହା ଜୁଲାଇ ୨୨ ତାରିଖରେ ଅରଟ ଚିହ୍ନ ଥିବା ଏହି ତ୍ରିରଙ୍ଗା ପତାକାକୁ ଭାରତୀୟ ସାମ୍ବିଧାନିକ ସଭା ସ୍ୱାଧୀନ ଭାତର ଜାତୀୟ ପତାକା ଭାବେ ସ୍ୱୀକୃତି ଦେଇଥିଲେ । ଦେଶ ସ୍ୱାଧୀନ ହେବା ପରେ ମଧ୍ୟ ଏହି ତ୍ରିରଙ୍ଗା ପତାକା ହେଲା ଜାତୀୟ ପତାକା । କେବଳ ମଝିରେ ଅରଟ ଚିହ୍ନ ପରିବର୍ତ୍ତେ ରହିଲା ଅଶୋକ ଚକ୍ର । ଏହି ତ୍ରିରଙ୍ଗା ପତାକା ବର୍ତ୍ତମାନ ଆମ ଦେଶର ଜାତୀୟ ପତାକା ଓ ଆମ ସ୍ୱାଧୀନତାର ପରିଚୟ ।

ତିନି ରଙ୍ଗର ମହତ୍ତ୍ୱ : ଏହି ତ୍ରିରଙ୍ଗା କେବଳ ତିନିଟି ରଙ୍ଗ ନୁହେଁ । ଏହି ତିନିଟି ରଙ୍ଗ ଆମ ଦେଶର ତିନି ଶକ୍ତି । କେଶର ରଙ୍ଗ ହେଉଛି ଆମ ଦେଶର ଶକ୍ତି ଓ ସାହାସର ପ୍ରତୀକ, ଧଳା ରଙ୍ଗ ଶାନ୍ତି ଓ ସତ୍ୟର ଚିହ୍ନ ଓ ସବୁଜ ରଙ୍ଗ ଆମ ମାଟିର ସବୁଜିମା ବୃଦ୍ଧି, ଉର୍ବରତା ଓ ସଫଳତାକୁ ସୂଚାଏ । ଅଶୋକ ଚକ୍ର ହେଉଛି ନ୍ୟାୟ ଓ ଧର୍ମର ଚକ୍ର ବା ପ୍ରତୀକ । ଦେଶ ସ୍ୱାଧୀନ ହେବାର କିଛି ବର୍ଷ ପରେ ଆମ ଭାରତୀୟ ସମ୍ବିଧାନ ପ୍ରତ୍ୟେକ କାର୍ଯ୍ୟାଳୟ, ଘର, ଶିକ୍ଷାନୁଷ୍ଠାନମାନଙ୍କରେ ପତାକା ଉତ୍ତୋଳନ କରାଯାଇପାରିବ ବୋଲି ସ୍ୱୀକୃତି ଦେଇଥିଲେ।

ଆମ ତ୍ରିରଙ୍ଗା : ଜାତୀୟ ପତାକା ପ୍ରତ୍ୟେକ ସାର୍ବଭୌମ ସ୍ୱାଧୀନ ରାଷ୍ଟ୍ରର ପ୍ରତୀକ, ରାଷ୍ଟ୍ର ମର୍ଯ୍ୟାଦାର ପରିଚୟ । ଶୌର୍ଯ୍ୟ, ଆକାଂକ୍ଷା ଓ ମୁକ୍ତଚେତନାର ପ୍ରତୀକ ଆମ ଦେଶର ଜାତୀୟ ପତାକାଟିକୁ ତିଆରି କରିଛନ୍ତି ପିଙ୍ଗାଳି ଭେଙ୍କେୟାନନ୍ଦ ଓ ଭାରତର ସ୍ୱାଧୀନ ହେବାର କିଛି ଦିନ ପରେ ଅର୍ଥାତ୍ ୧୯୪୭ ଜୁଲାଇ ୨୨ ତାରିଖରେ ଏହାକୁ ଆମ ଭାରତୀୟ ସମ୍ବିଧାନ ଦେଇଛି ସ୍ୱୀକୃତି । କେଶର, ଧଳା ଓ ସବୁଜ - ଏହି ତିନିଟି ରଙ୍ଗର ସମୀକରଣ ଥିବା ଭୂସମାନ୍ତର ତ୍ରିରଙ୍ଗା ପତାକା ଓ ପତାକା ମଝିରେ ଥିବା ଗୋଟିଏ ଅଶୋକ ଚକ୍ର ହେଉଛି ଭାରତୀୟ ଜାତୀୟ ପତାକା ।

ଆମ ଜାତୀୟ ପତାକା ତ୍ରିରଙ୍ଗାର ଉପର ଅଂଶ ଗାଢ଼ ନାରଙ୍ଗୀ ଓ ତଳ ଗାଢ଼ ସବୁଜ ଏବଂ ମଝିରେ ଘନ ନୀଳ ଚକ୍ର ଶୋଭିତ ଧଳା ପଟି, ନାରଙ୍ଗୀ ସାମର୍ଥ୍ୟ ଓ ସାହାସ, ଧର୍ମଚକ୍ର ଓ ଧଳା ଶାନ୍ତି ଏବଂ ସତ୍ୟ, ସବୁଜ ଭୂଖଣ୍ଡର ଉର୍ବରତା, ଅଭିବୃଦ୍ଧି ଓ ପବିତ୍ରତାର ପ୍ରତୀକ। ସେହିପରି ଜାତୀୟ ସଙ୍କେତରେ ଅଶୋକ ସ୍ତମ୍ଭର ତ୍ରିଶିଙ୍ଗ ହେଉଛି ଆମ ଜାତୀୟ ସଙ୍କେତ ଯାହା ଏକ ସ୍ୱାଧୀନ ରାଷ୍ଟ୍ରର ଶାସନତନ୍ତ୍ରର ପ୍ରତୀକ। ଭାରତୀୟ ଜାତୀୟ ସଙ୍କେତରେ ରହିଛି ତିନୋଟି ସିଂହ, ଦକ୍ଷିଣରେ ଅଶ୍ୱ, ବାମରେ ବୃଷଭ ଓ ମଝିରେ ଗୋଟିଏ ଚକ୍ର। ବୃଷଭ କଠିନ ଶ୍ରମ ଓ କର୍ତ୍ତବ୍ୟନିଷ୍ଠତା ଏବଂ ଅଶ୍ୱ ଆନୁଗତ୍ୟ, କ୍ଷୀପ୍ରତା ଓ ଶୌର୍ଯ୍ୟର ସଙ୍କେତ। ତିନୋଟି ସିଂହ ଶାନ୍ତି, ନ୍ୟାୟ ଓ ସହନଶୀଳତାର ପ୍ରତୀକ। ଦେବନାଗରୀ ଲିପିରେ ଲିଖିତ ମୁଣ୍ଡକ ଉପନିଷଦ ତଥା ବେଦର ଶେଷ ପଂକ୍ତି 'ସତ୍ୟମେବ ଜୟତେ' ଅର୍ଥାତ୍ ସତ୍ୟର ହିଁ ବିଜୟ ହୁଏ। ଭାରତର ଜାତୀୟ ସଙ୍ଗୀତ ଜନଗଣମନ ଅଧିନାୟକକୁ ବିଶ୍ୱକବି ରବୀନ୍ଦ୍ରନାଥ ଠାକୁର ଲେଖିଥିଲେ। ୧୯୧୧ଡିସେମ୍ବର ୧୧ରେ ଲିଖିତ ଏହାର ଅନ୍ତଃସ୍ୱରଟି ଭାରତର ସାଂସ୍କୃତିକ, ଐତିହ୍ୟର ମୂଳପିଣ୍ଡ ବିବିଧତା ମଧ୍ୟରେ ଏକତା ଭାବଧାରା ଉପରେ ଆଧାରିତ। ୧୯୫୦ ଜାନୁଆରୀ ୨୪ ତାରିଖ ଦିନ ସମ୍ବିଧାନ ସଭା ଜନଗଣମନ ଭାରତର ଜାତୀୟ ସଙ୍ଗୀତ ବୋଲି ଆନୁଷ୍ଠାନିକ ଭାବେ ଘୋଷଣା ହୋଇଥିଲା। ଭାରତର ୭୯ତମ ସ୍ୱାଧୀନତା ଦିବସ ପାଳନ କରିବାକୁ ଯାଉଥିବାବେଳେ ସମଗ୍ର ଦେଶବାସୀଙ୍କୁ ମୋର ଅଭିନନ୍ଦନ।

+ ପୂର୍ବତନ ଡିଏଫଓ, ପଲାଇ,
ବାଲିଚନ୍ଦ୍ରପୁର, ଯାଜପୁର,
ମୋ : ୯୪୩୭୨୫୭୧୨୩



# ଅଭୁଲା ଜାତୀୟ ପରବ

## ପ୍ରଶାନ୍ତ କୁମାର ଦାଶ

ଦେଶ ଇତିହାସେ ଅଭୁଲା ଦିନଟି
ଜାତି ମୁକତିର ତିଥି
ଏଇଦିନ ଆମ ଦେଶରୁ ଫିରିଙ୍ଗି
ଶାସନ ହୋଇଲା ଇତି ।।

ଅଗଷ୍ଟ ପନ୍ଦର ମହାନ ପରବ
ଭୁଲିବାନି ତାକୁ ଜମା
ଏଇଦିନ ଆମ ଭାରତ ଦେଶରୁ
ହଟିଥିଲା ଦୁଃଖ ଅମା ।।

ଲଢ଼େଇରେ ହାରି ହେଇ ସିନ୍ଧୁ ପାରି
ଗୋରାତ ମେଲାଣି ନେଲେ
ଆମରି ଦେଶର ସଂଗ୍ରାମୀ ସହିଦ
ଆମକୁ ମୁକତି ଦେଲେ ।।

ସତ୍ୟ ଅହିଂସାର ମେଳି କରିଥିଲେ
ଗାନ୍ଧିଜୀ ଆମରି ଦେଶେ
ତାଙ୍କ କଥା ମାନି ହୋଇଥିଲେ ଏକ
ସଭିଏଁ ସଂଗ୍ରାମୀ ବେଶେ ।।

ଆମ ରାଇଜର ଗୋପବନ୍ଧୁ ଦିନେ
ସହିଥିଲେ କାରା ଦୁଃଖ
ଗୁଳି ଗୋଳା ଆଗେ ଜୀବନତ ଦେଲା
ବାଜି ପଛେ ଫିଙ୍ଗି ସୁଖ ।।

ବାପୁଙ୍କ ସପନ ସତହେଲା ଦିନେ
ସ୍ୱାଧୀନ ହୋଇଲା ଦେଶ
ଜୁଲମ୍ ଗୋଲାମ ବେଠି ଲାଠିମାଡ
ଆମ ଦେଶୁ ହେଲା ଶେଷ ।।

ତ୍ରିରଙ୍ଗା ଉଡ଼ିଲା ଫର ଫର ହେଇ
ସାଜି ଗଉରବ ଚିହ୍ନ
ଉଡୁଛି ଉଡ଼ିବ ମାଟିର ଛାତିରେ
ଅଗଷ୍ଟ ପନ୍ଦର ଦିନ ।।

+ କୁଞ୍ଜର -ସଙ୍ଗଳାଇ
ପିପିଲି -ପୁରୀ
(ମୋ) ୯୬୬୮୮୨୨୧୯୦



# ଈଶ୍ୱର

## ସଦାଶିବ ବିଶ୍ୱାଳ



ଅତୁଟ, ଅଖଣ୍ଡ ଆସ୍ଥା ବିଶ୍ୱାସର
ଅନ୍ୟ ନାମ ଈଶ୍ୱର
ସଭିଙ୍କ ଉପରେ ସମାନ ଭାବେ
ବୃଷ୍ଟିହୁଏ ତାଙ୍କ କୃପା ଅପାର

ଅନ୍ତରର ମୂଢ଼ପଣ
ଈଶ୍ୱରଙ୍କ ନିକଟକୁ ଯିବାକୁ ଦିଏନି
ଅଖଣ୍ଡ ଆସ୍ଥା ସ୍ଥାପନରେ ବାଟ ଓଗାଳେ
ଈଶ୍ୱରଙ୍କ କୃପା ପାଇ ହୁଏନି

ଈଶ୍ୱର ସର୍ବ ବିଦ୍ୟମାନ
ଭକ୍ତ ପ୍ରହଲ୍ଲାଦଙ୍କ ଉକ୍ତିରେ
ଦୁଷ୍ଟନାସି ଭକ୍ତ ଉଦ୍ଧାରନ୍ତି
ଆବିର୍ଭୁତ ହୁଅନ୍ତି ଖମ୍ବରେ

ଜୟ ହୁଏ ଅତୁଟ ଆସ୍ଥା ବିଶ୍ୱାସର
ପରାଜୟ ଲଭେ ମୂଢ଼ପଣ
ପରମାତ୍ମା କୃପା ଅକ୍ଷୟପାତ୍ର
ଦୁଷ୍ଟ ନିବାରି ହୁଏ ସନ୍ଥ ପାଳନ

+ ଅଙ୍ଗାରୁଆ, ଜିଲ୍ଲା - କେନ୍ଦୁଝର



# ସ୍ୱାଧୀନ ଭାରତ

## ସୁନନ୍ଦା ମହାନ୍ତି



କିଛି ଲୋକ ଏବେବି ଅନ୍ଧକାରେ
ପଚାରନ୍ତି ସ୍ୱାଧୀନ ଭାରତ
ଆଉ ଅଛି କେତେବାଟରେ
ସେମାନଙ୍କ ଭିତରୁ କେତେକ ନାରୀ
ଯାହାର କିଛିନା କିଛି ଅଇରୀ
ଥୋକେ ଗରୀବ ଲାଗିରହେ ଅଭାବ
ଆଉ କିଛି ଲଙ୍ଗଳା ଫୁଙ୍ଗୁଳା ପିଲା
କହିପାର ଚଗଲା ବା ଓଲା
ଏମିତି ଲାଗେ ମାଆ ତାର ସେଇ ନାରୀ
ଘରେ ଓ ବାହାରେ ବଇରୀ
ବାପା ତାର ଦାଦନ ଅଥବା ଅଳସୁଆ
କେହି ଦୀନହୀନ
ପିଲାଟି କିନ୍ତୁ ଖୁସି ହୁଏ
ଜାତୀୟ ପତାକା ଦେଖି ଡାକ ଦିଏ
ବୋଉ..... ଏ ବୋଉ
ମତେ ସ୍କୁଲକୁ ଛାଡେ ମୁଁ ଭଲ ପଢେ
ଦେଶ ଓ ଜାତିକୁ ଏତେ ସ୍ୱାଧୀନତା ଦେବି
ତୁ ଦେଖିନଥିବୁ କେବେବି
ସତରେ ସେ ପାରିବ କି
ବିସ୍ମୟ ବିଜ୍ଞାନକୁ ଆଲୋକ ଦେଖାଇ
ସୁନାମୀ ବନ୍ୟା ମୃତ୍ୟୁକୁ ରୋକି ଦେଇ
କର୍ମଠ କରେଇବ ପାହାଡ଼ ନଈ !
ଛାଇଦେବ ସ୍ୱାଧୀନତା ଗଛ ଲଗେଇ
ନିଶ ଉଠା ପାଠ ଛତୁ ଉଠା କାଠ ଆଡେଇ।

+ ସାକ୍ଷୀଗୋପାଳ, ପୁରୀ
୯୦୪୦୯୭୭୩୨୭

# ଆସିଛି ଅଗଷ୍ଟ ପନ୍ଦର

## ନୀଳମଣି ଚାନ୍ଦ



ଆସିଛି ଅଗଷ୍ଟ ପନ୍ଦର ବୋଲି
ଆମେ ଜାଣିଛୁ
ଜାତୀୟ ପତାକା ତ୍ରିରଙ୍ଗା
କେତେ କିଣି ଆଣିଛୁ।
କୁନିକୁନି କିଛି ପିଲାଙ୍କୁ
ପାଖକୁରେ ଡକେଇ
ବୁଝେଇଲେ କଥା ଛଳରେ
ଦୀନବନ୍ଧୁ କକେଇ।

କହିଲେ ତୁମର ଜନମଦିନ
ପାଳ ଯେମିତି
ସ୍ୱାଧୀନ ଭାରତ ଜନମଦିନ
ଇଏ ସେମିତି।
ଦରିଆ ପାରିରୁ ବଣିଜପାଇଁ
ଆସି ଇଂରେଜ
ଶାସନ କରିଲେ ହାତରେ ରଖି
ଆମ ରାଇଜ।

ଗାନ୍ଧୀ ମହାତ୍ମାଙ୍କୁ ମୁରବି
ମାନି ହେଲା ସଂଗ୍ରାମ
କେତେ କେତେ ବର୍ଷ ଚାଲିଲା
ହେଲାନାହିଁ ବିରାମ।
ଅସ୍ତ୍ର ଥିଲା ଶାନ୍ତି, ଅହିଂସା
କରିବାକୁ ଲଢେଇ
ଅକାରଣ ହେଲା କମାଣ
ଭାଙ୍ଗିଗଲା ବଡେଇ।

ଫେରିଲେ ଇଂରେଜ ଦେଶରୁ
ଦେଶ ହେଲା ସ୍ୱାଧୀନ
ଆମେ ପ୍ରଜା ଆମେ ଶାସକ
ନୁହେଁ କା'ର ଅଧୀନ।
ସେ ପରା ଅଗଷ୍ଟ ପନ୍ଦର
ଆମପାଇଁ ଅଭୁଲା
କହେ ଦେଶପ୍ରେମୀ ହୁଅରେ
ମିନୁ, ବିଭୁ, ଜୁବୁଲା।

ଜନ-ଗଣ-ମନ ଗାଇବା ତ୍ରିରଙ୍ଗାକୁ ଉଡେଇ
ସଂଗ୍ରାମୀଙ୍କ ଫଟୋ ପାଖରେ ଫୁଲ ଦେବା କୁଢ଼େଇ

+ ମନ୍ତ୍ର ମାନୋର, ଗୋଠପାଟଣା
ଭୁବନେଶ୍ୱର, ମୋ:୯୫୮୩୨୦୨୩୫୭

# ଆସ ପତାକା ଦେବା ଉଡାଇ

## ସୁଜିତ କୁମାର ମିଶ୍ର



ଆସ ପତାକା ଦେବା ଉଡାଇ
ଭକତି ଭାବେ ଆଜି,
ସଜାଇ ଦେବା ଭକତି ଫୁଲେ
ବଢିବ ଶୋଭାରାଜି।

ବଖାଣିବ ସେ ମୁକତି କଥା
ପବନେ ଉଡିଉଡି,
ମନେ ପଡିବ ଲହୁଲୁହର
କାହାଣୀ ଘଡିଘଡି ।

ବାଣ୍ଟୁଥିବ ସେ ଶାନ୍ତି ପ୍ରଗତି
ତ୍ୟାଗର ବାର୍ତ୍ତା ନିତି,
ଅଖଣ୍ଡ ଆମ ଦେଶ ହୋଇବ
ଟାଣ କରିକି ଛାତି ।

ଆମ ଜୀବନ ଚଲାପଥେ ସେ
ହୋଇବ ନୂଆ ଦିଶା,
ମନ ପରାଣେ ଭରି ଦେବ ସେ
ଏକତା ମନ୍ତ୍ର ଆଶା ।

ପ୍ରେରଣା ଦୀପ ଜାଳି ଦେବ ସେ
ପ୍ରୀତିର ରଙ୍ଗ ବୋଳି,
ଏ ଦେଶ ପାଇଁ ସଭିଏଁ ନିତି
ଦେବେ ଆତମ ବଳି ।

ଆମ ପତାକା ପାଇଁ ଆମେ ତ
ଗରବେ ଭାରତୀୟ,
ଏକାଠି ହୋଇ ଆମେ ବିଶ୍ୱକୁ
ପାରିଛୁ କରି ଜୟ ।

+ ଜନାର୍ଦ୍ଦନପୁର ଶାସନ
କେନ୍ଦୁଝର
(ମୋ) ୭୬୮୩୮୬୭୭୪୨

# 'କଦମ୍ବ ଫୁଟିଲା ସହୀ'

## ପୀତାମ୍ବର ଦାସ



ଗାଆଁ ନଈକୂଳେ ଜାମୁକୋଳି ଗଛ
ଚଢି ଖାଇଥାଉ କୋଳି।
କୋଳି ଖାଇ ସାରି ତା ଗଛ ଡାଳରେ
ଖେଳି ଥାଉ ପୁଣି ଦୋଳି।
ଆଷାଢ଼ ବର୍ଷାରେ ତା କୂଳେ କଦମ୍ବ
ଫୁଲ ଫୁଟି ମହକଇ।
ତା କୋମଳ ଦେହେ ସୁଗନ୍ଧ ବାସନା
ମନକୁତ ନିଏ ମୋହି।
ଆଜିତ ଖେଳୁଛି ଆକାଶେ ବାଦଲ
ଚାଲ ଯିବା ନଈ କୂଳେ।
ମୟୂର ନାଚ ତ ଦେଖିବା ସେଇଠି
ନାଚୁ ଥିବେ ତାଳେ ତାଳେ।
ଫୁଲ ସୁନ୍ଦରତା ଦେଖିବି ମୟୂର
ପୁଚ୍ଛ ତା ଦେବ ମେଲେଇ।
ଦେଖିବା ଚାଲରେ ଆମେ କୁନିପିଲା
କଦମ୍ବ ଫୁଟିଛି ସଇ।
ଫିଙ୍ଗା ଫିଙ୍ଗି ହୋଇ କଦମ୍ବ ଫୁଲରେ
ଖେଳିବା ମଜାର ଖେଳ।
ମଉସୁମୀ ପରା ଆସିଛି ଧାରାକୁ
ଇଏତ ଶୁଭର ବେଳ।
ଶୁଣୁଥିବା ଗୀତ ଚାଷୀ ଭାଇ ଠାରୁ
ଚଷୁଥିବ ଚାଷ ଜମି।
ମନ ଆନନ୍ଦରେ ଦୋଳି ଖେଳ ପରେ
ନାଚିଯିବା ଝୁମି ଝୁମି।
ସବୁଜ ଦିଶଇ ଧାନ ଚାଷ କ୍ଷେତ
ନଈ ଜଳେ ପଦ୍ମ କଇଁ।
ଛୁଟାଏ ସୁଗନ୍ଧ ମଉସୁମେ ଯେବେ
କଦମ୍ବ ଫୁଟିଲା ସହୀ।

+ ଗୋପାଳ ଗାଁ,ବାଲେଶ୍ୱର
ମୋ:୯୪୩୭୩୪୮୭୯୧

## ଶିକ୍ଷୟତ୍ରୀ ଶାନ୍ତିଲତା ମହାପାତ୍ରଙ୍କ ବିୟୋଗ

ଭଦ୍ରକ , ୧୪/୮ (ନି.ପ୍ର): ଭଦ୍ରକ ସହରର କୁଆଁସ ଗ୍ରାମର ଶିକ୍ଷୟତ୍ରୀ ଶାନ୍ତିଲତା ମହାପାତ୍ର ଙ୍କର ଗତକାଲି ଭୁବନେଶ୍ୱର ସ୍ଥିତ କିମ୍ସ ହସ୍ପିଟାଲ ରେ (୮୫)ବୟସରେ ଦେହାନ୍ତ ହୋଇଛି । ତାଙ୍କ ମରଶରୀରକୁ ଭଦ୍ରକ ଅଣାଯାଇ ସେ ଶିକ୍ଷୟତ୍ରୀ ଥିବା ଭଦ୍ରକ ସରକାରୀ ବାଳିକା ବିଦ୍ୟାଳୟ ଓ ଭଦ୍ରକ ଜିଲ୍ଲା ସ୍କୁଲ ଓ କୁଆଁସ ଗ୍ରାମରେ ଆଜି ଶୁକ୍ରବାର ପରିକ୍ରମା କରାଯାଇ ଗ୍ରାମରେ ଥିବା ସ୍ୱର୍ଗ ଦ୍ୱାର ଠାରେ ଅନ୍ତେଷ୍ଟି କ୍ରିୟା କରାଯାଇଛି କ୍ଷସେ ହେଉଛନ୍ତି ଶିକ୍ଷକ ଉଦୟ ମହାନ୍ତି ଙ୍କ ପତ୍ନୀ କ୍ଷତାଙ୍କ ବିୟୋଗର ଖବର ପାଇ ତାଙ୍କ ମରାଶରୀରରେ ପ୍ରାକ୍ତନ ବିଧାୟକ ରାଜେନ୍ଦ୍ର କୁମାର ଦାସ, ମୁକ୍ତିକାନ୍ତ ମଣ୍ଡଳ,ଯୁକ୍ତ ଦୁଇ ଓ ତିନ ର ସଭାପତି ତପନ ନାୟକ ଉପସଭାପତି କୁନି ମହାନ୍ତି, ମିନୁ ଶର୍ମା, ଅକ୍ଷୟ ଦାସ,ଅଭିଜିତ ମହାନ୍ତି, ଶାନ୍ତନୁ ଗୁହ ସତ୍ୟବ୍ରତ ମହାନ୍ତି, ଯୁବ ନେତା ଆଶିଷ ରାଉତ, ପଙ୍କଜ ବଳ,ଦେବରୂପ ମହାନ୍ତି,କଳ୍ପତରୁ ପରିଡା, ସଂଜୀବ ଦାସ, ସାମାଜିକ କର୍ମୀ ଐଶକାନ୍ତ ମହାନ୍ତି,ଆଇନଜୀବୀ ନିଶିକାନ୍ତ ନାୟକ, ମନୋରଞ୍ଜନ ଦାସ, ବରିଷ୍ଠ ସାମ୍ବାଦିକ ରବିନାରାୟଣ ଖିଲାର,ଅଡିଟର ଅନିଲ ନାୟକ, ମୁନା ପ୍ରଧାନ, ମହିଳା ସଂଗଠନ ପକ୍ଷରୁ ଅଞ୍ଜନା ମିଶ୍ର, ଶିକ୍ଷକ ପ୍ରଭାକର ମଲ୍ଲିକ,ବିଜୟ ବେହେରା, ମନୋଜ ସାହୁ, ଶିକ୍ଷୟତ୍ରୀ ମନୋରମା ରାୟ, କାଉନସିଲର ଜ୍ୟୋତିର୍ମୟୀ ପଟ୍ଟନାୟକ,ପ୍ରାକ୍ତନ କାଉନସିଲର ଶୁଭଙ୍କର ମହାପାତ୍ର,ପ୍ରମୁଖ ଯୋଗଦେଇ ତାଙ୍କ ମରାଶରୀର ରେ ପୁଷ୍ପମାଲ୍ୟାର୍ପଣ କରିଥିଲେ । ଶାନ୍ତି ଦିଦି ଜଣେ ଛାତ୍ର ବତ୍ସଳ, ସ୍ନେହୀ,ଦରଦୀ, ପରୋପକାରୀ ଶିକ୍ଷୟତ୍ରୀ ଥିଲେ ସେ ବହୁ ଗରିବ ଛାତ୍ର ଛାତ୍ରୀ ଙ୍କୁ ପାଠ ପଢାଇବାରେ ସାହାଯ୍ୟ କରୁଥିଲେ କ୍ଷ ବିଦ୍ୟାଳୟ ର ଛାତ୍ରଛାତ୍ରୀ ମାନେ ତାଙ୍କ ମରଶରୀରରେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ । ତାଙ୍କ ବଡ଼ ପୁଅ ଆଲୋକ ମହାନ୍ତି ମୁଖାଗ୍ନି ଦେଇଥିଲେ କ୍ଷସାନପୁଅ ଟିକିନା ମହାନ୍ତି ଙ୍କ ସମେତ ଦୁଇଝିଅ ଓ ସମ୍ପର୍କୀୟ ଗ୍ରାମବାସୀ ମାନେ ଉପସ୍ଥିତ ଥିଲେ।

## ବସଷ୍ଟାଣ୍ଡ ସ୍ଥାନାନ୍ତର ସ୍ଥଗିତ କରାନଗଲେ ନୀଳଗିରି ବନ୍ଦ: ସର୍ବଦଳୀୟ ବୈଠକରେ ସହମତି



ନୀଳଗିରି, ୧୪/୮ (ନି.ପ୍ର): ବାଲିଗୋହିରୀ ସ୍ଥିତ ପୁରାତନ ବସଷ୍ଟାଣ୍ଡକୁ ସ୍ଥାନାନ୍ତରକରି ଘାଟଘରସାହି ବାସୁଳିମନ୍ଦିର ନିକଟରେ ଥିବା ଏକ ସରକାରୀ ଜାଗାରେ ଏକ ଅତ୍ୟାଧୁନିକ ବସଷ୍ଟାଣ୍ଡ ନିର୍ମାଣ କରିବାପାଇଁ ବର୍ତ୍ତମାନର ବିଧାୟକ ସନ୍ତୋଷ କୁମାର ଖଟୁଆଙ୍କ ପ୍ରଚେଷ୍ଟାରେ ରାଜ୍ୟସରକାର ଅର୍ଥମଞ୍ଜୁର କରିବାକୁ ସହମତି ପ୍ରକାଶପରେ ବିଭାଗପକ୍ଷରୁ ଏହାର ସର୍ଭେ ଆରମ୍ଭ ହୋଇଯାଇଛି। ତେବେ ବସଷ୍ଟାଣ୍ଡ ସ୍ଥାନାନ୍ତରଣ ପ୍ରକ୍ରିୟାକୁ ବିରୋଧକରି ଆଜି ଅପରାହ୍ନ ୪ ଘଟିକା ସମୟରେ କଂଗ୍ରେସ ଯୁବନେତା ଅଶ୍ୱିନୀ କୁମାର ପାତ୍ରଙ୍କ ନେତୃତ୍ୱରେ ଏକ ସର୍ବଦଳୀୟ ବୈଠକ ନୀଳଗିରି ଡାକବଙ୍ଗଳା ଠାରେ ଅନୁଷ୍ଠିତ ହେଇଥିଲା । ଏହି ବୈଠକରେ ସବୁ ବିରୋଧୀଦଳର ପ୍ରମୁଖ ନେତା ଓ କର୍ମୀଙ୍କ ସମେତ ପୂର୍ବତନ ବିଧାୟକ ଏବଂ ବହୁ ବରିଷ୍ଠ ସାଧାରଣ ନାଗରିକ ଉପସ୍ଥିତ ଥିଲେ । ତେବେ ଉପସ୍ଥିତ ସଦସ୍ୟଙ୍କୁ ନେଇ ଏକ କମିଟି ଗଠନ କରାଯାଇଅଛି । ବାଲିଗୋହିରି ସ୍ଥିତ ଥିବା ବସଷ୍ଟାଣ୍ଡଟି ସବୁ ଦୃଷ୍ଟିକୋଣରୁ ନିରାପଦ ଏବଂ ସମସ୍ତ ଅଫିସ୍, ସ୍କୁଲ, କଲେଜକୁ ଯାତାୟାତ ପାଇଁ ସମ୍ପୂର୍ଣ୍ଣ ସୁବିଧା ରହିଛି । ଏଣୁ ପୁରୁଣା ବସଷ୍ଟାଣ୍ଡରେ ସମସ୍ତ ଅର୍ଥ ବିନିଯୋଗକରି ଆଧୁନିକିକରଣ କରାଗଲେ ସ୍ୱାଗତ କରାଯିବ ଅନ୍ୟଥା ବସଷ୍ଟାଣ୍ଡ ସ୍ଥାନାନ୍ତର ପ୍ରକ୍ରିୟାକୁ ରଦ୍ଦ କରାନଗଲେ ଆଗାମୀଦିନରେ ନୀଳଗିରି ବନ୍ଦ ସହ ଜନଆନ୍ଦୋଳନକୁ ତୀବ୍ରତର କରାଯିବବୋଲି ଗଠିତ କମିଟିଦ୍ୱାରା ସ୍ଥିର କରାଗଲା । ଉକ୍ତ ବୈଠକରେ ପୂର୍ବତନ ବିଧାୟକ ସୁକାନ୍ତ ନାୟକ, ବିଜେଡ଼ି ବ୍ଲକ ସଭାପତି ରାଜୀବ କୁମାର ଦାସବାବୁ, ସିପିଆଇ (ଏମ) ନେତା ବିଜୟ କୁମାର ପାତ୍ର, କଂଗ୍ରେସ ବ୍ଲକ ସଭାପତି ତପନ କୁମାର ରାଉତ, ଜିଲ୍ଲା ସମ୍ପାଦକ ଯୋଗେଶ୍ୱର ବେହେରା, ରାମକୃଷ୍ଣ ଜେନା , ଗଙ୍ଗାଧର ମିଶ୍ର, ରାଧାଗୋବିନ୍ଦ ଖଟୁଆ, ବୁଦ୍ଧଦେବ ସରକାର, ଶରତ ଦାସ, ପୁରଷୋତ୍ତମ ଦାସ, ବାସୁଦେବ ପାତ୍ର, ଦୀପକ ଦାସ, ପତିତ ପାବନ ଦାସ, ବିଦ୍ୟାଧର ମହାନ୍ତି, କୁଳମଣି ନାୟକ, ଆଦର୍ଶ ଗୌରବ ଦାସ, ଶୀତାଂଶୁ ଶେଖର ପରିଡା ଏବଂ ବହୁ ଜନସାଧାରଣ ଉପସ୍ଥିତ ଥିଲେ।

## ଗଣତନ୍ତ୍ରରେ...

(ପୃଷ୍ଠା ୫ର ଅବଶିଷ୍ଟାଂଶ)

ଏହାଫଳରେ ଦେଶ, ସମାଜ, ରାଷ୍ଟ୍ର ସବୁ ହୀନବଳ ହେବାକୁ ବାଧ୍ୟ ହୁଏ। ମନୁଷ୍ୟର ଚିରକାମ୍ୟ ସ୍ୱସ୍ତି, ଶାନ୍ତି, ସମୃଦ୍ଧି ଦିନକୁ ଦିନ ତିରୋହିତ ହୋଇଯାଏ। ତେଣୁ ଗଣତନ୍ତ୍ରକୁ ସଫଳ କରିବାକୁ ଗଲେ ପ୍ରଥମେ ଇଷ୍ଟତନ୍ତ୍ରକୁ ଅନୁସରଣ କରିବାକୁ ହୁଏ। ଯୁଗାଚାର୍ଯ୍ୟ ପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ମତ ବ୍ୟକ୍ତ କଲେ - ଯେଉଁଠାରେ ଜନଗଣ ପରିପୂରଣୀ ସେବା ଓ ଆତ୍ମସମର୍ପଣ ନେଇ ଏକାଦର୍ଶରେ ମିଳିତ ହୁଅନ୍ତି, ଯେଉଁ ସେବା ଓ ଆତ୍ମସମର୍ପଣ ପ୍ରତି ଜୀବନକୁ ଧୃତିପୋଷଣୀବର୍ଦ୍ଧନାରେ ପରିଚାଳିତ କରେ, ସେଠାରେ ଜାଗିଉଠେ ଶକ୍ତି, ଦୀପ୍ତ ହୋଇ ଉଠେ ପ୍ରେମର ଶାସନ ଓ ତ୍ୱରିତ୍ ଗତିରେ ପ୍ରୋଜ୍ଜ୍ୱଳ ହୋଇଉଠେ ସହଜ ସମ୍ବିଧାନ ମିଶ୍ରିତ ଗୌରବ ଓ ସ୍ୱାଧୀନତା ସମନ୍ୱିତ ଗଣତାନ୍ତ୍ରିକ ସ୍ୱତଃତନ୍ତ୍ର। ମୁଁ ଯାହା ବୁଝେ ଏହା ହେଲା ସ୍ୱାଭାବିକ ଗଣତନ୍ତ୍ର।

ଅଟୋକ୍ରେସିର ଅର୍ଥ ବୁଝାଇବାକୁ ଯାଇ ଯୁଗ ଗୁରୁ ପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ବ୍ୟକ୍ତ କଲେ - ଯଥେଷ୍ଟଚାର ଶାସନ ପ୍ରଣାଳୀ ବା ଅଟୋକ୍ରେସୀ କହିଲେ ମୁଁ ବୁଝେ - ସ୍ୱତଃସ୍ଫୁର୍ତ୍ତ ଶାସନତନ୍ତ୍ର। କେହି ଯଦି ଇଷ୍ଟଙ୍କୁ ଭଲ ପାଆନ୍ତି ଓ ଇଷ୍ଟାନୁରାଗ ଅନୁପ୍ରେରଣାରେ ପରିବେଶର ଇଷ୍ଟାନୁରାଗ ସେବା - ସମ୍ବର୍ଦ୍ଧନା ନେଇ ଚାଲନ୍ତି, - ସେତେବେଳେ ସେହି ଚଳନଟି ହୁଏ ଅବାଧ। ଯିଏ ଭଗବାନଙ୍କର ବିଧି ମାନନ୍ତି, ସତ୍ତା ସମ୍ବର୍ଦ୍ଧନାର ବିଧି ମାନି ଚାଲନ୍ତି ସେ ହିଁ ପ୍ରକୃତ ସ୍ୱାଧୀନ। ତାଙ୍କର ସ୍ୱାଧୀନ ଚଳନ ଅନ୍ୟର ସତ୍ତାପୋଷଣୀ ସ୍ୱାଧୀନ ଚଳନରେ କୌଣସି ବ୍ୟାଘାତ ସୃଷ୍ଟି କରେନାହିଁ, ବରଂ ତାକୁ ପୁଷ୍ଟକରି ଉଠାଏ। ଏପରି ନିର୍ବିରୋଧ ଅବାଧ ଚଳନ କ'ଣ ଖରାପ ? ରାଷ୍ଟ୍ର ଓ ରାଷ୍ଟ୍ରନାୟକଙ୍କର ଗତି - ପ୍ରବୃତ୍ତି ଯଦି ଏଭଳି ହୁଏ ତାହାହେଲେ ଭଲ ନିଶ୍ଚୟ ହୁଏ। ଦୃଢ଼ କଣ୍ଠରେ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ବ୍ୟକ୍ତ କଲେ - ଯେଉଁ ସ୍ୱତଃସ୍ଫୁର୍ତ୍ତ ଶାସନତନ୍ତ୍ର ପାରସ୍ପରିକ ସ୍ୱାର୍ଥାନ୍ୱିତ ପ୍ରୀତିମୁଖର ସେବା ମାଧ୍ୟମରେ ପ୍ରତିଟି ଅନୁରାଗଦୀପ୍ତ ବ୍ୟକ୍ତିତ୍ୱକୁ ଧାରଣ ଓ ପୋଷଣ କରେ ଏବଂ ସେମାନଙ୍କର ଉନ୍ନୟନୀ ଗତିର ଉପଯୋଗୀ ଲଓୟାଜିମାର ବ୍ୟବସ୍ଥା କରି ପ୍ରତ୍ୟେକ ଜୀବନ ଓ ବର୍ଦ୍ଧନକୁ ଉତ୍‌ଫୁଲ୍ଲ କରି ତୋଳେ, ତାହା ହିଁ ହେଲା ପାରସ୍ପରିକ ଐକ୍ୟ ସମ୍ବନ୍ଧ ପ୍ରୀତି ପରିଚର୍ଯ୍ୟାର ଆବାସଭୂମି, ପ୍ରୀତି ପ୍ରବୃଦ୍ଧ ଶାସନ ସମନ୍ୱିତ ସ୍ୱାଧୀନତା ଓ ସ୍ୱତଃସ୍ଫୁର୍ତ୍ତ ଶାସନତନ୍ତ୍ରର ଔଜଲ୍ଲ୍ୟ ସହ ଗଣତନ୍ତ୍ର ସେଠାରେ ହାସ୍ୟମୁଖର।

ପ୍ରତିରତ୍ୱିକ ଓ ଅବସରପ୍ରାପ୍ତ ପ୍ରଫେସର, ହେପାଟୋଲୋଜି ବିଭାଗ, କଟକ,
ଦୂରଭାଷ : ୯୪୩୭୦୫୧୯୫୭

## ଜତିପୁରଠାରେ 'ଆଇଏସଏଫ' ପକ୍ଷରୁ ବୃକ୍ଷରୋପଣ ଓ ଗୋଷ୍ଠୀ କଲ୍ୟାଣ କାର୍ଯ୍ୟକ୍ରମ ଅନୁଷ୍ଠିତ




ବୈଶିଙ୍ଗା , ୧୪/୮ (ନି.ପ୍ର): ସମାଜର ସାଧାରଣ ଲୋକଙ୍କ ସ୍ଥାୟୀ ଜୀବନଶୈଳୀ, ଗୋଷ୍ଠୀ ସଶକ୍ତୀକରଣ ତଥା ଶାନ୍ତିପୂର୍ଣ୍ଣ ସମାଜ ଗଠନ ଏବଂ ଏକ ସମୃଦ୍ଧ, ଆତ୍ମନିର୍ଭରଶୀଳ, ପରିବେଶ ଅନୁକୂଳ ଓ ବିଶ୍ୱସ୍ତରୀୟ ଶାନ୍ତିପୂର୍ଣ୍ଣ ବିଶ୍ୱ ନିର୍ମାଣର ଲକ୍ଷ୍ୟ ନେଇ ଆଜି ବାରିପଦା ନିକଟସ୍ଥ ଜାତିପୁର ଗ୍ରାମରେ 'ଇଣ୍ଟରନ୍ୟାସନାଲ ସନାତନ ଫାଉଣ୍ଡେସନ' ପକ୍ଷରୁ ଏକ ବୃକ୍ଷରୋପଣ ଓ ଗୋଷ୍ଠୀ କଲ୍ୟାଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପରିବେଶ ସଂରକ୍ଷଣ ସହିତ ଜୀବିକା ନିର୍ବାହ ତଥା ପାରିବାରିକ କଲ୍ୟାଣକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଗ୍ରାମବାସୀଙ୍କୁ ପ୍ରାୟ ୫୦ଟି ଲେମ୍ବୁ, କମଳା ଏବଂ ପିଜୁଳି ଚାରା ବଣ୍ଟନ କରାଯିବା ସହ ରୋପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଆଇଏସଏଫର ସଭାପତି ଇଂ. ସୁବ୍ରତ କୁମାର ଦାଶ, ଅଧ୍ୟକ୍ଷ ଡ. ଜଗବନ୍ଧୁ ମିଶ୍ର, ସମ୍ପାଦକ ଶାନ୍ତନୁ ପାତ୍ର, ନିରଞ୍ଜନ ମହାନ୍ତି ଏବଂ ସୁଭ୍ରାମ ଦାଶଙ୍କ ସମେତ ଅନ୍ୟାନ୍ୟ ସଦସ୍ୟମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ। ଏହା ସହିତ 'ଇନଫୋକ୍ରିଏଟିଭ୍ସ ସର୍ଭିସେସ ପ୍ରାଇଭେଟ ଲିମିଟେଡ'ର ପ୍ରତିଷ୍ଠାତା ତଥା ପରିଚାଳନା ନିର୍ଦ୍ଦେଶକ ଇଂ. ସୌମ୍ୟରଞ୍ଜନ ମିଶ୍ର ତାଙ୍କ ଟିମ୍ ସଦସ୍ୟ ଜିପୁନ କୁମାର ଗିରି, ସିପୁନ ନନ୍ଦ ଏବଂ ସ୍ମୃତିରଞ୍ଜନ ସାହୁଙ୍କ ସହ ଉପସ୍ଥିତ ରହି ଫାଉଣ୍ଡେସନର ଏହି ଜନକଲ୍ୟାଣକାରୀ ପଦକ୍ଷେପକୁ ସମର୍ଥନ ଜଣାଇଥିଲେ। କାର୍ଯ୍ୟକ୍ରମର ଏକ ଅଂଶ ଭାବରେ ଆଇଏସଏଫ୍ ସଦସ୍ୟମାନେ ଗ୍ରାମବାସୀଙ୍କ ମଧ୍ୟରେ ଖାଦ୍ୟ ପ୍ୟାକେଟ ବଣ୍ଟନ କରିଥିଲେ, ଯାହା ପରିବେଶ ସୁରକ୍ଷା ସହିତ ମାନବସେବା ପ୍ରତି ସଂଗଠନର ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଥିଲା। ତୃଣମୂଳ ସ୍ତରରେ ସାର୍ଥକ କାର୍ଯ୍ୟ ମାଧ୍ୟମରେ ଭାରତୀୟ ସଂସ୍କୃତି, ମୂଲ୍ୟବୋଧ, ଜ୍ଞାନ ଓ ପରମ୍ପରାର ପୁନରୁଦ୍ଧାର ତଥା ଏକ ସବୁଜ, ସୁସ୍ଥ, ଆତ୍ମନିର୍ଭର ଏବଂ ଶାନ୍ତିପୂର୍ଣ୍ଣ ଭବିଷ୍ୟତ ଗଠନ ଦିଗରେ ମିଳିମିଶି କାର୍ଯ୍ୟ କରିବା ପାଇଁ ସମାଜକୁ ପ୍ରେରିତ କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ଥିଲା।

## ମହିନ୍ଦ୍ରା ଫାଇନାନ୍ସ କମ୍ପାନୀ ପକ୍ଷରୁ ବିଦ୍ୟାଳୟକୁ ପଙ୍ଖା ବଣ୍ଟନ

ଆଳି, ୧୪/୮ (ନି.ପ୍ର):ଆଳି ନମୌଜା ଅଂଚଳ ର ଜଣେ ସମାଜ ସେବୀଙ୍କ ଉଦ୍ୟମ କ୍ରମେ ମହିନ୍ଦ୍ରା ଫାଇନାନ୍ସ କମ୍ପାନୀ ପକ୍ଷରୁ ବଡାମ୍ବିଳା ଗ୍ରାମ ପଂଚାୟତର ସାହୁପଡ଼ା ଗ୍ରାମରେ ଥିବା ସାହୁପଡା ପ୍ରୋଜେକ୍ଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଫ୍ୟାନ ବଣ୍ଟନ କରାଯାଇଛି । ବିଦ୍ୟାଳୟକୁ ଚାରୋଟି ସିଲିଂ ଫ୍ୟାନ, ଦୁଇଟି ଷ୍ଟାଣ୍ଡ ଫ୍ୟାନ କମ୍ପାନୀ ପକ୍ଷରୁ ପ୍ରଦାନ କରାଯାଇଛି । ଏହି ଅବସରରେ ବିଦ୍ୟାଳୟ ପରିସରରେ ଆୟୋଜିତ ଏକ ଉତ୍ସବରେ ମୁଖ୍ୟ ଅତିଥି ଭାବେ କମ୍ପାନୀର ମାନବ ସମ୍ବଳ ବିଭାଗ ମୁଖ୍ୟ ସୋମେନ୍ଦ୍ର ଘୋଷ, ମୁଖ୍ୟ ବକ୍ତା ଭାବେ ସିଆରସିସି ମହାଦେବ ପଣ୍ଡା, ସମ୍ମାନିତ ଅତିଥିଭାବେ




ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶଶୀଭୁଷଣ ଦାଶ, ଅକ୍ଷୟ ଦାସ, କମ୍ପାନୀର ବ୍ୟବସାୟ ପରିଚାଳକ ବନମାଳୀ ତରସିଆ ଓ ନାସେର ମହମ୍ମଦ, ଶାଖା ପରିଚାଳକ ରାକେଶ ମହାନ୍ତି, କମ୍ପାନୀର ଶକ୍ତି ରଞ୍ଜନ, ବୈଦେହୀ ପ୍ରମୁଖ ଯୋଗ ଦେଇ ଛାତ୍ର ଛାତ୍ରୀ ଓ ଅଭିଭାବକ ମାନଂକୁ ବିଭିନ୍ନ ଶିକ୍ଷା ବିଷୟରେ ଉପାଦେୟ କଥା ଗୁଡିକ କହିଥିଲେ। ପ୍ରଧାନ ଶିକ୍ଷକ ମାନସୀ ପଣ୍ଡା ଉପସ୍ଥିତ ଥିଲେ ଓ ସହକାରୀ ଶିକ୍ଷକ ଗାଲେଖ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଗ୍ରାମ ବାସୀମାନେ ଏହି କାଯ୍ୟକୁ ଭୁୟସୀ ପ୍ରଶଂସା କରିଛନ୍ତି।

## ଏମପିସି କଲେଜରେ ହରଘର ତ୍ରିରଙ୍ଗା ପଦଯାତ୍ରା



ବାରିପଦା, ୧୪/୮ (ନି.ପ୍ର): ସ୍ଥାନୀୟ ତଖତପୁର ସ୍ଥିତ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟରେ ହରଘର ତ୍ରିରଙ୍ଗା ପଦଯାତ୍ରା ଅଧ୍ୟକ୍ଷ ପ୍ରଫେସର ନାରାୟଣ ପ୍ରସାଦ ବେହେରାଙ୍କ ପୌରହିତ୍ୟରେ ଏବଂ ଡ. ଅନାମ ଚରଣ ରାଉଳଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି. ଏହି କାର୍ଯ୍ୟକ୍ରମରେ ଡ. ଆଲବେର୍ଟିନା ତିର୍କୀ, ଡ. ବିଦ୍ୟୁତପ୍ରଭା ଦାସ, ସୁଶ୍ରୀ ରାଇମଣି ମାରର୍ଣ୍ଡି, ଡ. ଦୀପକ କୁମାର ବେହେରା, ଡ. ମନୋଜ କୁମାର ସେଠି, ଡ. ଆଶୁତୋଷ ପ୍ରୟାସ ଦାଶ, ଡ. ପ୍ରିୟବ୍ରତ ବେହେରା, ଡ. ନରେନ୍ଦ୍ର ପ୍ରସାଦ ବେହେରା, ଡ. ପ୍ରଭାକର ଦୁଆରୀ, ଡ. ଦୟାନିଧି ପରିଡା, ଅଲେକ୍ସ ହେମ୍ବ୍ରମ, ରଶ୍ମିତା ନାଏକ, ସୁରେଶ ଚନ୍ଦ୍ର ପାତ୍ର, ସତ୍ୟନାରାୟନ ବାରିକ ଏବଂ ଅନ୍ୟ ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀ ଉପସ୍ଥିତ ରହି ପଦଯାତ୍ରାକୁ ସଫଳ କରିଥିଲେ।

## ବିପଦ ସଂକେତର ବହୁ ଉର୍ଦ୍ଧ୍ୱରେ ଜଳକା: ବିଭିନ୍ନ ପଞ୍ଚାୟତର ଗାଁ ରାସ୍ତାରେ ବନ୍ୟାପାଣି ଲହରି ଛୁଟୁଛି, ଅଧିକାଂଶ ମାଟିଘର ଭୁଷୁଡି ପଡିଛି

ବସ୍ତା, ୧୪/୮ (ନି.ପ୍ର): ଗତକାଲି ଓ ଆଜି ପ୍ରବଳ ବର୍ଷା ଯୋଗୁଁ ଜଳକାରେ ପଞ୍ଚମ ଥର ବନ୍ୟା ଆସି ବ୍ୟାପକ ଅଞ୍ଚଳ ଜଳମଗ୍ନ କରି ଦେଇଛି ।ବସ୍ତାର ବାହାର୍ଦ୍ଦା ଓ ମଥାନୀ ମଧ୍ୟରେ ସଡ଼କ ବୁଡି ୫ ଫୁଟ ଉଚ୍ଚରେ ବନ୍ୟା ସ୍ରୋତ ଛୁଟୁଛି ।ଫଳରେ ଯାତାୟାତ ବାଧାପ୍ରାପ୍ତ ହୋଇଛି ।ବସ୍ତା ବ୍ଲକର ମଥାନୀ ଠାରେ ଏହି ନଦୀର ବିପଦ ସଙ୍କେତ ସ୍ତର୬.୫୦ ଥିବା ବେଳେ ଆଜିସଂଧ୍ୟାରେ ଜଳସ୍ତର ୭.୨୮ ମିଟର ରେ ପ୍ରବାହିତ ହେଉଛି । ଅପରପକ୍ଷରେ ବର୍ଷା ଓ ବନ୍ୟା ପାଣି ମାଡ଼ି ଯାଇ ବସ୍ତା ବ୍ଲକର କଟିପୋଲ ରୁ ରାଉତପଡା ରାସ୍ତାରେ ୩ଫୁଟ ପାଣି ଚାଲୁଥିବାବେଳେ କୁଡିଆ ପଞ୍ଚାୟତ ଗାନ୍ଧିଛକ କୁଡିଆଚଟାଣ ରେ ୩ଫୁଟ ପାଣି ଓ ଜମାଲପୁର. କଦଳୀହଣ୍ଡା.ଜମୁନାପଦା. ବେଲା. ଓ ବେଗୁନିଆଁ ଗ୍ରାମ ରାସ୍ତା ପାଣି ବନ୍ଦିରେ । ସେହିପରି ମଥାନୀ ପଞ୍ଚାୟତ ଲକ୍ଷ୍ମଣାପଡା ଓ ଶିବଗଡିଆ ଗ୍ରାମ ରାସ୍ତାରେ ୩ଫୁଟ ପାଣି ଚାଲିଥିବା ବେଳେ ରବି ନ୍ଦ୍ର ବେହେରା ୩ବଖରା ମାଟିଘରେ ପାଣି ପଶିଛି । ସେହିପରି ଲକ୍ଷ୍ମଣାପଡା ଗ୍ରାମର ଅର୍ଜ୍ଜୁନ ସିଂହ ୩ବଖରା ମାଟିଘରେ ପାଣି ପଶିଛି ।ପୋଡାପୁଡା ଗ୍ରାମର ମାହ୍ଲୁ ଜେନା ୨ବଖରା ପଣ୍ଡରୁଙ୍ଗି,ସାନଖୁଡି ହରିଜନ ସାହି, ଗିରିସାହି, ଜଳ ବନ୍ଦିରେ ୪୦ପରିବାର ରହିଛନ୍ତି । କୁଣ୍ଡେଇ ଗ୍ରାମକୁ ଯିବା ରାସ୍ତା ବନ୍ୟା ପାଣି ରେ ବୁଡିଯାଇଛି । ଯାତାୟତ ଠପ ହୋଇ ଯାଇଛି । ବ୍ରାହ୍ମଣଦା ପଞ୍ଚାୟତର ମଧୁଭଣ୍ଡା, ଗୋବର୍ଦ୍ଧନ ପୁର,ରଣା ମଣ୍ଡଳୀ, ଶଚିପଦା,ହଳଦିଆ ପଡ଼ା, ମୁଳିଦା, ବ୍ରାହ୍ମଣଦା, ବରୁଣଗଡ଼ିଆ ପଞ୍ଚାୟତର ସମସ୍ତ ଗାଁ , ସଦାନନ୍ଦପୁର ପଞ୍ଚାୟତର ବାରମାଡିଆ, ବାଉଁଶମୁଖା, ଗୁଣ୍ଡରିସାହି, ଦେଉଳପଡ଼ା , ବାହାର୍ଦ୍ଦା ପଞ୍ଚାୟତର ବାହାର୍ଦ୍ଦା, ଉପର ତାପଣ୍ଡା, ପୁନସିତା, ଦଉପୁର, ପଳାସିଆ, କୁଡିଆ ପଞ୍ଚାୟତର କୁଡିଆ, ମାଛିଆ, ଜମାଲପୁର, ବେଗୁନିଆ, ପେଗରପଡା, ମଥାନୀ ପଞ୍ଚାୟତର ମଥାନୀ,ଶିବ ଗଡିଆ, ଲକ୍ଷ୍ମଣ ପଡ଼ା,ସାନଖୁଡି ,ବଡ଼ ଖୁଡୀ,ବାସୁ ଚକୁରାଇ ପଞ୍ଚାୟତର ସମସ୍ତ ଗାଁ,ଦୁଧହଂସା ପଞ୍ଚାୟତର ସୁନ୍ଦର ହଡା,ପାଇକପଡ଼ା,ଦୁଧ ହଂସା, ଜୟପୁର, ନଳ ବାହାର, ଗୋଠ ଗଡ଼ିଆ, ଦରଡ଼ା ପଞ୍ଚାୟତ, ମୁକୁଳିସି, ଇଡ଼ିଦା ପଞ୍ଚାୟତର କାଳୁଖା, ଉଚ୍ଚପଡ଼ା , ଇଡ଼ିଦା, ସାହାଡା,କଇନଗିରି, ପୁଟୁରା, ତାଡ଼ଦା, ନାବରା, ସିଂଲା,ସଦର ବ୍ଲକର ଶ୍ରୀରାମପୁର, ରସୁଲପୁର, କସିପଦା, ଆଙ୍କୋ, ହଳଦିପଦା, କୁରାଡ଼ିହା, ସାର୍ଥା, ଛାନୁଆ, ବାହାବଳପୁର, ଦୁବୁଲାଗଡି, ଅଲୁମେଦା, କଷାଫଳ, ପଞ୍ଚୁପଡ଼ା, ବଲିଆପାଳ ବ୍ଲକର କୁଣ୍ଡଳି, ବଣିଆ ଡ଼ିହା, ସାଉଡ଼ି, ବୋଲଙ୍ଗ ପ୍ରଭୃତି ପଞ୍ଚାୟତ ଜଳମଗ୍ନ କରିଦେଇଛି। ହଜାର ହଜାର ହେକ୍ଟର ଚାଷ ଜମିରେ ବନ୍ୟାର ଲହଡ଼ି ଖେଳୁଛି। ବାରମ୍ବାର ବନ୍ୟା ଯୋଗୁଁ ଚଳିତ ବର୍ଷ ଧାନ ଚାଷ ଛାର ଖାର ହୋଇ ଯାଇଛି। ପଳପଳା ବନ୍ଧରେ ଘାଇ ହୋଇ ମୁକୁଳିସି ଓ ଦରଡ଼ା ପଞ୍ଚାୟତରେ ନାହିଁ ନ ଥିବା ପରିସ୍ଥିତି ସୃଷ୍ଟି କରିଛି ।ଇତି ମଧ୍ୟ ରେ. କଂଗ୍ରେସ. ବ୍ଲକ ସଭାପତି ସତ୍ୟନାରାୟଣ ଗୁପ୍ତା ଯୁବନେତା ସୁଧାଂଶୁଂଜେନା ରବିନ୍ଦ୍ର ଦାସ, ମନୋଜ ମହାନ୍ତି ବନ୍ୟା ପ୍ରପିଡିତ ଅଞ୍ଚଳ ପରିଦର୍ଶନ କରିଥିଲେ । ବିଜେଡି ବରିଷ୍ଠନେତା ମହାଦେବ ଦାସ ୧୪ନଂ ଜୋନ ଜିଲ୍ଲାପରିଷଦ ବିର୍ଷ୍ଣୁ ପ୍ରିୟା ବୁଗୁଡି. ବରିଷ୍ଠନେତା ଅଖିଳ ବେହେରା, ପୂର୍ଣ୍ଣଚନ୍ଦ୍ର ଜେନା ସମେତ ବହୁ ବିଜେଡିକର୍ମୀ .ବିଜେପି ସାଂସଦ ପ୍ରତିନିଧି ପ୍ରଦୀପ ପଣ୍ଡା. ଦିବାକର ରାଉତ . ଦେବେନ୍ଦ୍ରକବି ସମେତ ବିଜେପିକର୍ମୀ ବନ୍ୟା ଅଞ୍ଚଳ ପରିଦର୍ଶନକରି ଥିଲେ ।ବସ୍ତା ପ୍ରଶାସନ ପକ୍ଷରୁ ବସ୍ତା ତହସିଲଦାର ଶୁସାନ୍ତ ପଟନାୟକ. ବିଡିଓ . ଓଡ୍ରାପଟିମ ଓ ଅଗ୍ନୀଶ୍ରମ ବାହିନୀ ସଜାଗ ଅଛନ୍ତି । ବିପନ୍ନଙ୍କୁ ଯୁଦ୍ଧ କାଳୀନ ଭିତ୍ତିରେ ଉଦ୍ଧାର କାର୍ଯ୍ୟ ଓ ରିଲିଫ ସାମଗ୍ରୀ ପହଞ୍ଚି ଥିଲେ ମଧ୍ୟ ମଥାନୀ ପଞ୍ଚାୟତରେ ୱାଡ ମେମ୍ବର ମାନେ ଗ୍ରାମ ଲୋକମାନଙ୍କୁ ଯୋଗାଇ ଦେଇ ପାରି ନାହାନ୍ତି ।

## ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କଲେ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ

ରେମୁଣା , ୧୪/୮ (ନି.ପ୍ର): ଲଗାତାର ଭୀଷଣ ବର୍ଷାର ପ୍ରଭାବରେ ରେମୁଣା ନିର୍ବାଚନ ମଣ୍ଡଳୀର ବିଭିନ୍ନ ଅଞ୍ଚଳରେ ଜଳସ୍ତର ବୃଦ୍ଧି ପାଇ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ତଳିଆ ଅଞ୍ଚଳ ଗୁଡିକରେ ପାଣି ପ୍ରବେଶ କରି ଲୋକମାନେ ଜଳବନ୍ଦୀ ଅବସ୍ଥାରେ ଅଛନ୍ତି। ଏହି ପରିସ୍ଥିତିକୁ ଦୃଷ୍ଟିରେ ରଖି ସରକାରୀ ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଶ୍ରୀ ଗୋବିନ୍ଦ ଚନ୍ଦ୍ର ଦାସ ନିଜ ନିର୍ବାଚନ ମଣ୍ଡଳୀର ବିଭିନ୍ନ ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିଥିଲେ। ସେ ହରିପୁର, ଦହପଡ଼ା, ନିଜାମପୁର ଆଦି ପଞ୍ଚାୟତ ଗୁଡ଼ିକୁ ବୁଲି ସ୍ଥିତିର ସମୀକ୍ଷା କରିଥିଲେ। ପରିଦର୍ଶନ ସମୟରେ ବିଧାୟକ ଶ୍ରୀ ଦାସ ପ୍ରଭାବିତ ଲୋକଙ୍କ ସହିତ ସକ୍ଷାତ କରି ତାଙ୍କ ସମସ୍ୟା ବିଷୟରେ ବୁଝିଥିଲେ। ଏଥି ସହିତ ଆବଶ୍ୟକ ସ୍ଥାନରେ ପ୍ରଭାବିତ ପରିବାର ମାନଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଥିଲା। ଲଗାତାର ଦ୍ୱିତୀୟ ଥର ଲଗାଣ ବର୍ଷା ହେବାରୁ ଅନେକ ଅଞ୍ଚଳରେ ପାଣି ଜମି ରହିଥିବା ସହ ଲୋକମାନେ ଜଳବନ୍ଦୀ ଅବସ୍ଥାରେ ଅଛନ୍ତି। ଏହି ପରିପ୍ରେକ୍ଷିରେ ସମସ୍ତ ପ୍ରଭାବିତଙ୍କୁ ଆବଶ୍ୟକ ସହାୟତା ଯୋଗାଇବା, ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ କରାଯିବା ପାଇଁ ବିଭିନ୍ନ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିବା ବିଧାୟକ କହିଥିଲେ।

34001/634/2627

OFFICE OF THE SUPERINTENDING ENGINEER
BALESHWAR (ROADS & BUILDINGS) DIVISION-II
AT/PO- BHASKARGANJ, BALESHWAR
CONTACT NO: - 06782-263149
E-mail ID: - eepwdbls2@gmail.com

SHORT TENDER CALL NOTICE

BID INVITATION NO.SE (R and B) BLS-II-13/2026-27

No. 7003 Date. 11/08/26

| | | | |
|---|---|---|---|
| 1 | The Superintending Engineer, Baleshwar (R & B) Division-II, Baleshwar on behalf of the Governor of Odisha invites Percentage rate bids to be received in **ONLINE MODE** only for Roads & Buildings works. | | |
| 2 | No. of Work | : | 1 No. |
| 3 | Nature of Work: | : | Building Work |
| 4 | Class of Contractor: | : | "C" & "B" |
| 5 | Approx. value of work | : | Rs.25.89 Lakhs |
| 6 | Tender Cost: | : | Rs.6,000.00 |
| 7 | Availability of Bid Documents in the website: | : | from **10.00 AM of 17.08.2026 to 1.00 PM of 28.08.2026** |
| 8 | Date of Opening of Bid: | : | Dt.**1.30 PM of 28.08.2026**. |
| 9 | Other details can be seen in the Bidding documents from the website: https://tendersodisha.gov.in. | | |

OIPR: 34001/34155/1/26-27/0004

Superintending Engineer
Baleswar (R&B) Division-II

## ପ୍ରଶାସନ ପକ୍ଷରୁ ଘରେ ଘରେ ତ୍ରିରଙ୍ଗା କାର୍ଯ୍ୟକ୍ରମ



ବାଲିଆପାଳ , ୧୪/୮ (ନି.ପ୍ର): ଆସନ୍ତା ୮୦ତମ ସ୍ୱାଧୀନତା ଦିବସ ଉପଲକ୍ଷେ ବାଲେଶ୍ୱର ଜିଲ୍ଲାର ବାଲିଆପାଳ ବ୍ଲକ ପ୍ରଶାସନ ପକ୍ଷରୁ 'ଘରେ ଘରେ ତ୍ରିରଙ୍ଗା' କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ବାଲିଆପାଳ ବ୍ଲକ ବିଡିଓ ରାଧାରଞ୍ଜନ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବ୍ଲକ ଜିପିଡିଓ ପ୍ରିୟବ୍ରତ ଗିରି, ଏବିଡିଓ ଶରତ କୁମାର ମୁଦୁଲି, ମଙ୍ଗଳ ଅଧିକାରୀ ଉଦିତ କୁମାର ମହାପାତ୍ର ଙ୍କ ସମେତ ବ୍ଲକର ଅନ୍ୟ କର୍ମଚାରୀ ଏବଂ ବିଭିନ୍ନ ପଞ୍ଚାୟତର ଏମବିକେ, ସିଆରପି ଏବଂ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଯୋଗଦେଇଥିଲେ ।ଏହି ଅବସରରେ ସମସ୍ତେ ହାତରେ ଜାତୀୟ ପତାକା ଧରି ବ୍ଲକ ପରିସରରୁ ଏକ ତ୍ରିରଙ୍ଗା ରାଲିରେ ବାହାରି ପୂର୍ତ୍ତ ବିଭାଗର ଡାକବଙ୍ଗଳା ପର୍ଯ୍ୟନ୍ତ ଯାଇଥିଲେ। ରାଲି ମାଧ୍ୟମରେ ଜନସାଧାରଣଙ୍କ ମନରେ ଦେଶପ୍ରେମର ଭାବନା ଜାଗ୍ରତ କରିବା ସହ ଜାତୀୟ ପତାକା ପ୍ରତି ସମ୍ମାନ ସୃଷ୍ଟି କରିବା ନେଇ ସଚେତନତା ସୃଷ୍ଟି କରାଯାଇଥିଲା। ସ୍ୱାଧୀନତା ଦିବସର ମହତ୍ତ୍ୱକୁ ଘରେ ଘରେ ପହଞ୍ଚାଇବା ଏବଂ ପ୍ରତ୍ୟେକ ନାଗରିକଙ୍କ ମନରେ ଦେଶପ୍ରେମର ଭାବନାକୁ ଆହୁରି ସୁଦୃଢ଼ କରିବା 'ଘରେ ଘରେ ତ୍ରିରଙ୍ଗା' କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବୋଲି ବ୍ଲକ ପ୍ରଶାସନ ପକ୍ଷରୁ କୁହାଯାଇଛି।

## ଶୁଭେଚ୍ଛା



ପବିତ୍ର ସ୍ୱାଧୀନତା ଦିବସ- ୨୦୨୬ ପାଳନ ଅବସରରେ ମୁଁ ମୋ ଦେଶର ଅଗଣିତ ଭାଇ ଭଉଣୀମାନଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି । ଆସନ୍ତୁ ଆମେ ସମସ୍ତେ ସ୍ୱାଧୀନ ଦେଶର ସନ୍ତାନ ଭାବେ ଦେଶ ଗଠନରେ ସହଭାଗୀ ହେବା ।

**ବସନ୍ତ ଲତା ପଟ୍ଟନାୟକ**

ସାଂସଦ ପ୍ରାର୍ଥୀନୀ, ପ୍ରତିମା ସେବା ସଦନ
ତେଲେଙ୍ଗା ସାହି, ବାଲେଶ୍ୱର

## ଶୁଭେଚ୍ଛା



ଦେଶର ୮୦ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ସମସ୍ତଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ । ଆସନ୍ତୁ ସମସ୍ତେ ମିଳିମିଶି ଏକ ସୁସ୍ଥ, ସୁନ୍ଦର ଦେଶ ଗଠନ କରିବାର ଶପଥ ନେବା ।

**ସୁଶାନ୍ତ କୁମାର ଦାସ**

ବରିଷ୍ଠ ସାମ୍ବାଦିକ ଓ ସମାଜସେବୀ
ସୋର, ବାଲେଶ୍ୱର

## ଶୁଭେଚ୍ଛା



ପବିତ୍ର ସ୍ୱାଧୀନତା ଦିବସ- ୨୦୨୬ ପାଳନ ଅବସରରେ ମୁଁ ମୋ ରାଜ୍ୟ ତଥା ଜିଲ୍ଲାର ଅଗଣିତ ଭାଇ ଭଉଣୀମାନଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି । ଆସନ୍ତୁ ଆମେ ସମସ୍ତେ ସ୍ୱାଧୀନ ଦେଶର ସନ୍ତାନ ଭାବେ ଦେଶ ଗଠନରେ ସହଭାଗୀ ହେବା ।

**ଶ୍ରୀହରି ପଣ୍ଡା**

ବରିଷ୍ଠ ପ୍ରାଧ୍ୟାପକ ଓ ଲେଖକ
ଗୌଡ଼ଗାଁ, କପ୍ତିପଦା, ମୟୂରଭଞ୍ଜ

## ଶୁଭେଚ୍ଛା



ଦେଶର ୮୦ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ସମସ୍ତଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ । ଆସନ୍ତୁ ସମସ୍ତେ ମିଳିମିଶି ଏକ ସୁସ୍ଥ, ସୁନ୍ଦର ଦେଶ ଗଠନ କରିବାର ଶପଥ ନେବା ।

**ଇଂ. ଅଶ୍ୱିନୀ କୁମାର ଦଣ୍ଡପାଟ**

ଅବସରପ୍ରାପ୍ତ ମୁଖ୍ୟ ନିର୍ମାଣ ଯନ୍ତ୍ରୀ
ପୂର୍ତ୍ତ ବିଭାଗ, ଓଡିଶା



# ସୁବର୍ଣ୍ଣରେଖାରେ ବନ୍ୟା ଆଶଙ୍କାକୁ ନେଇ ଜଳେଶ୍ୱର ବ୍ଲକରେ ଜରୁରୀକାଳୀନ ବୈଠକ



ଜଳେଶ୍ୱର, ୧୪/୮ (ନି.ପ୍ର): ସୁବର୍ଣ୍ଣରେଖା ନଦୀରେ ଜଳସ୍ତର ବୃଦ୍ଧି ପାଉଥିବାରୁ ଜଳେଶ୍ୱର ବ୍ଲକ ଅଞ୍ଚଳରେ ସମ୍ଭାବ୍ୟ ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ବ୍ଲକ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ପାଇଁ ଜରୁରୀକାଳୀନ ବୈଠକ ଏବିଡ଼ିଓ ସୁଧୀର କୁମାର ସାହୁଙ୍କ ଅଧକ୍ଷତାରେ ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ସ୍ଥିତିର ମୁକାବିଲା ପାଇଁ ପ୍ରଶାସନ ପକ୍ଷରୁ ସୁବର୍ଣ୍ଣରେଖା ନଦୀର ସାମ୍ପ୍ରତିକ ଜଳସ୍ତର ଓ ବନ୍ୟା ପରିସ୍ଥିତିର ନିୟମିତ ଅନୁଧ୍ୟାନ କରି ସମ୍ଭାବ୍ୟ ବନ୍ୟା ମୁକାବିଲା ପାଇଁ ବ୍ଲକ ସ୍ତରରେ ଜରୁରୀ କାର୍ଯ୍ୟପନ୍ଥା ଗ୍ରହଣ କରାଯାଇଛି । ବିପନ୍ନ ଅଞ୍ଚଳରେ ତୁରନ୍ତ ଉଦ୍ଧାର କାର୍ଯ୍ୟ, ସ୍ଥାନାନ୍ତରଣ ଏବଂ ରିଲିଫ ବଣ୍ଟନ ପାଇଁ ଯୋଜନା ପ୍ରସ୍ତୁତ କକରାଯାଇଛି । ଏହି ବୈଠକରେ ବ୍ଲକ ଅଧକ୍ଷ ମାନସ କୁମାର ଜେନା, ସମାଜ ମଙ୍ଗଳ ଅଧିକାରୀ ସଯତ୍ ଅନୁପମ ଉପସ୍ଥିତ ରହି ପଙ୍ଖାନୁ ପୁଙ୍ଖ ଆଲୋଚନା କରାଯାଇଥିଲା ।ଏହି ବୈଠକରେ ପଞ୍ଚାୟତ ସମିତିର ସଦସ୍ୟ/ସଦସ୍ୟା, ସରପଞ୍ଚମାନେ ଉପସ୍ଥିତ ଥିଲେ ।

# ଜିଲ୍ଲାସ୍ତରୀୟ ବେଟି ବଚାଓ ବେଟି ପଢାଓ କାର୍ଯ୍ୟକ୍ରମ

ଖୋର୍ଦ୍ଧା, ୧୪/୮ (ନି.ପ୍ର): କଲେକ୍ଟ୍ରେଟ୍ କନଫରେନ୍ସ କକ୍ଷରେ ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟ ପକ୍ଷରୁ 'ବେଟି ବଚାଓ ବେଟି ପଢାଓ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, କୁସୁମ କୁମାରୀ ପ୍ରହରାଜ , ପୋଲିସ ସୁପରିଟେନଡ୍ଜେନ୍ଟ, ଏଡିଏମ ଜେନେରାଲ ଖୋର୍ଦ୍ଧା, ସିଡମ, ପିଏଚ୍ଓ ଖୋର୍ଦ୍ଧା, ଏସ୍ଏସଏସଓ, ଡବ୍ଲୁଇଓ, ବିଡିଓ, ଏବିଡିଓ, ଜିପିଡିଓ, ସମସ୍ତ ସିଡିପିଓ, ସିଡବ୍ଲୁସି ମେମ୍ବର, ଡ଼ାଲ୍ସା ର ଅଫିସର ସମସ୍ତ ହବ ଷ୍ଟାଫ ,ପ୍ରୋଗ୍ରାମ ଅଫିସର ଏବଂ ଶକ୍ତି ସଦନ ର ସୁପରିଟେଣ୍ଡେଣ୍ଟ ମାନେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ସଫଳ ରୁପାନ୍ତରିକରଣକୁ ନେଇ ଖୋର୍ଦ୍ଧା ଏଡିମ୍ ଜେନେରାଲ ଗୁରୁତ୍ୱ ଦେଇଥିଲେ । ଉଦବୋଧନ ଦେବା ସହ ସେ ସମସ୍ତ ଲାଇନ ଡିପାର୍ଟମେଣ୍ଟ ଅଧିକାରୀମାନଙ୍କ ସହଯୋଗ ଦ୍ୱାରା ସବୁ ଦିଗ ପ୍ରତି କିପରି ଆଲୋକପାତ କରାଯାଇପାରିବ ସେହି ବିଷୟରେ କହିଥିଲେ । ବିଶେଷ କରି କନ୍ୟା ରତ୍ନକୁ ଯତ୍ନ କରିବା, ତାକୁ ସୁରକ୍ଷା ଦେବା ସହ ଭ୍ରୁଣ ହତ୍ୟାରୁ କିପରି ନିବୃତ ରହି ଜନସାଧାରଣଙ୍କ ଭିତରେ ସଚେତନତା ସୃଷ୍ଟି କରିବା, ସେ ବିଷୟରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କୁ ଦାୟିତ୍ୱ ଦେଇଥିଲେ ।ପରିଶେଷରେ ଡିସି ହବ୍ ସମିତା ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରି କାର୍ଯ୍ୟକ୍ରମକୁ ସମାପ୍ତ କରିଥିଲେ ।









❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❒ Editor: Sairindhree Sahoo
❒ Managing & Executive Editor : Srustidhar Parida